# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ’ ୩୦/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, May 30/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 184 | ମୂଲ୍ୟ₹୭/-




**ବର୍ଷକୁ ଗୋଟିଏ ଫିଲ୍ମ କରିବେ ଅନୁଷ୍କା**

ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ନିକଟରେ ଏକ ଇଭେଣ୍ଟରେ ଯୋଗଦେଇ ବର୍ଷକୁ ମାତ୍ର ଗୋଟିଏ ଫିଲ୍ମ କରିବେ ବୋଲି କହିଛନ୍ତି।

୧୧

୧୪

**ପ୍ରତ୍ୟାଶାଙ୍କୁ ଆଉ ଏକ ସ୍ୱର୍ଣ୍ଣ**

ଉତ୍ତର ପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସୁଇମିଂ ଇଭେଣ୍ଟରେ ଓଡ଼ିଶାର ପ୍ରତ୍ୟାଶା ରାୟ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



**ଆଇପିଏଲ୍ ଫାଇନାଲ**



ସାଇ ସୁଦର୍ଶନଙ୍କ ଧୂଆଁଧାର ବ୍ୟାଟିଂ

# ଅର୍ଥ ଆସୁନି, କାମ ଆଗଉନି

## ୮ବର୍ଷ ପରେ ବି ଘୋଷଣାରେ ସୀମିତ କୋଷ୍ଟାଲ୍ ହାଇୱେ ପ୍ରକଳ୍ପ

**ପଶ୍ଚିମବଙ୍ଗ ଦୀଘା ବେଳାଭୂମିଠାରୁ ଓଡ଼ିଶାର ଗୋପାଳପୁର ପର୍ଯ୍ୟନ୍ତ ଲମ୍ବିଥିବା ଦୀର୍ଘ ୪୫୧ କି.ମି. ପରିମିତ ବିସ୍ତୀର୍ଣ୍ଣ ବେଳାଭୂମିର ପର୍ଯ୍ୟଟନ ବିକାଶ ସାଙ୍ଗକୁ ତଟକୂଳ ସୁରକ୍ଷା ଓ ମାଲ ପରିବହନ ପାଇଁ କୋଷ୍ଟାଲ ହାଇୱେ ନିର୍ମାଣ କରିବାକୁ ୨୦୧୫ ଏପ୍ରିଲ ୧୫ରେ କେନ୍ଦ୍ର ଭୂପୃଷ୍ଠ ଓ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଘୋଷଣା କରିଥିଲେ। ଏଥିପାଇଁ ୭,୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ହେଲେ କେନ୍ଦ୍ର ଅର୍ଥ ମଞ୍ଜୁର କରୁ ନ ଥିବାରୁ ଘୋଷଣାର ୮ବର୍ଷ ପରେ ମଧ୍ୟ କାମ ଆରମ୍ଭ ହୋଇପାରୁନି।**

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୨୯।୫

କୋଷ୍ଟାଲ ହାଇୱେ ନିର୍ମାଣ ହେଲେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଷ୍ଟାଲ୍ ହାଇୱେ ନିର୍ମାଣ ପ୍ରକଳ୍ପ ଯୋଜନାର ଘୋଷଣା କରାଯାଇଥିଲା। ଏପରି କି ସର୍ଭେ କାର୍ଯ୍ୟ ମଧ୍ୟ ଶେଷ ହୋଇଥିଲା। ହେଲେ ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ ହୋଇଥିବା ଟଙ୍କା ଆସି ନ ପାରିବାରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଅପରପକ୍ଷରେ ରାଜ୍ୟ ସରକାର ଏହି ଘୋଷଣା ପରେ ଦୀଘାଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ୪୫.୫ କି.ମି. ଉପକୂଳ ରାସ୍ତା ନିର୍ମାଣ ଓ ସୁବର୍ଣ୍ଣରେଖା ପୋଲ ନିର୍ମାଣ ପାଇଁ ୨୧୭ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ରଖିଥିଲେ। ଏନେଇ ପୂର୍ତ୍ତ ବିଭାଗ ବ୍ୟୟ ଅଟକଳ କରି କି.ମି. ପିଛା ୧.୫ କୋଟି ହିସାବରେ ମୋଟ୍ ୪୫.୫ କି.ମି. ରାସ୍ତା ନିର୍ମାଣ ବାବଦରେ ୬୮କୋଟି ୨୫ଲକ୍ଷ, ୬ଟି ପୋଲ ନିର୍ମାଣ ପାଇଁ ୧୨କୋଟି ୮୦ଲକ୍ଷ, ସୁବର୍ଣ୍ଣରେଖା ନଦୀ ଉପରେ ପୋଲ ନିର୍ମାଣ ପାଇଁ ୧୨୦ କୋଟି ଓ ୩୦ଟି ବକ୍ସ କଲଭର୍ଟ ପାଇଁ ୧୫କୋଟି ୨୫ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିଥିଲା। ସେହିଭଳି ହଳଦୀପଦାଠାରେ ୬୦ ନମ୍ବର ଜାତୀୟ ରାଜପଥକୁ ଏହି ରାସ୍ତା ସଂଯୋଗ କରୁଥିବାରୁ ହଳଦୀପଦାରୁ ପଞ୍ଚୁପଡ଼ା ଯାଏ ରାସ୍ତା ଓ ପଞ୍ଚୁପଡ଼ା ନଦୀ ଉପରେ ଆଉ ଏକ ପୋଲ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇ ସମ୍ପୂର୍ଣ୍ଣ ରିପୋର୍ଟ କେନ୍ଦ୍ର ସରକାର ନିକଟକୁ ପଠାଯାଇଥିଲା। ଏହି ରାସ୍ତା ନିର୍ମାଣ ହେଲେ ବାଲେଶ୍ୱରକୁ ପ୍ରାୟ ୧୭କି.ମି. ଦୂରତା କମିଯିବ। ତା’ଛଡ଼ା ଦୀଘା, ତାଳସାରୀ, ଉଦୟପୁର, ଡଗରା, ବଳରାମଗଡ଼ି ତଥା ଚାନ୍ଦିପୁର ସାମୁଦ୍ରିକ ବେଳାଭୂମିକୁ ଏହି ରାସ୍ତା ସିଧାସଳଖ ସଂଯୋଗ କରୁଥିବାରୁ ବେଳାଭୂମି ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ବିକାଶ ମଧ୍ୟ ହୋଇପାରିବ। ଏଥିସହିତ ବାଲେଶ୍ୱର ସଦର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକର ବନ୍ୟା ପ୍ରଭାବିତ ତଥା ଦୁର୍ଗମ ଅଞ୍ଚଳକୁ ଯାତାୟାତ ସୁବିଧା ସହିତ ବାଲେଶ୍ୱର ଏମ୍‌ସ ସାଟେଲାଇଟ୍ ହସ୍‌ପିଟାଲ, ଫକୀରମୋହନ ମେଡିକାଲ କଲେଜ, ଚାନ୍ଦିପୁର ସାମରିକ କେନ୍ଦ୍ର ଆଦିକୁ ଏହି ରାସ୍ତା ସହାୟକ ହୋଇପାରିବ ବୋଲି କୁହାଯାଇଥିଲା। ସେପଟେ କେନ୍ଦ୍ର ସରକାର ମଧ୍ୟ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରକଳ୍ପ ବାବଦ ଅର୍ଥ ମଞ୍ଜୁର କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର କୋଷ୍ଟାଲ ହାଇୱେ ହେବାର ୮ବର୍ଷ ପରେ ବି ଏହି ପ୍ରକଳ୍ପ ଘୋଷଣାରେ ସୀମିତ ରହିଛି। ବର୍ତ୍ତମାନ ନା ହାଇୱେ ନିର୍ମାଣ ହେଉଛି ନା ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଉପକୂଳ ରାସ୍ତା ନିର୍ମାଣ ହେଉଛି। କେବଳ ଭୋଟ ସାଉଁଟିବା ☞ପୃଷ୍ଠା–୪




ପ୍ରସ୍ତାବିତ କୋଷ୍ଟାଲ ହାଇୱେ ପ୍ରକଳ୍ପର ମାନଚିତ୍ର।

## ସାଇ ସୁଦର୍ଶନଙ୍କ ଶ୍ରେଷ୍ଠ ଇନିଂସ

**ଅହମଦାବାଦ, ୨୯।୫:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସୋମବାର ଅନୁଷ୍ଠିତ ମେଗା ଫାଇନାଲରେ ସୁନ୍ଦର ବ୍ୟାଟିଂ କରିଛନ୍ତି ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ। ଚେନ୍ନାଇ ସୁପର କିଙ୍ଗ୍ସ ବୋଲରଙ୍କୁ ସଫଳ ମୁକାବିଲା କରି ସେ ୯୬ ରନର ମୂଲ୍ୟବାନ ଇନିଂସ ଖେଳିଥିବାବେଳେ ଗତଥରର ଚାମ୍ପିୟନ ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରିଛି। ରବିବାର ବର୍ଷା ଯୋଗୁ ଫାଇନାଲ ସମ୍ଭବ ହୋଇ ନ ଥିବାରୁ ସୋମବାର ରିଜର୍ଭ ଦିବସରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ତେବେ ଚେନ୍ନାଇ ସୁପର କିଙ୍ଗ୍ସ ୩ ଟି ବଲ୍ ଖେଳି ୪ ରନ୍ କରିଥିବାବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ପରିବେଶକୁ ଦୃଷ୍ଟିରେ ରଖି ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ଗୁଜରାଟ ଏଠାରେ ମଧ୍ୟ ଭଲ ଆରମ୍ଭ କରିଥିଲା। ଟପ୍ ଫର୍ମରେ ଥିବା ଶୁବମନ ଗିଲ୍ ଏବଂ ରିଦ୍ଧିମାନ ଶାହା ଦ୍ରୁତ ହାରରେ ରନ୍ ସଂଗ୍ରହ କରି ଗୁଜରାଟର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୪୨ ବଲ୍‌ରୁ ୬୭ ରନ ସଂଗ୍ରହ କରିଥିଲେ। ୭ମ ଓଭରର ଶେଷ ବଲ୍‌ରେ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଗିଲ୍‌ଙ୍କୁ ଧୋନୀ ଷ୍ଟମ୍ପିଂ କରି ଦେଇଥିଲେ। ଫଳରେ ଚେନ୍ନାଇକୁ ପ୍ରଥମ ବ୍ରେକ୍‌ଥ୍ରୁ ମିଳିଥିଲା। ଗିଲ୍ ୨୦ ବଲ୍‌ରୁ ୩୯ (୭ ଚୌକା) ରନ କରିଥିଲେ। ତାଙ୍କ ସ୍ଥାନରେ ସାଇ ସୁଦର୍ଶନ କ୍ରିଜରେ ଯୋଗଦେଇ ଶାହାଙ୍କ ସହ ଇନିଂସ ଆଗେଇ ନେଇଥିଲେ। ଇତିମଧ୍ୟରେ ଶାହା ଉପଯୋଗୀ ଅର୍ଦ୍ଧଶତକ ହାସଲ କରିଥିଲେ। ☞ପୃଷ୍ଠା–୪

# ସବୁ କଚ୍ଚାଘର ହେବ ପକ୍କା

**ରାଜ୍ୟ ସରକାର ଆରମ୍ଭ କଲେ ‘ମୋ ଘର’ ଯୋଜନା**

- ଜୁନ୍ ୧୬ରୁ ହିତାଧିକାରୀ ଆବେଦନ କରିପାରିବେ
- ହିତାଧିକାରୀଙ୍କୁ ମିଳିବ ୩ ଲକ୍ଷ ଯାଏ ଋଣ
- ସାଧାରଣ ବର୍ଗଙ୍କୁ ୩୦ରୁ ୬୦ ହଜାର, ଏସ୍‌ସି/ଏସ୍‌ଟି, ଭିନ୍ନକ୍ଷମଙ୍କୁ ୪୦ରୁ ୭୦ ହଜାର ଯାଏ ସବ୍‌ସିଡି
- ୧୮ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର
- ୩୩ ଜିଲା ପାନୀୟ ଜଳ ପ୍ରକଳ୍ପ ପାଇଁ ୨୩୦୦ କୋଟି ଟେଣ୍ଡରକୁ ଅନୁମୋଦନ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ବିଜେଡି ସରକାରର ପଞ୍ଚମ ପାଳିର ୪ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗ୍ରାମାଞ୍ଚଳକୁ ନୂଆ ଯୋଜନା ଭେଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଯୋଜନାରେ ପକ୍କାଘର ପାଇବାକୁ ଯୋଗ୍ୟ ବିବେଚିତ ହେଉ ନ ଥିବା ଏବଂ ପକ୍କା ଘର ନ ଥିବା ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ‘ମୋ ଘର’ ନାମରେ ନୂଆ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଆସନ୍ତା ୨ ବର୍ଷ ପାଇଁ ରାଜ୍ୟ ସରକାର ୪ ଲକ୍ଷ ହିତାଧିକାରୀଙ୍କ ପାଇଁ ୨୧୫୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଏ ସମ୍ପର୍କିତ ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ସାଧାରଣ ନିର୍ବାଚନକୁ ଆଉ କିଛି ମାସ ବାକି ରହିଛି। ଗ୍ରାମାଞ୍ଚଳ ଭୋଟରଙ୍କ ଉପରେ ଏବେ ନଜର। ଗ୍ରାମାଞ୍ଚଳ ଭିତ୍ତିଭୂମିଠାରୁ ଆରମ୍ଭ କରି ବାସଗୃହ ଓ ପାନୀୟ ଜଳ ଯୋଗାଣ ଉପରେ ରାଜ୍ୟ ସରକାର ଅଧିକ ଫୋକସ ଦେଉଛନ୍ତି ବୋଲି ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ କୁହାଯାଉଛି।

ବର୍ତ୍ତମାନର ଗୃହ ନିର୍ମାଣ ଯୋଜନାରେ ଥିବା କଠୋର ଚୟନ ମାନଦଣ୍ଡ ଦ୍ୱାରା ବାଦ୍ ପଡ଼ିଥିବା ପରିବାର କିମ୍ବା ସ୍ୱଳ୍ପ ଗୃହ ମଞ୍ଜୁର ଲକ୍ଷ୍ୟ ଧାର୍ଯ୍ୟ କାରଣରୁ ବଞ୍ଚିତ ଥିବା ପରିବାର ଏହି ନୂତନ ଯୋଜନାରେ ଉପକୃତ ହୋଇପାରିବେ। ସେହିପରି ପୂର୍ବରୁ ସ୍ୱଳ୍ପ ଗୃହ ନିର୍ମାଣ ସହାୟତା ପାଇଥିବା ପରିବାର ମଧ୍ୟ ଏହି ଯୋଜନା ମାଧ୍ୟମରେ ନିଜ ଗୃହର ଉନ୍ନତୀକରଣ ଅଥବା ସମ୍ପ୍ରସାରଣ କରିପାରିବେ। ଯଦି କୌଣସି ପରିବାର କଚ୍ଚା ଘରେ କିମ୍ବା ଗୋଟିଏ କଠୋରି ଥିବା କଂକ୍ରିଟ ଛାତ ଘରେ ବସବାସ କରୁଥିବେ ଏବଂ ପୂର୍ବରୁ ସରକାରଙ୍କଠାରୁ କୌଣସି ଗୃହ ନିର୍ମାଣ ସହାୟତା ପାଇ ନଥିଲେ ଏହି ଯୋଜନାର ଲାଭ ପାଇପାରିବେ। ତେବେ କୌଣସି ହିତାଧିକାରୀ ୭୦ ହଜାର ଟଙ୍କାରୁ କମ୍ ପରିମାଣର ସହାୟତା ପାଇଥିଲେ ଏବଂ ସେମାନଙ୍କର ମାସିକ ଆୟ ୨୫ ହଜାର ଟଙ୍କାରୁ କମ୍ ଥିଲେ, ଅଣବ୍ୟବସାୟିକ ମୋଟରଚାଳିତ ଚାରିଚକିଆ ଯାନ ନ ଥିଲେ, ପରିବାରର କୌଣସି ସଦସ୍ୟ ସରକାରୀ କିମ୍ବା ସରକାରୀ ଉଦ୍ୟୋଗରେ ନିୟମିତ କର୍ମଚାରୀ କିମ୍ବା ପେନସନଭୋଗୀ ହୋଇ ନ ଥିଲେ, ୫ ଏକରରୁ କମ୍ ଜଳସେଚିତ କିମ୍ବା ୧୫ ଏକରରୁ କମ୍ ଅଣଜଳସେଚିତ ଜମି ଥିଲେ ସେହି ପରିବାରଙ୍କୁ ମୋ ଘର ଯୋଜନାରେ ସହାୟତା ମିଳିପାରିବ।

ଯୋଜନାରେ ହିତାଧିକାରୀ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇପାରିବେ। ପ୍ରଥମ ବର୍ଷର ରିହାତି ଅବଧିକୁ ବାଦ୍ ଦେଇ ପରବର୍ତ୍ତୀ ୧୦ ବର୍ଷ ମଧ୍ୟରେ ଋଣ ପରିଶୋଧ କରିବାକୁ ହେବ। ଏହି ଯୋଜନାରେ ୧ ଲକ୍ଷ, ୧.୫ ଲକ୍ଷ, ୨ ଲକ୍ଷ ଓ ୩ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ବ୍ୟବସ୍ଥା ରହିଛି। ଏଥିମଧ୍ୟରୁ ଆବେଦନକାରୀଙ୍କୁ ଗୋଟିଏ ପ୍ରକାରର ଋଣକୁ ବାଛିବାକୁ ହେବ। ଏହି ସବୁ ପ୍ରକାର ଋଣ ☞ପୃଷ୍ଠା–୪

# ୨୦ ଦିନର ଶିଶୁକନ୍ୟାକୁ ବିଷ ଇଞ୍ଜେକ୍ସନ ଦେଲେ ବାପା

ନୀଳଗିରି, ୨୯।୫(ସ୍ୱ.ପ୍ର.)



ଚନ୍ଦନ ମାହାର୍ଣ୍ଣା

ଝିଅଟିଏ ଜନ୍ମ ହେଲେ ଘରକୁ ଲକ୍ଷ୍ମୀ ଆସିଛନ୍ତି ବୋଲି ସମସ୍ତେ କହି ଖୁସି ହୋଇଥାନ୍ତି। ସବୁଠୁ ଅଧିକ ଖୁସି ହୋଇଥାନ୍ତି ଜନ୍ମଦାତା ବାପା। ହେଲେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଝିଅ ଚାହୁଁ ନ ଥିବା ଜଣେ ବାପା ତାଙ୍କ ୨୦ ଦିନର ଶିଶୁକନ୍ୟା ଦେହରେ ବିଷ ଇଞ୍ଜେକଶନ ଦେଇ ମାରିବାକୁ ଉଦ୍ୟମ କରିବା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ଶିଶୁକନ୍ୟା ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜୀବନ ସହ ସଂଘର୍ଷ କରୁଥିବା ବେଳେ ନୃଶଂସ ବାପାଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

ଆସନ୍ତା ମଙ୍ଗଳବାର ଥିଲା ଶିଶୁକନ୍ୟାର ଏକୋଇଶିଆ ପୂଜା। ସ୍ତ୍ରୀ ନୀଳଗିରି ଥାନା ଅଧୀନ ସିଙ୍ଗିରି ଗ୍ରାମସ୍ଥିତ ବାପଘରେ ରହୁଥିବାରୁ ରବିବାର ଶ୍ୱଶୁର ଘରକୁ ଆସିଥିଲେ ସ୍ୱାମୀ ଚନ୍ଦନ ମାହାର୍ଣ୍ଣା। ଶ୍ୱଶୁର ଘରେ ପୂଜା ପାଇଁ ଚାଲିଥିଲା ଜୋରସୋରରେ ପ୍ରସ୍ତୁତି। ତେବେ ଝିଅ ଜନ୍ମ ପରେ ଖୁସି ନ ଥିବା ଚନ୍ଦନ ଜନ୍ମିତ ଶିଶୁକନ୍ୟାକୁ ରାସ୍ତାରୁ ହଟାଇ ଦେବାକୁ ମନେ ମନେ ଯୋଜନା କରିଥିଲେ। ସୋମବାର ପୂର୍ବାହ୍ନରେ ଶିଶୁକନ୍ୟାର ମା’ ଶୌଚ ପାଇଁ ଯାଇଥିବା ବେଳେ ପୂର୍ବରୁ ମାନସିକ ଭାବେ ପ୍ରସ୍ତୁତ ଥିବା ଚନ୍ଦନ ଶିଶୁକନ୍ୟାକୁ ବିଷ ଇଞ୍ଜେକଶନ ଦେଇଥିଲେ। ଫଳରେ ଶିଶୁଟି ଜୋରରେ ଚିତ୍କାର ☞ପୃଷ୍ଠା–୪

# ଭାଜପା ନେତ୍ରୀଙ୍କୁ ପଥରରେ ଛେଚି ହତ୍ୟା

**ପାଲା ବାୟକ ହତ୍ୟା କରିଥିବା ଅଭିଯୋଗ**

ଢେଙ୍କିକୋଟ/ଘଟଗାଁ/କେନ୍ଦୁଝର, ୨୯।୫(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବିନିଦା ପଞ୍ଚାୟତ ବିନିଦା ଗ୍ରାମରେ ରବିବାର ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତ ଜଣେ ଭାଜପା ନେତ୍ରୀଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ସେ ହେଲେ ପଣ୍ଡାପଡ଼ା ମଣ୍ଡଳ ଭାଜପା ଉପସଭାପତି ତଥା ବିନିଦା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସତ୍ୟଭାମା ସିଂହ (୪୫)। ସତ୍ୟଭାମା ପାଲାଗାୟିକା ଭାବେ ମଧ୍ୟ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ପାଲା ଗ୍ରୁପ୍‌ର ବାୟକଙ୍କ ସହ ତାଙ୍କ ବିବାଦ ଥିବାରୁ ସେ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସତ୍ୟଭାମା ଭାଜପା ନେତ୍ରୀ ଥିବାରୁ ରାଜନୈତିକ ଶତ୍ରୁତାରୁ ମଧ୍ୟ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ପୋଲିସ ସୂଚନା ମୁତାବକ, ବିନିଦା ଗ୍ରାମ ମଝିରେ ଥିବା ରାଧାକୃଷ୍ଣ ମନ୍ଦିରରେ ରବିବାର ସଂକୀର୍ତ୍ତନ ପରିବେଷଣ ହେଉଥିଲା। ସେଥିରେ ସତ୍ୟଭାମା ସବୁଦିନ ଭଳି ଯୋଗଦେଇଥିଲେ। ସଂକୀର୍ତ୍ତନ ସାରିବା ପରେ ରାତି ସାଢ଼େ ୯ ଟାରୁ ୧୦ଟା ମଧ୍ୟରେ ଘରକୁ ଫେରିଥିଲେ। ଘରେ ତାଙ୍କ ବୃଦ୍ଧା ମା’ ଏକା ଥିବା ବେଳେ ରାତିରେ ପହଞ୍ଚିବାରେ ବିଳମ୍ବ ହେବାରୁ ଝିଅ ସଂକୀର୍ତ୍ତନ ମଣ୍ଡଳୀ ସହ ମନ୍ଦିରରେ ରହିଗଲା ଭାବି ଶୋଇପଡ଼ିଥିଲେ। ସୋମବାର ସକାଳେ ଘରଠାରୁ ୧୦୦ ମିଟର ଦୂରରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପଣ୍ଡାପଡ଼ା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ନିଆଁ ଲଗାଇଲେ, ଲିଭାଇ ପାରିଲେନି**

**ଆଜିର ମନ୍ତବ୍ୟ**

“ରାଜସ୍ଥାନ ବିଧାନସଭା ନିର୍ବାଚନରେ ଅଶୋକ ଗେହଲଟ ଓ ସଚିନ୍ ପାଇଲଟ ଉଭୟେ ମିଳିତ ଭାବେ ନିର୍ବାଚନ ଲଢ଼ିବେ।

– କେ.ସି. ଭେନୁଗୋପାଳ, କଂଗ୍ରେସ ନେତା

# ଏନ୍‌ଭିଏସ୍-୦୧ କକ୍ଷପଥରେ ଅବସ୍ଥାପିତ

ଶ୍ରୀହରିକୋଟା, ୨୯।୫(ପି.ଟି.)

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ସୋମବାର ସଫଳତାର ସହ ନାଭିଗେଶନ ସାଟେଲାଇଟ୍ ଏନ୍‌ଭିଏସ୍-୦୧କୁ ସଫଳତାର ସହ ଜିଓସିନ୍‌କ୍ରୋନିଅସ୍ ଟ୍ରାନ୍ସଫର ଅର୍ବିଟ୍‌ରେ ସ୍ଥାପନ କରିଛି। ଏନ୍‌ଭିଏସ୍-୦୧ ହେଉଛି ଦ୍ୱିତୀୟ ପିଢ଼ି ସାଟେଲାଇଟ୍ ସିରିଜ୍‌ର ପ୍ରଥମ ସାଟେଲାଇଟ୍। ଜିଓସିନ୍‌କ୍ରୋନିଅସ୍ ସାଟେଲାଇଟ୍ ଲଞ୍ଚ ଭେହିକିଲ୍ (ଜିଏସ୍‌ଏଲ୍‌ଭି) ଉପଗ୍ରହକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରିଥିଲା। ସକାଳ ୧୦ଟା ୪୨ ମିନିଟ୍‌ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ଜିଏସ୍‌ଏଲ୍‌ଭି-ଏଫ୍୧୨କୁ ଉତ୍କ୍ଷେପଣ କରାଯାଇଥିଲା। ଉତ୍କ୍ଷେପଣର ୧୯ ମିନିଟ ପରେ ରକେଟ୍‌ଟି ସଫଳତାର ସହ ୨୨୩୨ କିଲୋଗ୍ରାମ ଓଜନର ସାଟେଲାଇଟ୍‌କୁ ୨୫୧ କିଲୋମିଟର ଉଚ୍ଚତାରେ ଅବସ୍ଥାପିତ କରିଥିଲା। ଏହା ପରବର୍ତ୍ତୀ ଅର୍ବିଟ୍-ରାଇଜିଂ ପଦକ୍ଷେପ ଉକ୍ତ ନାଭିଗେଶନ ସାଟେଲାଇଟ୍‌କୁ ଆବଶ୍ୟକ ଜିଓସିନ୍‌କ୍ରୋନିଓସ୍ କକ୍ଷରେ ପହଞ୍ଚାଇବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଏନ୍‌ଭିଏସ୍-୦୧ ଦେଶର ଆଞ୍ଚଳିକ ନାଭିଗେଶନ ବ୍ୟବସ୍ଥାକୁ ବଢ଼ାଇବା ସହ ଠିକ୍ ଓ ରିଅଲ-ଟାଇମ୍ ନାଭିଗେଶନ ପ୍ରଦାନ କରିବ।



**ନାଭିଗେଶନ ବ୍ୟବସ୍ଥା ସୁଦୃଢ଼ ହେବ**

୨୭.୫ ଘଣ୍ଟାର କାଉଣ୍ଟଡାଉନ୍ ଶେଷ ହେବା ପରେ ପୂର୍ବ ନିର୍ଦ୍ଧାରିତ ସମୟ ସୋମବାର ପୂର୍ବାହ୍ନ ୧୦ଟା ୪୨ରେ ୫୧.୭ ମିଟର ଲମ୍ବର ୩ ପର୍ଯ୍ୟାୟ ବିଶିଷ୍ଟ ଜିଓସିନ୍‌କ୍ରୋନିଓସ୍ ସାଟେଲାଇଟ୍ ଲଞ୍ଚ ଭେହିକିଲ୍‌କୁ ଉତ୍କ୍ଷେପଣ କରାଯାଇଥିଲା। ଭାରତୀୟ ଆଞ୍ଚଳିକ ସାଟେଲାଇଟ୍ ନାଭିଗେଶନ ସିଷ୍ଟମ୍ (ନାଭିକ୍) ପାଇଁ ଏନ୍‌ଭିଏସ୍-୦୧ ଗୁରୁତ୍ୱପୂର୍ଣ୍ଣ, ଯାହା ସଠିକ୍ ସୂଚନା ପ୍ରଦାନ କରିବ। ନାଭିକ୍‌ରୁ ଆସିବାକୁ ଥିବା ସିଗ୍ନାଲ ୨୦ ମିଟରରୁ ଅଧିକ ସଠିକ୍ ସ୍ଥିତିର ସୂଚନା ☞ପୃଷ୍ଠା–୪

## ସଂକ୍ଷେପରେ

### କାର୍-ବସ୍ ମୁହାଁମୁହିଁ ଧକ୍କା: ୧୦ ମୃତ

**ବେଙ୍ଗାଲୁରୁ, ୨୯ା୫:** କର୍ନାଟକର ମହୀଶୂରରେ ଏକ କାର୍ ଏବଂ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଶିଶୁଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଆହତ ଇନୋଭା କାରର ଜଣେ ଯାତ୍ରୀ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ମୃତଦେହଗୁଡ଼ିକ ଏହା ଭିତରେ ଚାପିହୋଇ ରହିଯାଇଥିଲା। ଇନୋଭାରେ ଯାଉଥିବା ଲୋକମାନେ ବେଲାରୀ ଅଞ୍ଚଳର। ସେମାନେ ମାଲେ ମାଦେଶ୍ୱର ମନ୍ଦିର ଦର୍ଶନ ସାରି ମହୀଶୂର ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ୮ ଶ୍ରମିକଙ୍କ ମୃତ୍ୟୁ

**ଧାନବାଦ, ୨୯ା୫(ଆଇଏଏନ୍ଏସ୍):** ଝାଡ଼ଖଣ୍ଡ ଧାନବାଦ ଜିଲାର ନିଚିତପୁର ରେଲୱେ ଗେଟ୍ ନିକଟରେ ସୋମବାର ଖୁଣ୍ଟ ପୋତୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ୮ ଶ୍ରମିକ ପ୍ରାଣ ହରାଇଛନ୍ତି। ଶ୍ରମିକମାନେ ଖୁଣ୍ଟକୁ ପୋତିବା ପାଇଁ ଉଦ୍ୟମ କରୁଥିବାବେଳ ତାହା ୨୫,୦୦୦ ଭୋଲ୍ଟ ହାଇଟେନ୍‌ଶନ ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ହାଓ୍ୱଡ଼ା-ନୂଆଦିଲ୍ଲୀ ରେଲଲାଇନର ଧାନବାଦ ଏବଂ ଗୋମୋହ ମଧ୍ୟବର୍ତ୍ତୀ ସ୍ଥାନରେ ଏହି ବିଦ୍ୟୁତ୍ ଦୁର୍ଘଟଣା ଘଟିଛି। ଏଥିରେ ଅନ୍ୟ କେତେଜଣ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହି ରୁଟ୍ ଦେଇ ଯିବାକୁ ଥିବା ଟ୍ରେନ୍‌ଗୁଡ଼ିକୁ ବିଭିନ୍ନ ଷ୍ଟେଶନରେ ଅଟକା ଯାଇଥିଲା।

### ପୁଟିନ୍‌ଙ୍କ ସହ ବୈଠକ ପରେ ହସ୍ପିଟାଲରେ ବେଲାରୁଷ୍ ରାଷ୍ଟ୍ରପତି


ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ।

**ମସ୍କୋ, ୨୯ା୫:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ରୁଦ୍ଧଦ୍ୱାର ବୈଠକ ପରେ ତାଙ୍କ ବେଲାରୁଷ ପ୍ରତିପକ୍ଷ ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବେଲାରୁଷର ବିରୋଧୀ ଦଳ ନେତା ଏହି ସୂଚନା ଦେଇଛନ୍ତି। ମସ୍କୋର ସେଣ୍ଟ୍ରାଲ କ୍ଲିନିକାଲ ହସ୍ପିଟାଲରେ ଲୁକାଶେଙ୍କୋଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ୨୦୨୦ର ରାଷ୍ଟ୍ରପତି ପ୍ରାର୍ଥୀ ଭାଲେରି ସେପ୍‌କାଲୋ କହିଛନ୍ତି। ତେବେ ରୁଷିଆ କିମ୍ବା ହସ୍ପିଟାଲ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ।

### ସିଭିସି ଭାବେ ଶପଥ ନେଲେ ପ୍ରବୀଣ କୁମାର



**ନୂଆଦିଲ୍ଲୀ, ୨୯ା୫(ପି.ଟି.):** ଭିଜିଲାନ୍ସ କମିଶନର ଥିବା ପ୍ରବୀଣ କୁମାର ଶ୍ରୀବାସ୍ତବ ସୋମବାର ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର (ସିଭିସି) ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଥିଲେ। ସିଭିସି ଭାବେ ସୁରେଶ ଏନ୍ ପଟେଲଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଶ୍ରୀବାସ୍ତବ ଗତବର୍ଷ ଡିସେମ୍ବରରୁ କାର୍ଯ୍ୟକାରୀ ସିଭିସି ଭାବେ କାର୍ଯ୍ୟ କରିଆସୁଥିଲେ। ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସିଭିସିଙ୍କ ନେତୃତ୍ୱରେ ପରିଚାଳିତ କମିଶନ୍‌ରେ ସର୍ବାଧିକ ଦୁଇଜଣ ଭିଜିଲାନ୍ସ କମିଶନର ରହିପାରିବେ। ପୂର୍ବତନ ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ଅରବିନ୍ଦ କୁମାର ବର୍ତ୍ତମାନ ଏକମାତ୍ର ଭିଜିଲାନ୍ସ କମିଶନର ଅଛନ୍ତି। ୧୯୮୮ ବ୍ୟାଚ୍‌ର ଆସାମ-ମେଘାଳୟ କ୍ୟାଡରର ଆଇଏଏସ୍ ଅଫିସର ଶ୍ରୀବାସ୍ତବ ଗତବର୍ଷ ଜାନୁୟାରୀ ୩୧ରେ କ୍ୟାବିନେଟ ସଚିବାଳୟର ସମନ୍ୱୟ ସଚିବ ଭାବେ ଅବସର ଗ୍ରହଣ କରିଥିଲେ।


ଜମ୍ମୁ-କଶ୍ମୀରର ପୁଞ୍ଚରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ସୁରକ୍ଷା ବଳ ପକ୍ଷରୁ ସୋମବାର ତଲାସି ଅଭିଯାନ ଚାଲିଛି।

# ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଶାହା

## ବନ୍ଧୁକ ସହ ୨୫ ଗିରଫ

ନୂଆଦିଲ୍ଲୀ/ଇମ୍ଫାଲ, ୨୯ା୫


ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା


ଇମ୍ଫାଲରେ ରବିବାର ସେନା ଉଗ୍ରପନ୍ଥୀ ସଂଘର୍ଷ ବେଳେ ଲାଗିଥିବା ନିଆଁକୁ ଲୋକେ ଲିଭାଉଛନ୍ତି।

ହିଂସା ପ୍ରଭାବିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର ପହଞ୍ଚିଛନ୍ତି। ତାଙ୍କର ଏହି ୪ ଦିନିଆ ଗସ୍ତ ଅବସରରେ ସେ ବିଭିନ୍ନ ନେତା, ପଦାଧିକାରୀଙ୍କୁ ଭେଟି ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବେ। ଏଥିସହିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଲାଗି ସେ ମେଇତି ଏବଂ କୁକି ସମ୍ପ୍ରଦାୟଙ୍କୁ ଏକାଠି କରିବେ ବୋଲି କୁହାଯାଉଛି। ଶାହାଙ୍କ ସହ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲା, ଅନ୍ୟ ବରିଷ୍ଠ ଅଧିକାରୀମାନେ ଯାଇଛନ୍ତି। ରାଜ୍ୟର ସଂଖ୍ୟାଗରିଷ୍ଠ ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତା ଦେବା ନିଷ୍ପତ୍ତିକୁ ବିରୋଧ କରି କୁକି ଆଦିବାସୀ ସମ୍ପ୍ରଦାୟ ବିକ୍ଷୋଭ କରିବାରୁ ଏହା ସଂଘର୍ଷର ରୂପ ନେଇଥିଲା। ଚଳିତ ମାସ ଆରମ୍ଭରୁ ଏହି ଜାତିଗତ ହିଂସାକାଣ୍ଡରେ ୭୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି। ବହୁ ଗୃହଦାହ ସାଙ୍ଗକୁ ବିପୁଳ ସମ୍ପତ୍ତି ନଷ୍ଟ ହୋଇଛି। ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ହିଂସା ପରେ ଶାନ୍ତି ଫେରାଇ ଆଣିବା ପାଇଁ ଉଭୟ ମେଇତି ଓ କୁକି ସମ୍ପ୍ରଦାୟରୁ ବାର୍ତ୍ତା ଆସିଛି। ଶାହାଙ୍କ ଗସ୍ତ ଶାନ୍ତି ଫେରାଇ ଆଣିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ମଣିପୁର ସଂହତି ସମନ୍ୱୟ କମିଟି କହିଛି। ସେହିପରି ୟୁନାଇଟେଡ୍ ପିପୁଲ୍ସ ଫ୍ରଣ୍ଟ ଏବଂ କୁକି ଜାତୀୟ ସଂଗଠନ ମଧ୍ୟ ଶାହାଙ୍କ ଗସ୍ତକୁ ସ୍ୱାଗତ କରିଛନ୍ତି।

ଶାହାଙ୍କ ଗସ୍ତ ପୂର୍ବରୁ ମଣିପୁରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେନା ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ଇଷ୍ଟ ଇମ୍ଫାଲ ଜିଲାରେ ସୁରକ୍ଷା ବଳ ଉପରେ ଆକ୍ରମଣ ଯୋଜନା କରିଥିବା ୨୫ ଜଣ ସଶସ୍ତ୍ର ଲୋକଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ନିର୍ଦ୍ଦିଷ୍ଟ ଗୋଇନ୍ଦା ତଥ୍ୟକୁ ଆଧାର କରି ସଶସ୍ତ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯାଇଛି। ସେମାନେ ସାନାସାବି, ଗବାଲଟାବି ଓ ଶାବୁନ୍‌ଖୋଲ ଖୁନାଓରେ ଗୃହଦାହ ସହ ସମ୍ପୃକ୍ତ ଥିଲେ। ସେମାନଙ୍କଠାରୁ ୫ଟି ୧୨ ବୋର୍ ଡବଲ ବ୍ୟାରେଲ୍ ରାଇଫଲ, ୩ଟି ସିଙ୍ଗଲ୍ ବ୍ୟାରେଲ୍ ରାଇଫଲ, ଗୋଟିଏ ଦେଶୀ ବନ୍ଧୁକ, ଇନ୍‌ସାସ୍ ରାଇଫଲ, ୬୦ ରାଉଣ୍ଡ ଗୁଳି, ଚାଇନା ନିର୍ମିତ ହ୍ୟାଣ୍ଡ ଗ୍ରେନେଡ୍ ଏବଂ ଗୋଟିଏ ଡିଟୋନେଟର ମିଳିଛି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଓ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୋମବାର ସକାଳେ ସୁରକ୍ଷା ସ୍ଥିତିର ସମୀକ୍ଷା କରିଥିଲେ। ଜାତିଆଣ ହିଂସା ପରେ ସେନା କାର୍ଯ୍ୟାନୁଷ୍ଠାନରେ ୪୦ ସଶସ୍ତ୍ର ଉଗ୍ରପନ୍ଥୀ ନିହତ ହେଲେଣି ବୋଲି ରବିବାର ବୀରେନ୍ ସିଂ ସୂଚନା ଦେଇଥିଲେ। ଇମ୍ଫାଲରେ କର୍ଫ୍ୟୁ ବଳବତ୍ତର ରହିବା ସାଙ୍ଗକୁ ସୁରକ୍ଷା ବଳ ମୁତୟନ ଅଛନ୍ତି ଓ ବଜାର ବନ୍ଦ ରହିଛି। ରବିବାର ସଂଘର୍ଷଜନିତ ମୃତ୍ୟୁସଂଖ୍ୟା ୫ରେ ପହଞ୍ଚିଛି।

**ବାୟୁସେନା ବିମାନ କିଣାରେ ଦୁର୍ନୀତି**

## ରୋଲ୍ସ ରୟସ୍, ଅସ୍ତ୍ର ଡିଲରଙ୍କ ବିରୋଧରେ ସିବିଆଇ ମାମଲା

ନୂଆଦିଲ୍ଲୀ, ୨୯ା୫

ଭାରତୀୟ ବାୟୁସେନା ଓ ନୌସେନା ପାଇଁ ହକ୍ ୧୧୫ ଅତ୍ୟାଧୁନିକ ଜେଟ୍ ଟ୍ରେନର ବିମାନ କିଣାରେ ଲାଞ୍ଚ କାରବାର ଅଭିଯୋଗରେ ବ୍ରିଟିଶ ଏରୋସ୍ପେସ୍ ଓ ପ୍ରତିରକ୍ଷା କମ୍ପାନୀ ରୋଲ୍ସ ରୟସ୍ ପିଏଲ୍‌ସି , ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ଅସ୍ତ୍ର ଡିଲରଙ୍କ ବିରୋଧରେ ସିବିଆଇ ଦୁର୍ନୀତି ମାମଲା ରୁଜୁ କରିଛି। ସିବିଆଇ ଦୀର୍ଘ ୬ ବର୍ଷ ତଦନ୍ତ କରିବା ପରେ ରୋଲ୍ସ ରୟସ୍‌ର ନିର୍ଦ୍ଦେଶକ ଟିମ୍ ଜୋନ୍ସ, ଅସ୍ତ୍ର ବ୍ୟବସାୟୀ ସୁଧୀର ଚୌଧରୀ ଓ ଭାନୁ ଚୌଧରୀ, ରୋଲ୍ସ ରୟସ ପିଏଲ୍‌ସି ଓ ବ୍ରିଟିଶନ ଏରୋସ୍ପେସ୍ ସିଷ୍ଟମ୍ସ ବିରୋଧରେ ଆଇପିସିର ଧାରା ୧୨୦-ବି ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ମାମଲା ଦାଏର ହୋଇଛି। ଡିଲ୍ ପାଇଁ କମ୍ପାନୀ ପକ୍ଷରୁ ମଧ୍ୟସ୍ଥଙ୍କୁ କମିଶନ ଦିଆଯାଇଥିବା ସମ୍ପର୍କରେ ୨୦୧୭ରେ ବ୍ରିଟେନ୍‌ର ଏକ ଅଦାଲତ ରାୟ ଦେଇଥିଲେ। ୭୩୪.୨୧ ନିୟୁତ ପାଉଣ୍ଡରେ ୨୪ଟି ହକ୍ ୧୧୫ ଏଜେଟି ବିମାନ କିଣିବା ପାଇଁ ୨୦୦୩ରୁ ୨୦୧୨ ମଧ୍ୟରେ ଅଭିଯୁକ୍ତ ମଧ୍ୟସ୍ଥମାନେ କେତେଜଣ ସରକାରୀ ଅଧିକାରୀଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଥିଲା।

## ରୁଷିଆ ୱାଣ୍ଟେଡ୍ ତାଲିକାରେ ଆମେରିକା ସିନେଟର୍


ଲିଣ୍ଡ୍‌ସେ ଗ୍ରାହାମ୍

ମସ୍କୋ, ୨୯ା୫

ଆମେରିକା ସିନେଟର ଲିଣ୍ଡ୍‌ସେ ଗ୍ରାହାମ୍‌ଙ୍କୁ ରୁଷିଆ ଗୃହ ମନ୍ତ୍ରଣାଳୟ ୱାଣ୍ଟେଡ୍ ତାଲିକାରେ ରଖିଛି। ଗତ ଶୁକ୍ରବାର ଗ୍ରାହାମ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କିଙ୍କୁ ଭେଟିଥିଲେ। ଏହି ଅବସରରେ ସେ କହିଥିଲେ, ରୁଷୀୟମାନେ ମରିବା ଅବସ୍ଥାରେ। ୟୁକ୍ରେନ୍‌କୁ ଆମେରିକାର ସହାୟତା ଆମେ ବ୍ୟୟ କରିଥିବା ଶ୍ରେଷ୍ଠ ଅର୍ଥ ବୋଲି ଗ୍ରାହାମ କହୁଥିବାରୁ ଏକ ସଂଶୋଧିତ ଭିଡିଓରୁ ଜଣାପଡ଼ିଛି। ତାଙ୍କ ମନ୍ତବ୍ୟକୁ ରୁଷିଆ ସମାଲୋଚନା କରିବା ସହ ତାଙ୍କୁ ୱାଣ୍ଟେଡ୍ ତାଲିକାରେ ରଖିଛି। ପରେ ୟୁକ୍ରେନ୍ ବୈଠକର ପୂରା ଭିଡିଓ ଜାରି କରିଥିଲା, ଯେଉଁଥିରେ ଉପରୋକ୍ତ ଦୁଇଟି ମନ୍ତବ୍ୟ ନ ଥିବା ଦେଖାଦେଇଛି। ଅନ୍ୟପକ୍ଷରେ ଗ୍ରାହାମଙ୍କ ମନ୍ତବ୍ୟର ଆପରାଧିକ ତଦନ୍ତ କରାଯିବ ବୋଲି ରୁଷିଆର ତଦନ୍ତକାରୀ କମିଟି କହିଛି।

## ଜଳ ସୁରକ୍ଷା ପ୍ରତି ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବିପଦ

ନୂଆଦିଲ୍ଲୀ, ୨୯ା୫(ପି.ଟି.)

**ବିଶେଷଜ୍ଞଙ୍କ ମତ**

ଭାରତର ଜଳସୁରକ୍ଷା ପ୍ରତି ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଗମ୍ଭୀର ବିପଦ ଆଣିଛି। ଏହି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନିଆ ନ ଗଲେ ଜଳ ସଙ୍କଟ ବଢ଼ିବା ସହ ଏହାର ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ପ୍ରଭାବ ଅନୁଭୂତ ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଜାତିସଂଘ ରିପୋର୍ଟ ଅନୁଯାୟୀ ୧୪୨ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ସହ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଛି। ଜଳସଙ୍କଟର ସମାଧାନ ପାଇଁ ଉନ୍ନତ ଜଳପରିଚାଳନା ଜରୁରୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଚ୍ୟାଲେଞ୍ଜର ସମାଧାନ ପାଇଁ ନୀତିରେ ସଂସ୍କାର ଆଣିବା ସହ ପ୍ରାକୃତିକ ପରିବେଶର ସୁରକ୍ଷା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତ ଢାଞ୍ଚା ବଦଳିବା ସହ ସମୁଦ୍ର ଜଳସ୍ତର ବୃଦ୍ଧି ପାନୀୟ ଜଳ ସମସ୍ୟା ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃ ସରକାରୀ ପ୍ୟାନେଲ୍‌ର ଅଦିତି ମୁଖାର୍ଜୀ କହିଛନ୍ତି, ବିକୃତ ନୀତି ଓ ପ୍ରୋତ୍ସାହନ ଯୋଗୁ ନିକୃଷ୍ଟ ଜଳପରିଚାଳନା ଭାରତରେ ଦୀର୍ଘଦିନ ଧରି ଜଳ ସମସ୍ୟାର କାରଣ ହୋଇଛି। ସବୁଜ ବିପ୍ଳବ ସମୟରେ ପ୍ରଚଳନ କରାଯାଇଥିବା ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ ଏବଂ ତ୍ରୁଟିପୂର୍ଣ୍ଣ ସହରାଞ୍ଚଳ ଡିଜାଇନ୍ ଭାରତର ଜଳ ସମସ୍ୟାର ଅନ୍ୟତମ କାରଣ ବୋଲି ମୁଖାର୍ଜୀ କହିଛନ୍ତି। ଜଳସଙ୍କଟର ସମାଧାନ ଲାଗି ଉପଯୁକ୍ତ ନୀତି, ଅନୁଷ୍ଠାନ, ପ୍ରୋତ୍ସାହନ ଏବଂ ଶାସନ ଜରୁରୀ ବୋଲି ସେ ମତ ଦେଇଛନ୍ତି।

## ଶ୍ରୀହରିକୋଟାରେ ଚନ୍ଦ୍ରୟାନ-୩

ନୂଆଦିଲ୍ଲୀ, ୨୯ା୫ (ପି.ଟି.)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚନ୍ଦ୍ରକୁ ଚନ୍ଦ୍ରୟାନ-୩ ପଠାଇବା ଲାଗି ସବୁ ପ୍ରକାର ବ୍ୟବସ୍ଥା କରିସାରିଛି। ସୋମବାର ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ରଠାରେ ଉପଗ୍ରହ ଆସି ପହଞ୍ଚିଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଚନ୍ଦ୍ର ମିଶନ ଅତିଶୀଘ୍ର ଭାରତର ସର୍ବଶକ୍ତିଶାଳୀ ରକେଟ ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ ମାର୍କ-୩ (ଜିଏସ୍‌ଏଲ୍‌ଭି ଏମ୍‌କେ-୩) ସହ ଏକୀଭୂତ ହେବ। ଆସନ୍ତା ଜୁଲାଇରେ ଚନ୍ଦ୍ରୟାନ-୩ ଉତ୍କ୍ଷେପଣ ହେବାର କାର୍ଯ୍ୟକ୍ରମ ରହିଛି। ଅର୍ବିଟାଲ ପାରାମିଟରକୁ ଦେଖି ସମୟ ନିର୍ଦ୍ଧାରଣ କରାଯିବ।

ସୋମବାର ଜିଏସ୍‌ଏଲ୍‌ଭିଏଫ୍୧୨କୁ ସଫଳତାର ସହ ଉତ୍କ୍ଷେପଣ କରାଯିବା ପରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି, ଚନ୍ଦ୍ରୟାନ ଚନ୍ଦ୍ରରେ ପହଞ୍ଚିବା ସୁନିଶ୍ଚିତ କରିବା ସକାଶେ ଯେଉଁସବୁ ସଂଶୋଧନ ଦରକାର ତାହା କରାଯାଇଛି। ଯଦି ଶେଷ ମୁହୂର୍ତ୍ତରେ କୌଣସି ସନ୍ଦେହ ଉପୁଜିବ ସେତେବେଳେ ଉତ୍କ୍ଷେପଣକୁ ସ୍ଥଗିତ ରଖାଯିବ।

**ଜୁଲାଇରେ ଲଞ୍ଚ୍ ହେବ**



## ଦୁର୍ଘଟଣାରେ ୭ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

**ଗୁଆହାଟୀ, ୨୯ା୫:** ଆସାମର ଗୁଆହାଟୀରେ ସୋମବାର ସକାଳେ ଦ୍ରୁତ ବେଗରେ ଆସୁଥିବା ଏକ ଏସ୍‌ୟୁଭି ସହ ପିକ୍-ଅପ୍ ଟ୍ରକ୍‌ର ଧକ୍କା ହେବାରୁ ୭ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଗୁଆହାଟୀର ଜାଲୁକବାରି ଫ୍ଲାଏଓଭର ନିକଟରେ ଏହି ଦୁର୍ଘଟଣା ଘଟିଛି। ସ୍କର୍ପିଓ ଏସ୍‌ୟୁଭିଟି ରାସ୍ତା ଡିଭାଇଡର ଅତିକ୍ରମ କରି ବିପରୀତ ଦିଗରୁ ଆସୁଥିବା ପିକ୍-ଅପ୍ ଟ୍ରକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଉଭୟ ଗାଡ଼ି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଏସ୍ୟୁଭିରେ ଆସାମ ଇଞ୍ଜିନିୟରିଂ କଲେଜର ୧୦ ଜଣ ହଷ୍ଟେଲ ଛାତ୍ର ଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।


ଦୁର୍ଘଟଣାରେ ଚୂରମାର ହୋଇଥିବା କାର୍।

## ଦିନ୍ ରାସ୍ତାରେ ନାବାଳିକାଙ୍କୁ ୨୨ ଥର ଛୁରି ଭୁସିଲେ

ନୂଆଦିଲ୍ଲୀ, ୨୯ା୫

- ଉଦ୍ଧାର କରିବାକୁ କେହି ଆସିଲେନି
- ହତ୍ୟାକାରୀ ପୁରୁଷ ବନ୍ଧୁ ଗିରଫ
- ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ: ନାବାଳିକାଙ୍କ ମାଆ


ଆକ୍ରମଣ ବେଳର ସିସିଟିଭି ଫଟୋ।


ଅଭିଯୁକ୍ତ ସାହିଲ

ଉତ୍ତର ଦିଲ୍ଲୀର ରୋହିଣୀ ଅଞ୍ଚଳରେ ରବିବାର ଲୋକମାନଙ୍କ ଆଗରେ ଜଣେ ୧୬ ବର୍ଷୀୟା ବାଳିକାଙ୍କୁ ତାଙ୍କ ପୁରୁଷବନ୍ଧୁ ୨୨ ଥର ଛୁରି ଭୁସିବା ପରେ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଛନ୍ତି। ଏହି ବୀଭତ୍ସ ହତ୍ୟାକାଣ୍ଡ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଜନଗହଳି ରାସ୍ତାରେ ସାହିଲ ନାମକ ଅଭିଯୁକ୍ତ ଯୁବକ କ୍ରମାଗତ ଭାବେ ଆକ୍ରମଣ କରି ଚାଲିଥିଲେ। ଏଭଳି ଲୋମହର୍ଷଣକାରୀ ଦୃଶ୍ୟକୁ ଲୋକମାନେ ଦେଖି ନ ଦେଖିଲା ଭଳି ଚାଲିଯାଉଥିଲେ। କେହି ଜଣେ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସି ନ ଥିଲେ। ଏସି ଟେକ୍‌ନିସିଆନ୍ ୨୦ ବର୍ଷୀୟ ସାହିଲଙ୍କୁ ଉତ୍ତରପ୍ରଦେଶର ବୁଲନ୍ଦସହରରୁ ସୋମବାର ଗିରଫ କରାଯାଇଛି।

ରବିବାର ସନ୍ଧ୍ୟାରେ ଶାହବାଦ ଡେରି ଅଞ୍ଚଳରେ ସାହିଲ ଏକ ଛୁରିରେ ନାବାଳିକାଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। ଗୋଟିଏ ଥର ଛୁରି ଲାଖିଯିବାରୁ ସେ ତାକୁ ହଲାଇ ବାହାର କରୁଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ପରେ ସେ ଏକ ପଥର ସ୍ଲାବ୍ ଉଠାଇ ନାବାଳିକାଙ୍କ ମୁଣ୍ଡକୁ ବାରମ୍ବାର ପିଟିଥିଲେ। ନାବାଳିକା ଜଣକ ତାଙ୍କ ସାଙ୍ଗର ପୁଅ ଜନ୍ମଦିନରେ ଯୋଗଦେବାକୁ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ ବୋଲି ପୋଲିସ କହିଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ରବିବାର କୌଣସି କାରଣରୁ ଝଗଡ଼ା ହେବା ପରେ ଅଭିଯୁକ୍ତ ଜଣକ ବୀଭତ୍ସ ଭାବେ ହତ୍ୟା କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇଁ ପୋଲିସ ସେଠାରେ ପହଞ୍ଚି ନାବାଳିକାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପାଇଥିଲା।

ଆକ୍ରମଣକାରୀ ଯୁବକଙ୍କୁ ଜାଣି ନ ଥିବା ନାବାଳିକାଙ୍କ ମାଆ କହିବା ସହ ତାଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏଭଳି ହତ୍ୟାକାଣ୍ଡକୁ ନିନ୍ଦା କରିଛନ୍ତି। ଦିଲ୍ଲୀରେ ଆଇନ ଶୃଙ୍ଖଳା ବିପର୍ଯ୍ୟୟ ପାଇଁ ସେ ପୋଲିସ ଓ ଉପରାଜ୍ୟପାଳଙ୍କୁ ଦାୟୀ କରିଛନ୍ତି। ଏହି ଘଟଣାକୁ ନେଇ ଦିଲ୍ଲୀ ମହିଳା କମିଶନ ପୋଲିସକୁ ନୋଟିସ ଜାରି କରିଥିବା ଏହାର ମୁଖ୍ୟ ସ୍ୱାତି ମାଲିୱାଲ୍ କହିଛନ୍ତି।




# ତାଳଦଣ୍ଡା କେନାଲକୁ ଖସିଲା କାର୍

## ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

- ରାସ୍ତାବନ୍ଦ ପାଇଁ ସୂଚନାଫଳକ ଲଗାଯାଇନାହିଁ

**କଟକ ଅଫିସ,୨୯।୫**

ତାଳଦଣ୍ଡା କେନାଲର ଉନ୍ନତୀକରଣ କାର୍ଯ୍ୟ ବେପରୁଆ ଭାବେ କରାଯାଉଥିବାରୁ ସୋମବାର ଜଣଙ୍କର ଜୀବନ ଯାଇଛି। ଉକ୍ତ କେନାଲ ରାସ୍ତାରେ କୌଣସି ସୂଚନାଫଳକ ନ ଥିବା କାରଣରୁ ମଧୁପାଟଣା ଥାନା ଅନ୍ତର୍ଗତ ଅନ୍ଦରପୁର ନିକଟ ତାଳଦଣ୍ଡା କେନାଲ ଭିତରକୁ ଏକ କାର୍ ଖସିପଡ଼ିଛି। ଫଳରେ କାର ଭିତରେ ଥିବା କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ମହୁରା ଅଞ୍ଚଳର ଜ୍ଞାନରଞ୍ଜନ ଜେନା(୬୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ଅଞ୍ଜନା ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ଏଥିସହ ଜେସିବି ସହାୟତାରେ କାରକୁ କେନାଲ ଭିତରୁ ଉଦ୍ଧାର କରାଯାଇଛି। ଉକ୍ତ କାର୍‌ରୁ ୨ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଥିବା ଏସିପି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସାର୍ତ୍ତୋଳ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିବା ଜ୍ଞାନରଞ୍ଜନ ଏବଂ ଅଞ୍ଜନା ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କଲେଜ ଛକସ୍ଥିତ ଏକ ବ୍ୟାଙ୍କରୁ ଟଙ୍କା ଉଠାଇ କାରରେ ରଖିଥିଲେ। ପରେ ସେମାନେ ମାତୃଭବନରୁ ଅନ୍ଦରପୁର ଆଡ଼କୁ ଯିବାବେଳେ ରାସ୍ତା କାମ ସମ୍ପର୍କିତ କୌଣସି ସୂଚନା ଫଳକ ଲଗାଯାଇ ନ ଥିଲା। ଫଳରେ ଜ୍ଞାନରଞ୍ଜନ କାର୍ ନେଇ ଆଗକୁ ଯାଉଥିବାବେଳେ ରାସ୍ତା ବନ୍ଦ ଥିବା ଜାଣିବାକୁ ପାଇଥିଲେ। ସେ ଆଉ ଆଗକୁ ନ ଯାଇ କାର୍ ପଛକୁ ଫେରାଇଥିଲେ। ହେଲେ ବିଡ଼ମ୍ବନାର ବିଷୟ କାର୍‌ଟି ଅଚାନକ ତାଳଦଣ୍ଡା କେନାଲ ଭିତରକୁ ଖସିପଡ଼ିଥିଲା। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ଉଦ୍ଧାର ପାଇଁ ଧାଇଁ ଆସିଥିଲେ। ଖବରପାଇ ମଧୁପାଟଣା ପୋଲିସ ପହଞ୍ଚି ଉଭୟଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ଜ୍ଞାନରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଅଞ୍ଜନାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେପରୁଆ କାର୍ଯ୍ୟ ଯୋଗୁ ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ମଧୁପାଟଣା ଥାନାଧିକାରୀ ତୁଷାର ରଞ୍ଜନ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତର ସହ ଦୃଷ୍ଟିଦେବୁ। ଅପରପକ୍ଷରେ ଏସିପି ପଣ୍ଡା କହିଛନ୍ତି, ସମ୍ପୃକ୍ତ ଅଞ୍ଚଳକୁ ବ୍ୟାରିକେଡ୍ କରାଯିବା ସହ କାର୍ଯ୍ୟ କରୁଥିବା ସଂସ୍ଥାକୁ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ତାଗିଦା କରାଯିବ।



ତାଳଦଣ୍ଡା କେନାଲକୁ ଖସିପଡ଼ିଥିବା କାର୍।

# ପଦ୍ମଶ୍ରୀ ଦୈତାରୀ ନାୟକଙ୍କୁ ମିଳିବ 'ଓଡ଼ିଶା ଜଳ ମାନବ ପୁରସ୍କାର'

**ଭୁବନେଶ୍ୱର, ୨୯।୫ (ବ୍ୟୁରୋ)**

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶର ବିଭିନ୍ନ କ୍ଷେତ୍ରରେ ବଳିଷ୍ଠ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ପୁରସ୍କାରରେ ସମ୍ମାନିତ କରାଯିବ। ଏହି ଅବସରରେ ଓଡ଼ିଶାର କେନାଲ ପୁରୁଷ ଭାବେ ପରିଚିତ ତଥା ୨୦୧୯ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କେନ୍ଦୁଝର ଜିଲାର ଦୈତାରୀ ନାୟକଙ୍କୁ 'ଓଡ଼ିଶା ଜଳ ମାନବ ପୁରସ୍କାର' ପ୍ରଦାନ କରାଯିବ ବୋଲି ଓଡ଼ିଶା ପରିବେଶ ସମିତି କାର୍ଯ୍ୟନିର୍ବାହୀ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଔଷଧୀୟ ବୃକ୍ଷ ଓ ଉଦ୍ଭିଦ ବର୍ଗ ବିଜ୍ଞାନ କ୍ଷେତ୍ରରେ ବିଶେଷ ଗବେଷଣା ପାଇଁ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. କୁଞ୍ଜ ବିହାରୀ ଶତପଥିଙ୍କୁ ୨୦୨୩ ବର୍ଷର 'ପରିବେଶବିତ୍ ପୁରସ୍କାର', ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ଜେନାଙ୍କୁ ରାଜ୍ୟରେ ଜୈବ ବିବିଧତା ସୁରକ୍ଷା ଓ ମଣିଷ-ହସ୍ତୀ ବିବାଦ କ୍ଷେତ୍ରରେ ସଚେତନତା ବୃଦ୍ଧି ନିମନ୍ତେ 'ଗ୍ରୀନ କ୍ରୁସେଡର୍ ପୁରସ୍କାର'ରେ ସମ୍ମାନିତ କରାଯିବ। ଏହି ଅବସରରେ ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ଜାତିସଂଘ ନିର୍ଦ୍ଧାରିତ ପ୍ରସଙ୍ଗ 'ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କର' ଉପରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଶେଷ ଆଲୋଚନା ଅନୁଷ୍ଠିତ ହେବ। ସମିତିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପରିବେଶ ସଚେତନ ବ୍ୟକ୍ତିମାନେ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏବଂ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଚକ ଜମି ବିକି ପାରିବେ ମାଲିକ

**ଚକବନ୍ଦୀ ଅଧିନିୟମ-୧୯୭୨ର ଧାରା ୩୪ ଉଚ୍ଛେଦ ହେଲା**

**ଭୁବନେଶ୍ୱର,୨୯।୫(ବ୍ୟୁରୋ):** ଓଡ଼ିଶା ଚକବନ୍ଦୀ ଓ ଭୂମିର ବିଭକ୍ତୀକରଣ ନିବାରଣ ଅଧିନିୟମ-୧୯୭୨ର ଧାରା ୩୪ ଅନୁଯାୟୀ କୌଣସି ଚକଭୁକ୍ତ ଜମିର ବିଭକ୍ତୀକରଣ ଅଥବା ବିଭାଜନ ନିଷିଦ୍ଧ ଅଟେ। ଧାରା ୩୫ ଅନୁଯାୟୀ ଯଦି ଧାରା ୩୪କୁ ଉଲ୍ଲଂଘନ କରି କୌଣସି ଜମି ବିକ୍ରି କିମ୍ବା ବିଭାଜିତ ହୋଇଥିବ ତାହା ଅବୈଧ ବିବେଚତ ହେବ। ଉଲ୍ଲଂଘନକାରୀଙ୍କୁ ଜମିର ଉଚ୍ଛେଦ କରାଯିବ। ଏହି ଅଧିନିୟମର 'ଚାପ୍ଟର ଭି'ର ଧାରା ୩୪ ଓ ୩୫କୁ ଉଚ୍ଛେଦ କରିବା ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ସଂଶୋଧନ ଦ୍ୱାରା ଜମି ମାଲିକମାନେ ସେମାନଙ୍କର ଚକ ଜମି ବିକ୍ରି କିମ୍ବା ବିଭାଜନ କରିପାରିବେ। ପଟ୍ଟାଗୁଡ଼ିକର ମଧ ସଂଶୋଧନ ହୋଇପାରିବ। ଏହାଦ୍ୱାରା ଜମି ରେଜିଷ୍ଟ୍ରି ଶୁଳ୍କ ଓ ଅନ୍ୟାନ୍ୟ ଶୁଳ୍କର ଆଦାୟ ମଧ ବୃଦ୍ଧି ପାଇବ।

### ଭିଜିଲାନ୍ସ ଜାଲରେ କରଞ୍ଜିଆ ତହସିଲଦାର



**ଠାକୁରମୁଣ୍ଡା,୨୯।୫(ଡି.ଏନ.ଏ.):** ୪୯ନଂ. ଜାତୀୟ ରାଜପଥ ଜମି ଅଧିଗ୍ରହଣ ପାଇଁ ଆର୍ଥିକ ରାଶି ପ୍ରଦାନରେ ଚଞ୍ଚକତା ଅଭିଯୋଗରେ ମୟୂରଭଞ୍ଜ ଜିଲା କରଞ୍ଜିଆ ତହସିଲଦାର ଚାର୍ଲ୍ସ ନାୟକ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ସୋମବାର ସକାଳେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ତାଙ୍କର କରଞ୍ଜିଆସ୍ଥିତ ସରକାରୀ ବାସଭବନ, କାର୍ଯ୍ୟାଳୟ ଓ ଭଦ୍ରକସ୍ଥିତ ପୈତୃକ ଘରେ ଚଢ଼ାଉ ହୋଇଛି। ସେହିପରି ଏହି ଘଟଣାରେ କରଞ୍ଜିଆ ବ୍ଲକ ଅଧୀନ ଚଢ଼େଇଭୋଳସ୍ଥିତ ଜଣେ ଠିକାଦାରଙ୍କ ଘରେ ମଧ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ ଜାରି ରଖିଛି। କଟକ ଓ ଭୁବନେଶ୍ୱରରୁ ଆସିଥିବା ଭିଜିଲାନ୍ସ ଟିମ୍‌ରେ ୭ ଡିଏସ୍‌ପି, ୩ ଇନ୍ସପେକ୍ଟରଙ୍କ ସମେତ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିବା ସୂଚନା ମିଳିଛି।

### ଝାରସୁଗୁଡ଼ା ଜିଲା: ମିଳିଲା କାଳିଆ ସହାୟତା

**ଭୁବନେଶ୍ୱର, ୨୯।୫(ବ୍ୟୁରୋ):** ଝାରସୁଗୁଡ଼ା ଜିଲା ଚାଷୀଙ୍କୁ ୨୦୨୩ ଖରିଫ ଫସଲ ଋତୁ ପାଇଁ ସୋମବାର କାଳିଆ ସହାୟତା ରାଶି ମିଳିଛି। ଜିଲାର ୩୬,୨୪୯ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୨୪୬ ଜଣ ଭୂମିହୀନ କୃଷି ପରିବାରଙ୍କୁ ୨୦୨୩ ଖରିଫ ଫସଲ ଋତୁ ପାଇଁ ୭ କୋଟି ୩୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଳିଆ ସହାୟତା ରାଶି ଡିବିଟି ମାଧମରେ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ଏପ୍ରିଲ ପହିଲା ଓଡ଼ିଶା ଦିବସ ଅବସରରେ ଝାରସୁଗୁଡ଼ା ଜିଲା ବ୍ୟତୀତ ରାଜ୍ୟର ସମସ୍ତ ୨୯ ଜିଲାର ୪୨ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ୪୯ ହଜାରରୁ ଅଧିକ ଭୂମିହୀନ କୃଷି ପରିବାରଙ୍କୁ ୮୭୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାଳିଆ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବାରୁ ସେତେବେଳେ ଏହି କାଳିଆ ସହାୟତା ରାଶି ହିତାଧିକାରୀଙ୍କୁ ଦିଆଯାଇ ନ ଥିଲା।

# ସ୍ତ୍ରୀଙ୍କୁ ମାରି ପୋତି ଦେଇଥିଲେ ସ୍ୱାମୀ

**ବଣାଇଁ,୨୯।୫(ସ୍ୱ.ପ୍ର.)**

**ମାଟି ତଳୁ ମୃତଦେହ ବାହାର କଲା ପୋଲିସ**

ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅନ୍ତର୍ଗତ ବାବୁ ନୂଆଗାଁ ଗ୍ରାମରେ ରବିବାର ରାତିରେ ଘଟିଛି ଏକ ଅଭାବନୀୟ ଘଟଣା। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଠେଙ୍ଗାରେ ପିଟି ମାରିଦେବା ପରେ ଘର ପଛପଟେ ମୃତଦେହକୁ ସ୍ୱାମୀ ପୋତିଦେଇଥିବା ନେଇ ଅଭିଯୋଗ ହୋଇଛି। ହତ୍ୟାର ଶିକାର ମହିଳା ହେଲେ ସରସ୍ୱତୀ କିସାନ(୩୦)। ବଣାଇ ପୋଲିସ ପୋତା ଯାଇଥିବା ମୃତଦେହ ଜବତ କରି ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା (୧୦୦/୨୩) ରୁଜୁ ହୋଇଛି। ଅଭିଯୁକ୍ତ ସ୍ୱାମୀ ତ୍ରିଲୋଚନ କିସାନ (୩୩)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି ପୋଲିସ। ହତ୍ୟାରେ ବ୍ୟବହୃତ କୋଦାଳ ବେଣ୍ଟ ଓ ମୃତାଙ୍କ ଲୁଗା ଜବତ ହୋଇଛି।

ପୋଲିସ ସୂଚନା ଅନୁସାରେ ଆଠବର୍ଷ ତଳେ ତ୍ରିଲୋଚନଙ୍କ ସହ ସରସ୍ୱତୀଙ୍କ ବିବାହ ହୋଇଥିଲା। ଏହି ଦମ୍ପତି ଦିନ ମଜୁରିଆଭାବେ କାମ କରୁଥିଲେ। ଘରେ ଦେଶୀ ମଦ ରଖି ବିକ୍ରି କରୁଥିଲେ। ଏଥିପାଇଁ ତାଙ୍କ ଘରେ ନିଶା ସେବନକାରୀଙ୍କ ଆତଯାତ ଥିଲା। ତାଙ୍କର ୩ଟି ପୁଅ ଅଛନ୍ତି। ହେଲେ ଗତ କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ରହୁ ନ ଥିଲା। ତ୍ରିଲୋଚନ ସ୍ତ୍ରୀଙ୍କ ଚରିତ୍ରକୁ ଆକ୍ଷେପ କରି ଗାଳିଗୁଲଜ କରୁଥିଲେ। ରବିବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପୁଣି ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ତ୍ରିଲୋଚନ ଏକ କୋଦାଳ ବେଣ୍ଟରେ ସରସ୍ୱତୀଙ୍କୁ ନିସ୍ତୁକୁ ପିଟି ଥିଲେ। ମରି ଯାଇଥିବା ଜାଣିବା ପରେ ବିଳମ୍ବିତ ରାତିରେ ସ୍ତ୍ରୀଙ୍କ ମୃତଦେହକୁ ଘର ପଛପଟ ବାଡ଼ିରେ ଥିବା ଏକ କଦଳୀ ଗଛ ମୂଳରେ ପୋତି ଦେଇଥିଲେ। ଏନେଇ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ସବୁ ସତ କଥା ମାନି ଯାଇଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ, ସାଇଣ୍ଟିଫିକ୍ ଦଳ ମୃତଦେହକୁ ମାଟି ତଳୁ ବାହାର କରିଥିଲା।

# ଯୁକ୍ତ ୨ ନାମଲେଖା ପାଇଁ ଆବେଦନ ଆରମ୍ଭ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

- ଚଳିତବର୍ଷ ୫ଲକ୍ଷ ୧୬ହଜାର ୬୧୮ ସିଟ୍
- ପ୍ରଥମ ଦିନରେ ୪୬ ହଜାରରୁ ଉର୍ଦ୍ଧ୍ୱ ପଞ୍ଜୀକରଣ

୨୦୨୩ ଶିକ୍ଷାବର୍ଷରେ ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିୟର କଲେଜଗୁଡ଼ିକରେ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ସାମ୍ସ ପୋର୍ଟାଲ ଜରିଆରେ ଛାତ୍ରୀଛାତ୍ର ସୋମବାର ପୂର୍ବାହ୍ନ ୧୧ଟାରୁ ଆବେଦନ ଆରମ୍ଭ କରିଛନ୍ତି।। ଆବେଦନର ଶେଷ ତାରିଖ ଜୁନ ୨୦ ରାତି ୧୧ଟା ୪୫ ଧାର୍ଯ୍ୟ କରାଯାଇଛି। ସାମ୍ସ ପୋର୍ଟାଲରୁ ମିଳିଥିବା ସୂଚନା ଅନୁସାରେ, ପ୍ରଥମ ଦିନରେ ରାତି ୮ଟା ୪୫ ସୁଦ୍ଧା ୪୬ ହଜାର ୧୩୨ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୨୯ ହଜାର ୧୮୫ ଜଣ ଆବେଦନ କରିଛନ୍ତି। ସେହିପରି ୨୮ ହଜାର ୮୪୭ ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି। ଚଳିତଥର ଯୁକ୍ତଦୁଇ ସିଟ୍ ବୃଦ୍ଧି କରାଯାଇଛି। ୧୦୬ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲାଯିବା ପାଇଁ ପଦକ୍ଷେପ ନିଆଯାଇଛି। ରାଜ୍ୟର ମୋଟ ୨୧୦୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫ ଲକ୍ଷ ୧୬ ହଜାର ୬୧୮ ସିଟ୍ ରହିଛି। ଏଥିମଧ୍ୟରେ କଳାରେ ୨ ଲକ୍ଷ ୮୯ ହଜାର ୬୯୮, ବିଜ୍ଞାନରେ ୧ ଲକ୍ଷ ୫୯ ହଜାର ୪୧୨, ବାଣିଜ୍ୟରେ ୪୪,୩୮୮, ସଂସ୍କୃତରେ ୧୩,୧୦୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦,୦୧୨ ଆସନରେ ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହେବ। କଟ୍‌ଅଫ୍ ମାର୍କ ଅନୁସାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଜୁନ ୨୮ ତାରିଖ ସକାଳ ୧୧ଟା ୪୫ରେ ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟ ମେଧା ତାଲିକାରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ଜୁନ ୨୯ରୁ ଜୁଲାଇ ୫ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ନାମ ଲେଖାଇବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧୩ ତାରିଖ ଅପରାହ୍ନ ୩ଟାରେ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଜୁଲାଇ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ୩ଦିନ ଚାଲିବ। ଦୁଇଟି ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟା ଶେଷ ହେବା ପରେ ଯଦି ସିଟ୍ ଖାଲିପଡ଼େ ତେବେ ସ୍ପଟ୍ ନାମଲେଖା ଲାଗି ତାଲିକା ପ୍ରକାଶ ପାଇବ। ଜୁଲାଇ ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ଏହି ତାଲିକା ପ୍ରକାଶ ପାଇବ। ଜୁଲାଇ ୨୯ରୁ ଯୁକ୍ତ ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଧାର୍ଯ୍ୟ କରାଯାଇଛି।

# ୩୧ ସୁଦ୍ଧା ଯୁକ୍ତ୨ ପରୀକ୍ଷାଫଳ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳକୁ ପରୀକ୍ଷାର୍ଥୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାବେଳେ ପରିଷଦ ପକ୍ଷରୁ ତାରିଖ ସ୍ଥିର ହୋଇପାରୁନାହିଁ। ପ୍ରଥମେ ୨୮ତାରିଖରେ ପରୀକ୍ଷାଫଳ ଘୋଷଣା ତାରିଖ ଜଣାପଡ଼ିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ତାହା ହୋଇ ନ ଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରକ୍ରିୟା ସମାପ୍ତ ହେବା ସହ ୩୧ ତାରିଖ ପୂର୍ବରୁ ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି କୁହାଯାଇଥିଲା। ମାତ୍ର ସୋମବାର ସୁଦ୍ଧା ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆସନ୍ତା ୩୧ ତାରିଖ ମଧ୍ୟାହ୍ନ ୧୨ଟା ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ୨୦୨୨-୨୩ ଶିକ୍ଷାବର୍ଷରେ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୧ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ପରୀକ୍ଷା ଦେବା ଲାଗି ୩ଲକ୍ଷ ୫୭ ହଜାର ୯୪୨ଜଣ ରେଗୁଲାର ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୩୩ ହଜାର ୮୫୫ଜଣ ରହିଥିଲେ। ସେହିପରି ଯୁକ୍ତ୨ ବିଜ୍ଞାନରେ ୯୩ ହଜାର ୮୯୪, ବାଣିଜ୍ୟରେ ୨୪ ହଜାର ୩୩୧ ଓ ଧନ୍ଦାମୂଳକ ଶିକ୍ଷାରେ ୫,୮୬୨ଜଣ ଛାତ୍ରୀଛାତ୍ର ରହିଥିଲେ। ଅନ୍ୟପଟେ ଯୁକ୍ତ ୨ ପରୀକ୍ଷା ଦେବା ପାଇଁ ଏକ୍ସରେଗୁଲାର ବର୍ଗର ୧ଲକ୍ଷ ୭୭ହଜାର ୨୦୪ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ଓଡ଼ିଶାର ୧,୧୪୫ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା। ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ଯୁକ୍ତ୨ ଖାତାଦେଖା ଆରମ୍ଭ ହୋଇଥିଲା। ଏପ୍ରିଲ ୧୦ରୁ ଆରମ୍ଭ ହୋଇ ମେ' ୫ ତାରିଖ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଓ ଅଫଲାଇନରେ ଖାତା ମୂଲ୍ୟାୟନ କରାଯାଇଥିଲା।

ସର୍ବଭାରତୀୟ ସ୍ତରରେ ବିଭିନ୍ନ ପ୍ରବେଶିକା ପରୀକ୍ଷାକୁ ନଜରରେ ରଖି ମେ' ମାସ ମଧ ଭାଗରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ କରିବାକୁ ସିଏଚ୍‌ଏସ୍‌ଇ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଏପର୍ଯ୍ୟନ୍ତ ପରୀକ୍ଷାଫଳ ପ୍ରକାଶ ନେଇ କୌଣସି ସ୍ପଷ୍ଟ ସୂଚନା ନ ମିଳିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଜୁନ ୮ରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳାଫଳ ପ୍ରକାଶ ନେଇ କୁହାଯାଉଥିଲେ ମଧ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ।



## ସଂକ୍ଷେପରେ

### ହାଇଦ୍ରାବାଦରେ ଟ୍ରେନରୁ ପଡ଼ି ଦାଦନ ଶ୍ରମିକ ମୃତ

ଖପ୍ରାଖୋଲ, ୨୯।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ଗ୍ରାମର ହୀରାସାଗର ଜଗତ (୨୫) ନାମକ ଜଣେ ଶ୍ରମିକ ଆନ୍ଧ୍ରପ୍ରଦେଶର କୋଏମ୍ବାଟୁରକୁ ଦାଦନ ଖଟି ଯାଇଥିଲେ। ଶନିବାର ସେ ଘରକୁ ଫେରୁଥିବା ବେଳେ ହାଇଦ୍ରାବାଦର ଭିମାପୁରମଠାରେ କୌଣସି କାରଣରୁ ଟ୍ରେନରୁ ଖସିପଡ଼ିଥିଲେ। ଏଥିଇରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏନେଇ ହୀରାସାଗରଙ୍କ ବଡବାପା ବୈରାଗୀ ଜଗତ ଖପ୍ରାଖୋଲ ତହସିଲଦାରଙ୍କୁ ଲିଖିତ ଜଣାଇଥିଲେ। ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ରେଡକ୍ରସ ପାଣ୍ଠିରୁ ମୃତଦେହ ଆଣିବା ଓ ସତ୍କାର କରିବା ପାଇଁ ୧୦ ହଜାର ଟଙ୍କା ଦେଇଛନ୍ତି। ମୃତ ଦାଦନ ଶ୍ରମିକଙ୍କ ବାପା ଜଣେ ପକ୍ଷାଘାତ ରୋଗରେ ଆକ୍ରାନ୍ତ। ବାପାଙ୍କ ଚିକିତ୍ସା ଖର୍ଚ୍ଚ ଓ ପରିବାର ପରିପୋଷଣ ପାଇଁ ସେ ଦାଦନ ଖଟି ଯାଇଥିଲେ।

### ବାଡ଼ା ନ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଲାଗି ଗାଈମୃତ

ଲାଠୋର, ୨୯।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ଗ୍ରାମ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ପଡିଛି। ସୋମବାର ଅପରାହ୍ଣରେ ମକାରୁ ବରିହାଙ୍କ ଏକ ଜର୍ସି ଗାଈ ଏହି ଟ୍ରାନ୍ସଫର୍ମରେ ଲାଗି ମରି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିକଟ ବଲାଙ୍ଗୀର-ନୂଆପଡ଼ ମୁଖ୍ୟରାସ୍ତା କଡ଼କୁ ଲାଗି ପ୍ରାୟ ୪ ବର୍ଷ ହେବ ଏକ ୬୩ କେଭି ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତ୍ ଯୋଗାଣ ହେଉଛି। ଟ୍ରାନ୍ସଫର୍ମର ନିକଟରେ ଜନବସତି ରହିଛି। ସେହି ରାସ୍ତା ଦେଇ ଲୋକ ଯିବା ଆସିବା କରୁଛନ୍ତି। ଛୋଟ ପିଲାମାନେ ସେଠାରେ ଖେଳା ବୁଲା କରୁଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ ବାଡ଼ ଦେବାର ଆବଶ୍ୟକତା ଥିବା ବେଳେ ବିଦ୍ୟୁତ୍ ଯୋଗାଣ କମ୍ପାନୀର ଖାମଖିଆଲ ନୀତି ଯୋଗୁଁ ସେଠାରେ ବାଡ଼ ଦିଆଯାଇନାହିଁ। ଫଳରେ ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି। ଏନେଇ ଖପ୍ରାଖୋଲ ସେକ୍ସନାଲ ଅଫିସର ଅମିତ କୁମାର ମିଶ୍ରଙ୍କୁ ପଚାରିବାରେ କେଉଁଠି ବାଡ଼ ଅଛି ନା ନାହିଁ ତାହା ବ୍ରେକ ଡ଼ାଉନ ଇଞ୍ଜିନିୟର ତଦାରଖ କରି ଆମକୁ ରିପୋର୍ଟ ଦେବା କଥା। ହେଲେ ଆମେ ତାଙ୍କଠାରୁ କୌଣସି ରିପୋର୍ଟ ପାଇ ନାହୁଁ ବୋଲି କହିଥିଲେ। ବିଦ୍ୟୁତ୍ ବିତରକ କମ୍ପାନୀ ଟ୍ରାନ୍ସଫର୍ମର ଚାରି ପାଖେ ପାଚେରି ଦେବାକୁ ସାଧାରଣରେ ଦାବି ହେଉଛି।

# ୪୨୩ କୋଟିର ପାନୀୟ ଜଳ ପ୍ରକଳ୍ପକୁ ଅନୁମୋଦନ

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମନ୍ତ୍ରୀ ଟୁକୁନୀ ସାହୁ

ବଲାଙ୍ଗୀର ଅଫିସ,୨୯।୫


ମନ୍ତ୍ରୀ ଟୁକୁନୀ ସାହୁ ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କ୍ୟାବିନେଟ ଅନୁମୋଦିତ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଉଛନ୍ତି।

ରାଜ୍ୟ ସରକାର ବଲାଙ୍ଗୀର ଜିଲାରେ ୪୨୩କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ପାନୀୟ ଜଳ ପ୍ରକଳ୍ପ କରିବେ। ସୋମବାର ରାଜ୍ୟ କ୍ୟାବିନେଟ ବୈଠକରେ ଏହା ଅନୁମୋଦିତ ହୋଇଛି। ଅପରାହ୍ଣରେ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ। ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇଦେବା ପାଇଁ ବିଜେଡି ସରକାର ନବୀନ ପଟ୍ଟନାୟକ ପ୍ରତିଶ୍ରୁତିବଦ୍ଧ। ବଲାଙ୍ଗୀର ଜିଲାରେ ୨ଟି ବୃହତ ଗ୍ରାମ୍ୟ ପାନୀୟ ଯୋଗାଣ ପ୍ରକଳ୍ପ ପାଇଁ ୧୮୭ କୋଟି ୫୦ ଲକ୍ଷ ଟଙ୍କାର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଜିଲାରେ ଟିଟିଲାଗଡ ବ୍ଲକ ଅଧିନରେ ଥିବା ୧୬ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୮୨ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୭୧ ହଜାର ୩୯୨ ଜନ ସଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ଜିଲାର ଅନ୍ୟ ୪ଟି ବୃହତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୨୩୫ କୋଟି ୫୩ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦିତ ହୋଇଥିବା ସେ ସୂଚନା ଦେଇଛନ୍ତି।

ଜିଲାର ୩ଟି ବ୍ଲକ ଅଧିନରେ ଥିବା ୨୯ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୪୦ ଟି ଗ୍ରାମରେ ବାସ କରୁଥିବା ପ୍ରାୟ ୯୦ ଜହାର ୩୦୮ ଜନ ସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦିଆଯିବ । ତନ୍ମଧ୍ୟରୁ ପାଟଣାଗଡ ବ୍ଲକ ଅଧିନରେ ଥିବା ୯ ପଞ୍ଚାୟତ ଅନ୍ତର୍ଗତ ୨୭ଟି ଗ୍ରାମର ପ୍ରାୟ ୧୭ ଜହାର ୭୪ ଜଣ ଓ ଗୁଡଭେଲା ବ୍ଲକ ଅଧିନରେ ଥିବା ୧୩ ପଞ୍ଚାୟତ ଅନ୍ତର୍ଗତ ୮୦ଟି ଗ୍ରାମର ପ୍ରାୟ ୪୪ ହଜାର ୩୫୦ ଜଣ ଏବଂ ମୁରିବାହାଲ ବ୍ଲକ ଅଧିନରେ ଥିବା ୭ ଗୋଟି ଞ୍ଚାୟତ ଅନ୍ତର୍ଗତ ୩୩ ଟି ଗ୍ରାମର ପ୍ରାୟ ୨୮ ହଜାର ୮୮୪ ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ ବୋଲି ମନ୍ତ୍ରୀ ସାହୁ ସୂଚନା ଦେଇଥିଲେ। ଏହି ସମସ୍ତ ପ୍ରକଳ୍ପ ଗୁଡିକୁ ୨୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ପୂର୍ବତନ ବିଧାୟକ ଆୟୁବ ଖାଁ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାକ୍ତୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟୱାଲ, ଟିଟିଲାଗଡ ବ୍ଲକ ଅଧ୍ୟକ୍ଷା ସଞ୍ଜୁକ୍ତା ନାଏକ, ଜିଲା ପରିଷଦ ସଦସ୍ୟା ଗୀତା ବିଶି, ଜିଲା ପରିଷଦ ସଦସ୍ୟ ନିବାସ ଅଗ୍ରୱାଲ, ଯୁବନେତା ଲୋଟସ ଷଡଙ୍ଗୀ, ଅଜୟ ଦାସ, ନିହାର ରଞ୍ଜନ ବେହେରା, ଜିଲା ବିଜେଡି ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ ଓ ବଲାଙ୍ଗୀର ବିଜୁ ଜନତା ଦଳର ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ।

# ଭତ୍ତା ନେବାକୁ ଆସି ବୃଦ୍ଧ ଗୁରୁତର

ଲାଠୋର, ୨୯।୫(ଡି.ଏନ.ଏ.)


ଦୋକାନ ବାରଣ୍ଡାରେ ଭତ୍ତା ନେବାକୁ ଆସି ଅସୁସ୍ଥ ହୋଇ ପଡିଥିବା ବୃଦ୍ଧ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ସଦର ଗାଁ କରୁଆଝରର ନାରାୟଣ ଶବର(୭୬) ସୋମବାର ଲାଠୋର ସେଣ୍ଟ୍ରାଲ ବ୍ୟାଙ୍କକୁ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ନେବାକୁ ଆସି ଗୁରତର ହୋଇଛନ୍ତି। ପୂର୍ବାହ୍ଣ ୧୦ଟାରେ ପୁଅ ମାଧବଙ୍କ ସହ ସେ ଭତ୍ତା ଟଙ୍କା ଉଠାଣ ପାଇଁ ଆସିଥିଲେ। ଟଙ୍କା ଉଠାଣ ପାଇଁ ଭାଉଚରରେ ଦସ୍ତଖତ କରି ବ୍ୟାଙ୍କ କର୍ତ୍ତୃକ୍ଷଙ୍କୁ ଦେଇଥିଲେ। ହେଲେ ତାଙ୍କୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭତ୍ତା ଟଙ୍କା ପ୍ରଦାନ କରାଯାଇ ନ ଥିଲା। ଫଳରେ ବୃଦ୍ଧା ଜଣକ ବ୍ୟାଙ୍କ ନିକଟ ଏକ କିରାନା ଦୋକାନ ବାରଣ୍ଡାରେ ବସିଥିଲେ। ପ୍ରଚଣ୍ଡ ତାତିକୁ ସହ୍ୟ କରି ନ ପାରି ନାରାୟଣ ଅଚେତ ହୋଇ ପଡ଼ିଥିଲେ। ଖବର ପାଇ ବ୍ୟାଙ୍କ କର୍ମଚାରୀ ବୃଦ୍ଧଙ୍କ ନିକଟକୁ ଆସି ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ପରେ ସ୍ଥାନୀ ଜଣେ ଯୁବକଙ୍କ ସହାୟତାରେ ନାରାୟଣଙ୍କୁ ଲାଠୋର ହସ୍ପିଟାଲ ନିଆଯାଇଥିଲା। ହେଲେ ହସ୍ପିଟାଲ ବନ୍ଦ ଥିବା ହେତୁ ଏକ ଅଟୋ ଭଡ଼ାକରି ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ଏନେଇ ଖପ୍ରାଖୋଲ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାରଙ୍କୁ ପଚାରିବାରେ ସରକାରୀ ନିୟମ ଅନୁସାରେ ଅସହାୟଙ୍କ ଘରକୁ ଯାଇ ବ୍ୟାଙ୍କିଙ୍ଗ କରେସପଣ୍ଡେଣ୍ଟମାନେ ଭତା ଟଙ୍କା ପ୍ରଦାନ କରିବା କଥା। ହେଲେ ସେମାନେ ତାଙ୍କ ଦାୟିତ୍ୱ ସୂଚାରୁ ରୁପେ ତୁଲାଉ ନଥିବାରୁ ଏପରି ସ୍ଥିତି ସୃଷ୍ଟି ହେଉଛି ବୋଲି କହିଥିଲେ।

# ତାଲା ଭାଙ୍ଗି ହସ୍ତାନ୍ତର କଲା ପ୍ରଶାସନ


ତାଲା ଖୋଲିବା ବେଳେ ତହସିଲଦାର, ଶିଶୁ ବିକାଶ ଅଧିକାରୀ ଓ ଅନ୍ୟମାନେ।

କଣ୍ଟାବାଞ୍ଜି, ୨୯।୫(ଡି.ଏନ.ଏ.)

## ୫ମାସ ହେଲା ଅଙ୍ଗନୱାଡି କେନ୍ଦ୍ରରେ ତାଲା ପଡ଼ିଥିଲା

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଗାଉଡାର ଆଙ୍ଗନୱଡି କେନ୍ଦ୍ରରେ ଗତ ୫ମାସ ହେଲା ତାଲା ଝୁଲୁଥିଲା। ଏଥିଯୋଗୁ କେନ୍ଦ୍ରରେ ପ୍ରିକ୍ଲାସ ବାଧାପ୍ରାପ୍ତ ହେଉଥିଲା । ଏ ନେଇ କେନ୍ଦ୍ରର କର୍ମୀ ଭୋଜକାନ୍ତି ରାଉତ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିଲା। ଶେଷରେ ଗତ ୨୬ତାରିଖ ଭୋଜକାନ୍ତି ଏ ନେଇ ଜିଲାପାଳ ଓ ନୂତନ ଭାବେ ଯୋଗ ଦେଇଥିବା ଏସ୍‌ପିଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଖୋଦ୍ ତାଙ୍କ ସ୍ୱାମୀ ଓ ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ଅଙ୍ଗନୱାଡି କେନ୍ଦ୍ର ଗୃହରେ ତାଲା ପକାଇ ବନ୍ଦ କରିଥିବା ଲିଖିତ ଜଣାଇଥିଲେ । ଏପରିକି କେନ୍ଦ୍ର ଖୋଲିଲେ ଜୀବନରେ ମାରିଦେବା ପାଇଁ ଧମକ ଦିଆଯାଉଥିବା ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏପରିକି ତୁରେକେଲା ଥାନାରେ ଅଭିଯୋଗ କରିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା କହିଥିଲେ। ଶେଷରେ କଣ୍ଟାବାଞ୍ଜି ତହସିଲଦାର ଅମୃତଲାଲ ବେହେରା, ତୁରେକେଲା ସିଡିପିଓ ମାଧୁରୀ ହୋତା, ସମିତି ସଭ୍ୟ ପ୍ରମୋଦ କୁମାର ମହାପାତ୍ର ଏବଂ ଗାଉଡାର ଗ୍ରାମର ଜନସାଧାରଣଙ୍କ ଉପସ୍ଥିତିରେ କେନ୍ଦ୍ରର ତାଲା ଭାଙ୍ଗି ନୂତନ ତାଲା ପକାଇ କେନ୍ଦ୍ରର କର୍ମୀ ଭୋଜକାନ୍ତି ରାଉତଙ୍କୁ ହସ୍ତା'ର କରିଥିଲେ।

# ଗୁରୁତର ଯୁବତୀ, ତାଙ୍କ ମା' ବୁର୍ଲା ସ୍ଥାନାନ୍ତର

ବଲାଙ୍ଗୀର ଅଫିସ, ୨୯।୫

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଗାଁରେ ଶନିବାର ଜଣେ ମ ଯୁବକ ପ୍ରେମ ସମ୍ପର୍କରେ ଫାଟ ଅନୁମାନ କରି ପ୍ରେମିକାଙ୍କ ଘରକୁ ଯାଇ ପ୍ରେମିକା, ତାଙ୍କ ଭାଇ ଓ ମା'ଙ୍କୁ ପେଟ୍ରୋଲ ଢ଼ାଳି ପୋଡ଼ି ଦେବା ଉଦ୍ୟମ କରିଥିଲେ। ଏହି ଘଟଣାରେ ପ୍ରେମିକାଙ୍କ ସହ ପ୍ରେମିକାଙ୍କ ଭାଇ ଓ ମା' ପୋଡି ଯାଇ ଗୁରୁତର ଆହତ ହୋଇଥିଲେ। ତିନିଜଣଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ପୋଡାଜଳା କକ୍ଷକୁ ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ତେବେ ଚିକିତ୍ସା ଆରମ୍ଭ କରାଯାଇଥିଲେ ମଧ୍ୟ ପୀଡିତା ଯୁବତୀ ଓ ତାଙ୍କ ମା'ଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଉଲ୍ଲେଖଯୋଗ୍ଯ ଯେ, ଢେଙ୍କାନାଳ ଅଞ୍ଚର ସ୍ୱସ୍ତିକ ଦାସ (୩୫) ଲାଠୋର ଥାନା ମାଳପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଉଭୟଙ୍କ ମଧ୍ୟରେ କୁଆଡେ ପ୍ରେମ ସମ୍ପର୍କ ରହିଥିଲା। ତେବେ ପ୍ରେମିକ ଜଣକ ମଦ ପିଉଥିବାରୁ ଯୁବତୀଙ୍କ ସହ ବଚସା ଲାଗି ରହିଥିଲା।

# ପୂର୍ବତନ ବିଧାୟକଙ୍କ ଜନସମ୍ପର୍କ ଯାତ୍ରା


ଜନ ସାଧାରଣଙ୍କ ସମସ୍ୟା ବୁଝୁଛନ୍ତି ନେତୃବର୍ଗ।

ମୁରିବାହାଲ, ୨୯।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗୁଡିଘାଟ ଓ ଇଛାପଡା ପଞ୍ଚାୟତର ବିଭିନ୍ନ ଗାଁରେ ପୂର୍ବତନ ବିଧାୟକ ଆୟୁବ ଖାଁ ଚଳାଇଥିବା ଦୁଇଦିନିଆ ଜନସମ୍ପର୍କ ଯାତ୍ରା ସୋମବାର ଶେଷ ହୋଇଛି। ଏହି ଅବସରରେ ଖାଁ ନବୀନ ସରକାର କର ୨୩ ବର୍ଷ ଶାସନର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଜନସାଧାରଣଙ୍କ ସାମୂହିକ ସମସ୍ୟା ଗୁଡିକର ଆଶୁ ସମାଧାନ ପାଇଁ ଚେଷ୍ଟା କରିଯିବା ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ଖାଁଙ୍କ ସହ ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ରାଜ୍ୟ ସଭା ସାଂସଦଙ୍କ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ପତ୍ରାପାଲି(କ) ସମିତି ସଭ୍ୟ ସନ୍ୟାସୀ ପୁଟେଲ, ଗୁଡିଘାଟ ସରପଞ୍ଚ ରଶ୍ମିତା ବାଗ ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ। ଗୁଡିଘାଟ ପଞ୍ଚାୟତର ଘୁଷୁରାମୁଣ୍ଡା, ସୁକୁନିପଦର, ବାଲିଖମାର, ରାନୀସିଲେଟ, ବାବେଜୁରୀ, ଇଛାପଡା ପଞ୍ଚାୟତର ଇଛାପଡା, ସରଗୁଲ, ରେଙ୍ଗାଲି, ବାଘୁଆବାହାଲରେ ଜନ ସମ୍ପର୍କ ଯାତ୍ରା ସମୟରେ ସମ୍ପୃକ୍ତ ଗ୍ରାମର ଅଧିବାସୀ ପନୀୟ ଜଳ, ବିଭିନ୍ନ ଭତ୍ତା, ପ୍ରହର ମଣ୍ଡପ, ବିଜୁଳି, ସହ ରାସ୍ତା ବିଷୟରେ ଅବଗତ କରାଇଥିଲେ।

# ଟ୍ୟାଙ୍କର ଯୋଗେ ଜଳଯୋଗାଅ

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଆଦିବାସୀ

ଟିଟିଲାଗଡ଼, ୨୯।୫(ଡି.ଏନ.ଏ.)



ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରତ ଆଦିବାସୀ।

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁରେ ଜଳ ସଙ୍କଟ ଦେଖା ଦେଇଛି। ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଶେଷରେ ଏ ନେଇ ଆନ୍ଦୋଳନକୁ ଓହ୍ଲାଇଛି ଜିଲା ଆଦିବାସୀ କଲ୍ୟାଣ ସଂଘ। ସୋମବା ର ସ୍ଥାନୀୟ ଆଦିବାସୀ ସଂଘ କାର୍ଯ୍ୟାଳୟରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ଏକ ଶୋଭାଯାତ୍ରାରେ ବାହାରି ସଂଘ କର୍ମକର୍ତ୍ତାମାନେ ଟିଟିଲାଗଡ଼ ଉପଜଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠଶରେ ସେମାନେ ଅଭିଯୋଗ କରିଥିଲେ, ଟିଟିଲାଗଡ଼ ସହର ଏବଂ ଗ୍ରାମାଞ୍ଚଳରେ ପ୍ରଶାସନ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେଇ ଆସୁଥିଲା। ହେଲେ ଚଳିତ ବର୍ଷ ସରକାର ଏହାକୁ ବନ୍ଦ କରି ଦେଇଛନ୍ତି। ତେଣୁ ଏବେଠାରୁ ପ୍ରତ୍ୟେକ ଗାଁକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ସେହିପରି ଲୁଥୁରବନ୍ଧ ପଞ୍ଚାୟତ ମହଦା ଗ୍ରାମରେ ପ୍ରସ୍ତାବିତ ପାର୍କ ପାଇଁ ଚିହ୍ନଟ ହୋଇଥିବା ସ୍ଥାନକୁ ତୁରନ୍ତ ପରିବର୍ତ୍ତନ କରାଯାଉ ବୋଲି ଦାବି କରିଥିଲେ। ଏଭଳି ଅନେକ ସମସ୍ୟାକୁ ନେଇ ସଂଘ ପକ୍ଷରୁ ଉପଜିଲାପାଳ ଦୟାମୟ ପାଢ଼ୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ସ୍କୁଲ ଖେଳପଡ଼ିଆ ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ଲୋଇସିଂହା, ୨୯।୫(ଡି.ଏନ.ଏ)


ସ୍କୁଲ ଖେଳପଡ଼ିଆ ଉନ୍ନତୀକରଣ ଶିଳାନ୍ୟାସ ସମୟରେ ଅତିଥି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ଖେଳପଡିଆ ଉନ୍ନତୀକରଣର ଶୁଭାରମ୍ଭ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୧୦ ଲକ୍ଷ ବ୍ୟୟ ଅଟକଳରେ ଖେଳ ପଡିଆର ମାଟି କାମ ସହିତ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିରେ ପଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଡିଆ ଉନ୍ନତୀକରଣ କାମର ଶୁଭାରମ୍ଭ କରିଥିଲେ। ଏଠାରେ ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଦୁର୍ବାଦଳ ବାଗ, ସ୍କୁଲ ଆଲୁମିନି ସଦସ୍ୟ ସୁଶାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ପଧାନ, ଗୁରଦେବ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ସ୍କୁଲ ପରିସରର ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

# ଯୁଗ୍ମ ଜନ ଶୁଣାଣିରେ ୧୧୪ ଅଭିଯୋଗ

ଖପ୍ରାଖୋଲ, ୨୯।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭାଗୃହଠାରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜଣାଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧିକ୍ଷକ ରିଶିକେଶ ଖିଲାରି, ଜିଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ପାଟଣାଗଡ ଉପଜିଲାପାଳ ଡ ବିଜୟାନନ୍ଦ ସେଠୀ, ଉପଖଣ୍ଡ ପୋଲିସ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତା ଉପସ୍ଥିତ ରହି ଜନସାଧାରାଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ସାମୂହିକ ୬୬ ଓ ୪୮ଟି ବ୍ୟକ୍ତି ଗତ ଅଭିଯୋଗ ଆସିଥିଲା। ୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ବେନ୍ଦେର ପଞ୍ଚାୟତ ଅନ୍ତର୍ଗତ ଭରୁଆମୁଣ୍ଡା ଗାଁର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ସିଲେଇ ମେଶିନ କିଣିବାପାଇଁ ଜଲାପାଳ ବ୍ୟକ୍ତିଗତ ଭାବେ ୨୫ଶହ ଟଙ୍କା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା କୁବେର ଚନ୍ଦ୍ର ମହନ୍ତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ଡେପୁଟି କଲେକ୍ଟର ସିତାଂଶୁ ଶେଖର ସାମାଳ, ସୁବାସ ବେହେରା, ଖପ୍ରାଖୋଲ ବିଡ଼ିଓ ବିଜୟ କୁମାର ହୋତା, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରି ନାଗ, ଲାଠୋର ରେଞ୍ଜ ଅଧିକାରୀ ପ୍ରଭାତି ସେଠ, ସହକାରି ଯନ୍ତ୍ରୀ ମହେଶ ଲାଲ ଅଗ୍ରୱାଲ ,ସେକ୍ଟର ଅଫିସର ବ୍ରଜବନ୍ଧୁ ଠାକୁର,ଜିପିଇଓ ବିକାଶ ବାର୍ଲା ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ଖପ୍ରାଖୋଲ ଗାଁ ରେ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ଧୂପ କାଠି ପ୍ରସ୍ତୁତି ୟୁନିଟକୁ ଏହି ଅବସରରେ ଉଦ୍‌ଘାଟନ କରିଥିଲେ। କୃଷି ବିଭାଗ ସହାୟତାରେ ଏକ ମୃତ୍ତିକା ପରୀକ୍ଷା କେନ୍ଦ୍ର ମଧ୍ୟ ସେ ଉଦ୍‌ଘାଟନ କରିଥିଲେ।


ଅଧିକାରୀମାନେ ଜନ ଅଭିଯେଗର ଶୁଣାଣି କରୁଛନ୍ତି।

# ବୁଦଲା ପାକ୍ସରେ ରବି ଧାନକିଣା ଆରମ୍ଭ

ଲୋଇସିଂହା,୨୯।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବୁଦଲା ପ୍ରାଥମିକ କୃଷି ସମବାୟ ସମିତିରେ ରବିଧାନ କିଣା ସୋମବାର ଆରମ୍ଭ ହୋଇଛି। ତହସିଲଦାର ସରୋଜା ବେହେରା ଅତିଥି ଭାବେ ଯୋଗଦେଇ ଧାନକିଣା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ତହସିଲଦାର ବେରୋ କହିଥିଲେ ଧାନକିଣାରେ ଅନିୟମିତତା କିମ୍ବା କୌଣସି ତ୍ରୁଟି କରା ଯିବା କଥା ନୁହେଁ। ଜଣେ ବି ଚାଷୀ ଏ ନେଇ ଅଭିଯୋଗ ଯେପରି ନ କରନ୍ତି ସେଥିପ୍ରତି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ବୋର୍ଡ ସଭାପତି ଚିନ୍ତାମଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ଅଶ୍ୱିନୀ ଗଡତ୍ୟା, ବୋର୍ଡ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ସମ୍ପାଦକ ଗଡତ୍ୟା କହିଥିଲେ ଚଳିତ ରବିଋତୁରେ ଧାନ ବିକ୍ରି ପାଇଁ ୨୮୬ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଧାନବିକ୍ରି ପାଇଁ ୨୩୧ ଜଣ ଚାଷୀଙ୍କ ଟୋକନ ଆସିଛି। ଦ୍ୱିତୀୟ ପର୍ଯ୍ୟାରେ ଅବଶିଷ୍ଟ ୫୫ ଜଣଙ୍କ ଟୋକନ ଆସିବ ବୋଲି ସେ କହିଥିଲେ।


ତହସିଲଦାର ରବିଧାନ ମଣ୍ଡିର ଶୁଭାରମ୍ଭ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ମେ ୨୦୨୩



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

**ବାଉଁଶୁଣୀ,୨୯।୫ (ଡି.ଏନ.ଏ.):** ସୋମବାର ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନଂ ଜାତୀୟ ରାଜପଥର ବାଉଁଶୁଣୀ ବାଘ ନଦୀ ବ୍ରିଜ ଉପରେ ଏକ ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ସକାଳ ପ୍ରାୟ ୯ ଟା ସମୟରେ ବାଘ ନଦୀ ବ୍ରିଜ ଦେଇ ଯାଉଥିବା ଜଣେ ବୃଦ୍ଧାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂଙ୍କ ସମେତ ଅନ୍ୟ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ମହିଳା ଜଣଙ୍କର ମାନସିକ ବିକୃତି ଥିବା ବେଳେ ସେ ମନମୁଣ୍ଡା ଥାନା ଜମଟାଙ୍ଗି ଅଞ୍ଚଳରେ ଅଧିକାଂଶ ସମୟରେ ବୁଲାବୁଲି କରୁଥିଲେ । ସୋମବାର ବାଉଁଶୁଣୀ ଅଞ୍ଚଳକୁ ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ ।

### ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ କର୍ମଶାଳା

**ସୋନପୁର,୨୯।୫(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାର ତାଲିମ କେନ୍ଦ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ଏକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି । ଡା. ଦୈତ୍ୟ ନାରାୟଣ ପାଢୀଙ୍କ ଅଧକ୍ଷତା ଏବଂ ଡା. ଦୁର୍ଗାଦତ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଏସ୍କେୱାଇ ଜିଲା ସଂଯୋଜିକା ପ୍ରଜ୍ଞାପରିମିତା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର, ଡାକ୍ତରଖାନା ଅଧୀକ୍ଷକ, ବିଏସ୍କେୱାଇ ଅନୁବନ୍ଧିତ ଡାକ୍ତରଖାନାର ପରିଚାଳକ, ସ୍ୱାସ୍ଥ୍ୟ ମିତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଏସ୍କେୱାଇ ହିତାଧିକାରୀମାନେ କିଭଳି ସଂପୂର୍ଣ୍ଣ ମାଗଣା ଏବଂ ସୁବିଧାରେ ଚିକିତ୍ସା ସୁବିଧା ପାଇ ପାରିବେ ସେ ନେଇ ଆଲୋଚନା ହୋଇଥିଲା । କର୍ମଶାଳାରେ ଏଡିପିଏଚଓ ଭିବିଡି ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଏଡିପିଏଚଓ(ଯକ୍ଷ୍ମା) ଡା. ପଦ୍ମହଂସା ଦୋରା, ଡା. ରବୀନ୍ଦ୍ର ପଣ୍ଡା, ତରଭା ମେଡିକାଲ ଅଧୀକ୍ଷକ ଡା. କେ.କେ. ମିଶ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ପ୍ରକାଶ ଦଣ୍ଡସେନା, ଭେଷଜ ବିଶେଷଜ୍ଞ ଜିତାରାମ ବିଦ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ସ୍ୱପ୍ନେଶ୍ୱର ବେହେରା, ଚକ୍ଷୁ ବିଶେଷଜ୍ଞ ସଞ୍ଜୀବ କୁମାର କର ଯୋଗ ଦେଇଥିଲେ। ଏହାଛଡା ଡା. ରଶ୍ମିରଞ୍ଜନ ହୋତା, ମହାନଦୀ ନେତ୍ର ଚିକିତ୍ସାଳୟ ପିଆର୍‌ଓ ଶ୍ରୀ ଗୋପାଳ, ସମଲେଶ୍ୱରୀ ନର୍ସିଂ ହୋମ ପରିଚାଳକ ଶୁଭାଶିଷ ରଥ, ଆଶା ନର୍ସିଂ ହୋମ ପରିଚାଳକ ରୁଦ୍ର ପଟ୍ଟନାୟକ ଓ ବୃନ୍ଦାବନ ମେହେର ,ସୁବାସ ପଣ୍ଡା ଓ ସଞ୍ଜୟ ବଡପଣ୍ଡା, କପିଳେଶ୍ୱର ଚେରିଟେବୁଲ ହସ୍ପିଟାଲ ମ୍ୟାନେଜର ଶୁଖିରାମ ମଲ୍ଲିକ ଯୋଗ ଦେଇଥିଲେ । କାଜଲ ରାଣୀ ପ୍ରଧାନ, ମହେନ୍ଦ୍ର ସାହୁ, ହେମନ୍ତ କୁମାର ପ୍ରଧାନ, ପୂର୍ବୀ ସରାଫ, ଦେବଦତ୍ତ ଦୀପା ପ୍ରମୁଖ ସ୍ୱାସ୍ଥ୍ୟ ମିତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ଯୁକ୍ତ ଦୁଇ ନାମଲେଖାରେ ହୋଇପାରେ ସମସ୍ୟା

ଅମରପାଳି,୨୯।୫(ଡି.ଏନ.ଏ.)


କିଶୋର ହୋତା (ଶିକ୍ଷାବିତ,ଚମ୍ପାମାଳ)


ଯୁଧିଷ୍ଠିର ସାହୁ (ଅଭିଭାବକ, ଅମରପାଲି)


ଉମାକାନ୍ତ ଦାଶ (ଛାତ୍ର,ପୁଲେଶ୍ୱର)


ଲବ କୁମାର ସାହୁ (ଜିଲା ପରିଷଦ ସଦସ୍ୟ)


ଶାନ୍ତନୁ କୁମ୍ଭକାର (ବିଇଓ,ବୀରମହାରାଜପୁର)

**ବୀରମହାରାଜପୁର ବ୍ଲକ**
- ଚଳିତ ମାଟ୍ରିକ ପରୀକ୍ଷାରେ ୧୪୫୯ଜଣ ପାସ୍ କରିଛନ୍ତି
- ବ୍ଲକର ୫ କଲେଜରେ ରହିଛି ୧୧୩୬ ସିଟ
- ସମସ୍ତ ହାଇସ୍କୁଲରେ +୨ ଖୋଲିବାକୁ ଦାବି

ଚଳିତ ଶିକ୍ଷାବର୍ଷରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଛାତ୍ରୀଛାତ୍ରମାନେ ଯୁକ୍ତ ଦୁଇ ଶ୍ରେଣୀରେ ନାମ ଲେଖାଇବାରେ ଦେଖା ଦେଇପାରେ ସମସ୍ୟା। ବ୍ଲକରେ ଥିବା ଯୁକ୍ତ ୨ କଲେଜଗୁଡିକରେ ଯେତେ ସଂଖ୍ୟକ ସିଟ୍ ରହିଛି ତାଠାରୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ପାସ୍ କରିଛନ୍ତି। ଏଣୁ ବୀରମହାରାଜପୁର ଅଞ୍ଚଳରେ ଅଧିକ ସଂଖ୍ୟକ ଯୁକ୍ତ ୨ କଲେଜ ଖୋଲିବା ସହିତ ସମସ୍ତ ହାଇସ୍କୁଲରେ ଯୁକ୍ତ ୨ ଶ୍ରେଣୀ ଖୋଲିବାକୁ ଦାବି ହେଉଛି।

ପ୍ରକାଶ ଯେ, ବୀରମହାରାଜପୁର ବ୍ଲକରେ ୧୯ଟି ହାଇସ୍କୁଲ ରହିଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବା ପାଇଁ ବ୍ଲକର ୧୪୮୮ଜଣ ପଞ୍ଜୀକୃତ ହୋଇଥିଲେ। ତନ୍ମଧ୍ୟରୁ ୧୪୭୬ଜଣ ପରୀକ୍ଷା ଦେଇଥିବା ବେଳେ ୧୨ଜଣ ଅନୁପସ୍ଥିତ ଥିଲେ। ଚଳିତବର୍ଷ ବୀରମହାରାଜପୁର ବ୍ଲକରେ ୯୮.୪୫ ପ୍ରତିଶତ ଛାତ୍ରୀଛାତ୍ର ପାସ କରି ରେକର୍ଡ କରିଛନ୍ତି। ବ୍ଲକର ସମସ୍ତ ସ୍କୁଲରୁ ୧୪୫୯ଜଣ ଛାତ୍ରୀଛାତ୍ର ପାସ କରିଛନ୍ତି। ଏପଟେ ବୀରମହାରାଜପୁର ବ୍ଲକରେ ସମୁଦାୟ ୫ଟି ଯୁକ୍ତ ଦୁଇ କଲେଜ ରହିଛି। ସମସ୍ତ କଲେଜରେ କଳା ଓ ବିଜ୍ଞାନ ପାଠ୍ୟକ୍ରମରେ ସମୁଦାୟ ୧୧୩୬ଟି ସିଟ ରହିଛି। ତେବେ ବଳକା ୩୨୩ ଜଣ ପିଲା କେଉଁଠି ପାଠ ପଢିବେ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକରେ ଥିବା କୌଣସି କଲେଜରେ ବାଣିଜ୍ୟ ପାଠ୍ୟକ୍ରମ ନ ଥିବାରୁ ପିଲା ବାଣିଜ୍ୟ ପଢିବାରୁ ବଞ୍ଚିତ ହେବେ। ତେଣୁ ବାଣିଜ୍ୟ ପଢିବାକୁ ଥିବା ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକର ବୀରମହାରାଜପୁର ହାୟର ସେକେଣ୍ଡାରୀ ସ୍କୁଲ, ଭୁଡିଆପାଲିସ୍ଥିତ ପରମେଶ୍ୱରୀ ହାୟର ସେକେଣ୍ଡାରୀ ସ୍କୁଲ, ବୀରମହାରାଜପୁର ମହିଳା ହାୟର ସେକେଣ୍ଡାରୀ ସ୍କୁଲ, ଖଣ୍ଡହତାସ୍ଥିତ ରବୀନ୍ଦ୍ର ନାଥ ହାୟର ସେକେଣ୍ଡାରୀ ସ୍କୁଲ ଓ ସୁବଳୟା ହାୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତ ଦୁଇ ପଢିବାର ବ୍ୟବସ୍ଥା ରହିଛି। କେବଳ ବୀରମହାରାଜପୁର ହାୟର ସେକେଣ୍ଡାରୀ ସ୍କୁଲରେ କଳା, ବିଜ୍ଞାନ ଓ ଭୋକେସନାଲ ପାଠ୍ୟକ୍ରମ ରହିଥିବା ବେଳେ ଅନ୍ୟ ସମସ୍ତ କଲେଜରେ କେବଳ କଳା ପାଠ୍ୟକ୍ରମ ରହିଛି। ବୀରମହାରାଜପୁର ହାୟର ସେକେଣ୍ଡାରୀ ସ୍କୁଲରେ କଳା ପାଇଁ ୨୫୬ ସିଟ, ବିଜ୍ଞାନ ପାଇଁ ୬୪ ସିଟ ଓ ଭୋକେସନାଲ ପାଇଁ ୪୮ଟି ସିଟ ରହିଛି। ସେହିପରି ବୀରମହାରାଜପୁର ମହିଳା ହାୟର ସେକେଣ୍ଡାରୀ ସ୍କୁଲରେ କେବଳ କଳାରେ ୧୯୨ ସିଟ ରହିଛି। ଭୁଡିଆପାଲି ପରମେଶ୍ୱରୀ ହାୟର ସେକେଣ୍ଡାରୀ ସ୍କୁଲରେ କଳା ପାଠ୍ୟକ୍ରମରେ ୨୫୬ସିଟ ରହିଥିବା ବେଳେ ଖଣ୍ଡହତା ରବୀନ୍ଦ୍ର ନାଟ ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୧୯୨ ସିଟ ଓ ସୁବଳୟା ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୧୨୮ ସିଟ ରହିଛି। ଏହିପରି କଳା,ବିଜ୍ଞାନ ଓ ଭୋକେସନାଲକୁ ମିଶାଇ ସମୁଦାୟ ୧୧୩୬ ସିଟ ରହିଛି। ତେବେ ବ୍ଲକରୁ ମାଟ୍ରିକ ପାସ କରିଥିବା ସମୁଦାୟ ୧୪୫୯ଜଣ ପିଲାଙ୍କ ମଧ୍ୟରୁ ଦୁଇ ଜଣ ଏ-୧ ଗ୍ରେଡ, ୪୧ଜଣ ଏ-୨ ଗ୍ରେଡ, ୧୮୨ ଜଣ ବି-୧ ଗ୍ରେଡ, ୩୧୭ଜଣ ବି-୨ ଗ୍ରେଡ, ୩୮୧ ଜଣ ସି-ଗ୍ରେଡ, ୩୨୩ ଜଣ ଡି-ଗ୍ରେଡ ଓ ୨୧୩ ଜଣ ଇ-ଗ୍ରେଡରେ ପାସ କରିଛନ୍ତି। ବ୍ଲକର ମାତ୍ର ୧୭ ଜଣ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବରରେ ପୁଣି ସପ୍ଲିମେଣ୍ଟାରୀ ପରୀକ୍ଷା ହେବାକୁ ଥିବା ବେଳେ ସେହି ପରୀକ୍ଷାରେ ପାସ କଲେ ପିଲାଙ୍କ ନାମ ଲେଖାରେ ସମସ୍ୟା ବଢିପାରେ। ଏପଟେ ସୋମବାର ଠାରୁ +୨ ନାମ ଲେଖା ଆବେଦନ ପ୍ରକ୍ରିୟା ଆରମ୍ଭ ହେଲାଣି। ତେଣୁ ନାମଲେଖାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷାବିତ ଆଶା ଆଶଙ୍କାରେ ରହିଛନ୍ତି। ଏଥର ଯୁକ୍ତ ଦୁଇରେ ସିଟ ନ ପାଇ ବଳକା ପିଲା ନାମ ଲେଖାଇ ନ ପାରି ପାଠପଢାରୁ ବଞ୍ଚିତ ହେବାର ସମସ୍ୟା ଦେଖା ଦେଇପାରେ ବୋଲି ଚମ୍ପାମାଳର ଶିକ୍ଷାବିତ୍ କିଶୋର ହୋତା ପ୍ରକାଶ କରିଛନ୍ତି।

### ପାସ୍ କରିଛନ୍ତି ଅଧିକ, ସିଟ ସଂଖ୍ୟା କମ୍

ଏଣୁ ଏହି ସମସ୍ୟାକୁ ଆଖି ଆଗରେ ରଖି ଅଞ୍ଚଳରେ ଆହୁରି ଯୁକ୍ତ ଦୁଇ କଲେଜ ଖୋଲିବାକୁ ଅମରପାଲିର ଅଭିଭାବକ ଯୁଧିଷ୍ଠିର ସାହୁ ମତ ପ୍ରକାଶ କରିଛନ୍ତି। ବ୍ଲକରେ କୌଣସି କଲେଜରେ ବାଣିଜ୍ୟ ପାଠ୍ୟକ୍ରମ ନାହିଁ। ତେଣୁ ବ୍ଲକର କୌଣସି କଲେଜରେ ବାଣିଜ୍ୟ ପାଠ୍ୟକ୍ରମ ଖୋଲିବାକୁ ପୁଲେଶ୍ୱର ଗ୍ରାମର ଛାତ୍ର ଉମାକାନ୍ତ ଦାଶ ଦାବି କରିଛନ୍ତି। ସରକାର ହାଇସ୍କୁଲଗୁଡିକରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବାକୁ ଘୋଷଣା କରିଛନ୍ତି। ମାତ୍ର ବୀରମହାରାଜପୁର ବ୍ଲକର କୌଣସି ହାଇସ୍କୁଲରେ ଚଳିତବର୍ଷ ଯୁକ୍ତ ଦୁଇ ଖୋଲିବାର ବ୍ୟବସ୍ଥା କରିନାହାନ୍ତି। ଯେହେତୁ ଏଠାରେ ଅଧିକ ପିଲା ପାସ କରିଥିବାରୁ ପିଲାଙ୍କ ପାଠ ପଢାର ସମସ୍ୟା ହେଉଛି ,ତେଣୁ ଶିକ୍ଷା ବିଭାଗ ତୁରନ୍ତ ବୀରମହାରାଜପୁର ବ୍ଲକର ସମସ୍ତ ହାଇସ୍କୁଲରେ ଯୁକ୍ତ ଦୁଇ ଖୋଲିବାକୁ ଦାବି କରିଛନ୍ତି ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ। ଯୁକ୍ତ ଦୁଇ ନାମ ଲେଖା ସମସ୍ୟା ନେଇ ବୀରମହାରାଜପୁର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କୁ ପଚାରିବାରୁ ଆମେ ପିଲାଙ୍କୁ କାଉନସିଲିଂ କରିଛୁ। ଯେଉଁ ପିଲା ପରୀକ୍ଷାରେ ଭଲ କରିଛନ୍ତି ସେମାନଙ୍କ ମଧ୍ୟରୁ କେତେକ ବାହାରେ ବଡ ବଡ କଲେଜ ଓ ଘରୋଇ କଲେଜରେ ପଢିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଯଦି ଆଉ ଯିଏ ଚାହିଁବ ସେ ବୀରମହାରାଜପୁର ଓ ହିକୁଡିରେ ଆଇଟିଆଇ ଏବଂ ସୋନପୁରରେ ଡିପ୍ଲୋମା ପାଠ୍ୟକ୍ରମ ରେ ନାମ ଲେଖାଇ ପାରିବ ବୋଲି ପରାମର୍ଶ ଦିଆଯାଉଥିବା ପ୍ରକାଶ କରିଛନ୍ତି। ତେବେ ଅଞ୍ଚଳରେ ଯୁକ୍ତ ଦୁଇ ନାମଲେଖା ସମସ୍ୟାକୁ ଦେଖି ଶିକ୍ଷା ବିଭାଗ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

**ରିପୋର୍ଟ : ପୀତାମ୍ବର ସାହୁ**

### ଜାତୀୟ ରାଜପଥ କଡ଼ରୁ ଯୁବକଙ୍କ ମୃତଦେହ ଜବତ

**ବୌଦ୍ଧ,୨୯।୫(ସ୍ୱ.ପ୍ର.):** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ନୂଆପଡାଠାରୁ ସୋମବାର ଦିନ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି । ମୃତ ଯୁବକ ଜଣକ ହେଲେ ବୌଦ୍ଧ ଜିଲା ବାଲିପୁର ଗ୍ରାମର କଳ୍ପତରୁ ସାହୁ । ଭୋର ସମୟରେ ଜାତୀୟ ରାଜପଥ କଡରେ ଯୁବକଙ୍କ ମୃତଦେହ ପଡିଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । କୌଣସି ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି ।

### ୬ ଲିଟର ଦେଶୀ ମଦ ଜବତ : ଜଣେ ଗିରଫ

ବାଉଁଶୁଣୀ,୨୯।୫(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧୀନ ସଦେଇପୁର ଗ୍ରାମରୁ ରବିବାର ରାତିରେ ଦେଶୀ ମଦ ଜବତ ହୋଇଛି । ଏହି ଘଟଣାରେ ଜଣେ ମଦ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି । ପ୍ରକାଶ ଯେ, ବହିରା ପଞ୍ଚାୟତ ସଦେଇପୁର ଗ୍ରାମରେ ଏକ ଘରେ ଦେଶୀ ମଦ କାରବାର ଚାଲିଥିବା ବାଉଁଶୁଣୀ ପୋଲିସକୁ ଖବର ମିଳିଥିଲା । ଫଳରେ ଥାନା ଅଧିକାରୀ ଅରୁଣ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଅତର୍କିତ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ୬ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା । ଏ ନେଇ ଥାନାରେ ନଂ ୭୯/୨୩ରେ ଏକ ମାମଲା ରୁଜୁ ହୋଇଛି।

# ଆଡିବନ୍ଧ, ବନୀକରଣ ନେଇ ପ୍ରସ୍ତାବ

**ବାରପାହାଡ ଖୋଲର ଚେକ୍‌ଡ୍ୟାମ ନିର୍ମାଣ ପ୍ରସଙ୍ଗ**

ତରଭା,୨୯।୫(ଡି.ଏନ.ଏ.)


ବାରପାହାଡରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ସଚେତନ ନାଗରିକ ଓ ଅନ୍ୟମାନେ ।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ରାଜପାଲି ବାରପାହାଡ ଖୋଲରେ ପ୍ରସ୍ତାବିତ ଚେକ୍ ଡ୍ୟାମ ନିର୍ମାଣ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରପାହାଡଠାରେ ହୋଇଥିବା ଏହି ବୈଠକରେ ଠିକ୍ ଭାବେ ଚେକ୍ ଡ୍ୟାମ ନିର୍ମାଣ, ଆଡିବନ୍ଧ ଓ ବନୀକରଣ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା ।

ପ୍ରକାଶ ଯେ, ରାଜପାଲି ବାରପାହାଡ ଖୋଲରେ ଚାଲିଥିବା ଚେକ୍‌ଡ୍ୟାମ କାମକୁ ବନବିଭାଗ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମସୁଧା କରିବା ନେଇ ଏହି ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ସୋନପୁର ଜିଲା ପରିଷଦ ବୈଠକରେ ତରଭା ବ୍ଲକ ଅଧକ୍ଷ ସରୋଜ କମ୍ପ ଏନେଇ ବନବିଭାଗକୁ ଟାର୍ଗେଟ କରିଥିଲେ । ଏପରି କି ବୈଠକରେ ଉପସ୍ଥିତ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ସୁବର୍ଣ୍ଣପୁର ଜିଲାପାଳ ସୂର୍ଯ୍ୟନାରାୟଣ ଦାସ ଡିଏଫଓଙ୍କୁ ଏ ନେଇ ତାଗିଦ କରିଥିଲେ । ଉକ୍ତ ଦିନ ସରଜମିନ ତଦନ୍ତ କରି ଡିଏଫଓ ସ୍ଥିତିର ଅନୁଧ୍ୟାନ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା । ସୋନପୁର ଡିଭିଜନର ଡିଏଫଓ ନିଜେ ଷ୍ଟାଫଙ୍କ ସହ ଆସି ବନ୍ଦ ହୋଇ ରହିଥିବା ଚେକ୍‌ଡ୍ୟାମର ସ୍ଥିତି ଦେଖିଥିଲେ । ଏହି ସମୟରେ ସ୍ଥାନୀୟ ଯୁବକମାନେ ଚେକ୍‌ଡ୍ୟାମ କାମ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିଥିଲେ । ରବିବାର ସୋନପୁର ଡିଏଫଓଙ୍କ ନିର୍ଦ୍ଦେଶରେ ନାରାୟଣପୁର ସେକ୍ସନ ଫରେଷ୍ଟର ଭକ୍ତବନ୍ଧୁ ମିଶ୍ର ପୁଣି ଥରେ ବାରପାହାଡ ଖୋଲ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଲୋକଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ପୂର୍ବରୁ ଯେଉଁଠାରେ ଚେକ୍‌ଡ୍ୟାମ ନିର୍ମାଣ ହେଉଥିଲା ତାହାର ଫିଜିବିଲିଟି ଠିକ ନ ଥିବାରୁ ଝରଣା ତଳଭାଗରେ ଚେକ୍‌ଡ୍ୟାମ ନିର୍ମାଣ କରିବା, ଚେକ୍ ଡ୍ୟାମର ଉଭୟ ପଟେ ମାଟି ଆଡିବନ୍ଧ ଓ ବନୀକରଣ କରିବାକୁ ଉପସ୍ଥିତ ଅଞ୍ଚଳବାସୀ ଅନୁରୋଧ କରିଥିଲେ । ପ୍ରଥମେ ଡ୍ରୋନ ସର୍ଭେ କରିବା ସହିତ ଲେଭେଲିଂ ନେଇ ଚେକ୍ ଡ୍ୟାମର ଅଟକଳ କରିବାକୁ ଫରେଷ୍ଟର ମିଶ୍ର ସମ୍ମତି ଦେଇଥିଲେ । ଏହି ଆର୍ଥିକ ବର୍ଷରେ ଏହାର ପ୍ରସ୍ତାବକୁ ଅନୁମୋଦନ କରାଇ ଅକ୍ଟୋବର ମାସ ବେଳକୁ କାମ ଆରମ୍ଭ କରିବାକୁ କୁହାଯାଇଥିଲା । ବାରପାହାଡ ପୀଠ ଅଞ୍ଚଳର ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହିତ ଜଡିତ ଥିବାରୁ ଏହାର ବିକାଶ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବ ବୋଲି ବୈଠକରେ ଉପସ୍ଥିତ ଥିବା ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ କହିଥିଲେ । ସେହିପରି ବୁର୍ଡା-ଅର୍ଜୁନପୁର ପୂର୍ତ୍ତବିଭାଗ ରାସ୍ତାରୁ ପ୍ରକଳ୍ପ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ପାହାଡ ତଳୁ ବାରପାହାଡ ଦେବୀଙ୍କ ଗୁମ୍ଫା ପର୍ଯ୍ୟନ୍ତ ପାହାଡକୁ ପାହାଚ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା । ଏହି ପରିଦର୍ଶନ ଓ ଆଲୋଚନାରେ ତରଭା ବ୍ଲକ ଅଧ୍ୟକ୍ଷ କମ୍ପ, ପାଇକବାହାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ଗଣନାଥ ସାହୁ, ନାରାୟଣପୁର ସେକ୍ସନ ଫରେଷ୍ଟର ଭକ୍ତବନ୍ଧୁ ମିଶ୍ର, ଦେଉଳପଦର ପାକ୍ସ ସଭାପତି ରାଜେନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜପାଲି ଗ୍ରାମର ଶତ୍ରୁଘ୍ନ ପଣ୍ଡା, ମଦନମୋହନ ପଣ୍ଡା,କିଶୋର ପଣ୍ଡା ସାମିଲ ଥିଲେ । ଏହାଛଡା ଦାମୋଦର ଶିକା, ଭକ୍ତ ଶିକା, ବ୍ରାହ୍ମଣୀପାଲି ଗ୍ରାମର ଭାଗିରଥି ସାହୁ, ଗଣେଶ ସାହୁ, ଜଗନ୍ନାଥ ଷାଣ୍ଡ, ଫଗୁ ମେହେର, ସୁରଥ ନାଗ, ଦେବହରୀ ଛତ୍ରୀ, ଡାହିମାଲର ନାଥ ସା, ଚିତ୍ତ ସା, ବିଶ୍ୱାମିତ୍ର ସା, ମେଣ୍ଡାର ମହାଦେବ ଜେନା, ଢୁବୁଲ ଦଣ୍ଡସେନା, ତିଲେଇମାଲର ଅଯୋଧ୍ୟା ଭୁଏଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।

### ମାଟ୍ରିକ ପରୀକ୍ଷାର କୃତୀ ଦୁଇ ଭାଇଙ୍କୁ ସମ୍ବର୍ଦ୍ଧନା

ପୁରୁଣାକଟକ,୨୯।୫(ଡି.ଏନ.ଏ.)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତ ଖରସଂକୁଲୋଇ ଗ୍ରାମର ଦୁଇ ଜାଆଁଳା ଭାଇ ଧଳପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଓମ୍‌ପ୍ରକାଶ ଓ ସତ୍ୟ ପ୍ରକାଶ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ ତଥା ଜିଲା ପାଇଁ ଗୌରବ ଆଣିଛନ୍ତି । ଏଣୁ ଓଡିଶା ସାମ୍ବାଦିକ ସଂଘ ବୌଦ୍ଧ ଜିଲା ଶାଖା ପକ୍ଷରୁ ରବିବାର ଦିନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଦୁଇ ଭାଇଙ୍କୁ ଧଳପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ଆୟୋଜିତ ଉତ୍ସବରେ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧନା ଉତ୍ସବରେ ବୌଦ୍ଧ ଜିଲା ଶାଖାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୁଦତ୍ତ ବୋଷ, ସମ୍ପାଦକ ଭାଗବତ ମେହେର, ବରିଷ୍ଠ ସାମ୍ବାଦିକ ସୁକାନ୍ତ ପଟ୍ଟନାୟକ, ସୁରେନ ପ୍ରଧାନ, ଧଳପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ସରପଞ୍ଚ ସୁଜାତା କର୍ଣ୍ଣ ଯୋଗଦେଇ ଦୁଇ କୃତୀ ଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଭଲ ପାଠ ପଢିବା ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ସଂଘ ପକ୍ଷରୁ ଆଗାମୀ ଦିନରେ ଦୁଇ ଛାତ୍ରଙ୍କ ସଫଳତା କାମନା କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବରେ ବୌଦ୍ଧ ଶାଖାର ସଦସ୍ୟ ସୁଶାନ୍ତ କୁମାର ବେହେରା, ବାସୁଦେବ ସାହୁ, ସଦାନନ୍ଦ ନାଏକ, ଶଶୀକାନ୍ତ ସାହୁ, କୁମୁଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


ଦୁଇ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଜିଲାପାଳଏ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ତରଭା,୨୯।୫(ଡି.ଏନ.ଏ.)

- ୩୪ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ
- ୪ ଅଭିଯୋଗର ତୁରନ୍ତ ସମାଧାନ

ସୋମବାର ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ତରଭା ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ପର୍କିତ ୩୪ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ବ୍ୟକ୍ତିଗତ ଦରଖାସ୍ତ ୨୨ ଓ ସାମୁହିକ ଦରଖାସ୍ତ ୧୨ ଗୋଟି ଗ୍ରହଣ କରାଯାଇଛି । ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ୪ ଗୋଟି ଅଭିଯୋଗ ର ତୁରନ୍ତ ସମାଧାନ କରାଯାଇଥିବା ବେଳେ ୩୦ ଆପତ୍ତି ଅଭିଯୋଗକୁ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ, ତରଭା ନିରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର,ଉପ ଜିଲାପାଳ ସୋନପୁର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ପତି, ଅଧୀକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ ବିଭୁ ପ୍ରସାଦ ପଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ ଯୋଗ ଦେଇଥିଲେ । ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଏମ ଡିଆଇସି ବଳଭଦ୍ର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲା ମିଶନ ଶକ୍ତି ସଂଯୋଜକ କାର୍ତ୍ତିକ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ତହସିଲଦାର ତରଭା କୀର୍ତ୍ତି ଚନ୍ଦ୍ର ପ୍ରଧାନ, ବ୍ଲକସ୍ତରୀୟ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ ।

# ଜୁନ୍ ସୁଦ୍ଧା ସୋନପୁରକୁ ଟ୍ରେନ୍ ଗଡ଼ିବା ନେଇ ପ୍ରଶ୍ନବାଚୀ

ସୋନପୁର,୨୯।୫(ନି.ପ୍ର.)




**ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ**
- ଝାରତରଭାରୁ ନରସିଂହଗଡ ସ୍ପିଡ୍ ଟ୍ରାଏଲ ଆରମ୍ଭ ହୋଇନି
- ବହିରଖମନରେ ଜମି ଅଧିଗ୍ରହଣରେ ସମସ୍ୟା ପାଇଁ ନିର୍ମାଣରେ ବିଳମ୍ବ

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାମ ଉଭୟ ପଟୁ ଆରମ୍ଭ ହୋଇଛି । ବଲାଙ୍ଗୀର ପଟୁ ସୁବର୍ଣ୍ଣପୁର ଜିଲାର ଝାରତରଭା ପର୍ଯ୍ୟନ୍ତ ରେଳପଥ ନିର୍ମାଣ ସରିଛି । ରେଳପଥ ସୁବର୍ଣ୍ଣପୁର ଜିଲାକୁ ଛୁଇଁବା ପରେ ଝାରତରଭା ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ କରୁଛି । ଗତ ୧୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ରାଜ୍ୟର ଅନ୍ୟ ପ୍ରକଳ୍ପ ସହ ବିଚ୍ଛୁପାଲି-ଝାରତରଭା ୧୦ କିଲୋମିଟର ରେଳପଥର ଶୁଭ ଉଦ୍‌ଘାଟନ କରିଛନ୍ତି। ତେବେ ଜମି ଅଧିଗ୍ରହଣରେ ବିଳମ୍ବ ପାଇଁ ସୁବର୍ଣ୍ଣପୁର ଜିଲାରେ ରେଳପଥ କାମ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି । ଜଙ୍ଗଲ ଜମି ଅଧିଗ୍ରହଣ ପାଇଁ ପୂର୍ବରୁ କାମ ବିଳମ୍ବ ହୋଇଥିଲା । ପୁଣି ରାଜସ୍ୱ ବିଭାଗର ଅସହଯୋଗ କାରଣରୁ ସୋନପୁର ବ୍ଲକର ବହିରଖମନରେ ୨ କିଲୋମିଟର ଜମି ଅଧିଗ୍ରହଣ ହୋଇ ପାରି ନ ଥିଲା । ୨ ମାସ ପୂର୍ବରୁ ଏହି ଜମି ଅଧିଗ୍ରହଣ ହେବା ପରେ ରେଳ ବିଭାଗ କାମ ଆରମ୍ଭ କରିଛି। ଫଳରେ ଧାର୍ଯ୍ୟ ସମୟରେ ସୋନପୁର ବ୍ଲକର ନରସିଂହଗଡ(ଖମ୍ବେଶ୍ୱରୀପାଲି)କୁ ଟ୍ରେନ୍ ଚଳାଚଳ ସମ୍ଭବ ହୋଇପାରିନି ।

ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀ ୧୫ ତାରିଖରେ ବଲାଙ୍ଗୀର-ବିଚ୍ଛୁପାଲି ୧୫ କିଲୋମିଟର ରେଳପଥ ଓ ପାସେଞ୍ଜର ଟ୍ରେନ୍ ଚଳାଚଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀରରେ ଉଦ୍‌ଘାଟନ କରିଥିଲେ । ଏହାପରେ ଏହି ରେଳପ୍ରକଳ୍ପ କାର୍ଯ୍ୟ ବଲାଙ୍ଗୀର ପଟୁ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା । କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ଏହି ପ୍ରକଳ୍ପର ଆଖିଦୃଶିଆ ଅଗ୍ରଗତି ହୋଇ ପାରୁନାହିଁ । ତେବେ ବଲାଙ୍ଗୀର ଜିଲା ପ୍ରଶାସନ ରେଳପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟକୁ ଯେଭଳି ତ୍ୱରାନ୍ୱିତ କଲେ ସୁବର୍ଣ୍ଣପୁର ଜିଲାରେ ସେଭଳି ସହଯୋଗ ମିଳିଲାନି । ଫଳରେ ବିଚ୍ଛୁପାଲିରୁ-ଝାରତରଭା, ଝାରତରଭାରୁ-ନରସିଂହଗଡ ଓ ନରସିଂହଗଡରୁ-ସୋନପୁରକୁ ରେଳପଥ ନିର୍ମାଣରେ ବିଳମ୍ବ ହୋଇଛି । ୨୦୨୩ ମାର୍ଚ୍ଚ ସୁଦ୍ଧା ଝାରତରଭା-ନରସିଂହଗଡ ମଧ୍ୟରେ ଓ ଜୁନ୍ ସୁଦ୍ଧା ନରସିଂହଗଡ-ସୋନପୁର ମଧ୍ୟରେ ରେଳପଥ ନିର୍ମାଣ କାମ ସାରିବା ପାଇଁ ରେଳବିଭାଗ ଲକ୍ଷ୍ୟ ରଖିଥିଲା । ମାତ୍ର ଏହି ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ପର୍ଯ୍ୟନ୍ତ ଝାରତରଭା-ନରସିଂହଗଡ ୧୦କିଲୋମିଟର ରେଳପଥରେ ବିଭାଗ ପକ୍ଷରୁ ସ୍ପିଡ୍ ଟ୍ରାଏଲ ହୋଇନି । ମେ ମାସ ଶେଷ ସୁଦ୍ଧା ସ୍ପିଡ୍ ଟ୍ରାଏଲ ନେଇ ରେଳ ବିଭାଗ ଲକ୍ଷ୍ୟ ରଖିଥିଲା । ପୁଣି ଜୁନ ପ୍ରଥମ ସପ୍ତାହକୁ ଏହି କାର୍ଯ୍ୟ ଘୁଞ୍ଚିଥିବା ସୂଚନା ମିଳିଛି । ସେହିପରି ସୋନପୁର ପର୍ଯ୍ୟନ୍ତ ବହୁତ କାମ ବାକି ଅଛି । ସୋନପୁର ବ୍ଲକ ଧୋବାବାହାଲି ନିକଟରେ ୨ ଥାକିଆ ରାସ୍ତା ସକାଶେ ବ୍ରିଜ୍ ନିର୍ମାଣ ପାଇଁ ରେଳ ବିଭାଗ ଯୋଜନା ରଖିଥିଲା । ଏହି ରାସ୍ତାରେ ୫୭ ନମ୍ବର ଜାତୀୟ ରାଜପଥର ବାଇପାସ ରାସ୍ତା ନିର୍ମାଣ ପ୍ରସ୍ତାବ ଥିବାରୁ ଏବେ ୪ ଥାକିଆ ବ୍ରିଜ୍ ନିର୍ମାଣ ହେବ । ତେଣୁ ରେଳ ବିଭାଗର କାର୍ଯ୍ୟ ପୁଣି ୬ ମାସ ବିଳମ୍ବିତ ହେବ ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି । ତେଣୁ ୨୦୨୩ ବର୍ଷ ଶେଷ ଆଡକୁ ସୋନପୁରକୁ ରେଳପଥ, ବ୍ରିଜ୍ ଓ ଷ୍ଟେଶନ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ସୁବର୍ଣ୍ଣପୁର ଜିଲାବାସୀ ଏହି ରେଳପଥକୁ ଅପେକ୍ଷା କରି ରହିଛନ୍ତି। କେବେ ରେଳପଥ ନିର୍ମାଣ କାମ ସରିବ ଓ ଜିଲା ସଦର ମହକୁମାକୁ ଟ୍ରେନ୍ ଗଡିବ ଏବେ ସେହି ଚିନ୍ତା ସମସ୍ତଙ୍କୁ ଘାରିଛି ।

## ସଂକ୍ଷେପରେ

### ୧୪ବାଇକ୍ ଜବତ, ୩ ଗିରଫ

ହେମଗିର,୨୯।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବିଜାହାଣ୍ଡି ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୧୪ ବାଇକ୍, ନଗଦ ୧୨୧୦ ଟଙ୍କା ଜବତ କରିବା ସହ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ତେବେ ଅନ୍ୟ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଛତିଶଗଡ଼ସ୍ଥିତ ତମନାର ଅଞ୍ଚଳର ମହେନ୍ଦ୍ର ନାୟକ(୩୨), ରାଜୁ ପଟେଲ(୩୩),ଶୋଭିତ ଜାଦବ(୨୩)। ପୋଲିସ ମାମଲା( ନଂ୧୭୭।୨୩) ରୁଜୁ କରି ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି।

### ଚୋରି ଅଭିଯୋଗରେ ୪ ଗିରଫ

ରାଜଗାଙ୍ଗପୁର,୨୯।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ତଥା କାଂସବାହାଲ ଫାଣ୍ଡି ଅଧୀନ ସାଗଜୋର ଗ୍ରାମରୁ ଇଲେକ୍ଟ୍ରିକ୍ ପୋଲ ଚୋରି ଘଟଣାରେ ୪ ଜଣଙ୍କୁ ଗିରଫ କରିଛନ୍ତି ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ମାସ ୨ ତାରିଖରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଇଲେକ୍ଟ୍ରିକ୍ ପୋଲ ଦୁର୍ବୃତ୍ତମାନେ ଚୋରି କରି ଫେରାର ହୋଇଯାଇଥିଲେ।

### ତୀର୍ଥରୁ ଫେରି ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ବଡ଼ଗାଁ,୨୯।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତୁଡ଼ାଲଗା ଗ୍ରାମର ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ରାଜଙ୍କ ସୋମବାର ଭୋର ୫ ଟାରେ ମୃତ୍ୟୁ ଘଟିଛି। ସେ ୧୯୯୯ ରୁ ବଡ଼ଗାଁ ଶ୍ରୀ ଅରବିନ୍ଦ



ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରିଆସୁଥିଲେ। ଗତ ସପ୍ତାହରେ ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସହିତ ତୀର୍ଥ ଯାତ୍ରାରେ ଯାଇଥିଲେ। ରବିବାର ସନ୍ଧ୍ୟାରେ ସେ ଘରକୁ ଫେରିଥିଲେ। ସୋମବାର ଭୋର ୪ଟାରେ ହାତ ବିନ୍ଧିବାରୁ ତାଙ୍କ ମାମୁ ରାମଚନ୍ଦ୍ର ନାୟକ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ରାଜ ଆଣ୍ଟିଭାବେ ପରିଚିତ ସ୍ୱର୍ଣ୍ଣଲତା ବିବାହ କରି ନ ଥିଲେ।

### ବେଙ୍ଗାଲୁରୁରେ ସୁନ୍ଦରଗଡ଼ ଝିଅଙ୍କ ଆତ୍ମହତ୍ୟା

ବଡ଼ଗାଁ,୨୯।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାରଡେଙ୍ଗରା ଗ୍ରାମର ଜଣେ ଯୁବତୀ ବେଙ୍ଗାଲୁରରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଜବତ କରିଛି। ମୃତକ ହେଲେ ଆଲକା କେରକେଟା (୨୪)। ପୋଲିସ ମୃତ ଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆଲକା କାମ କରୁଥିବା ପ୍ରତିଷ୍ଠାନର ମାଲିକ ମୃତଦେହକୁ ତାଙ୍କ ଗାଁକୁ ପଠାଇଛନ୍ତି। ବିହାର ରାଜ୍ୟରୁ ଆସି ସ୍ଥାନୀୟ ଅଞ୍ଚଳର ଏକ ରାଇସ ମିଲରେ କାମ କରୁଥିବା ଜଣେ ଯୁବକଙ୍କ ସହ କେରକେଟାଙ୍କ ପ୍ରେମ ବିବାହ ହୋଇଥିଲା। ଉଭୟ ବେଙ୍ଗାଲୁରୁ ଯାଇ ସେଠାରେ ଭଡ଼ା ଘରେ ରହି କାମ କରୁଥିଲେ। ହେଲେ କୌଣସି କାରଣରୁ ଘର ନିକଟ ଆମ୍ବ ଗଛରେ ଶନିବାର ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

### ଶୀତଳ ପାନୀୟ ଜଳ ଅମୃତଧାରା ଉଦ୍‌ଘାଟିତ

ରାଉରକେଲା ଅଫିସ,୨୯।୫: ରାଉରକେଲା ଲାୟନ୍ସ କ୍ଲବ କୁଲୁଙ୍ଗା ପକ୍ଷରୁ ଶୀତଳ ପାନୀୟ ଜଳ ଅମୃତ ଧାରା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ବିଏସ୍ଏନ୍ଏଲ୍ ଛକ ନିକଟରେ ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ କ୍ଲବର ଅଧ୍ୟକ୍ଷ ପ୍ରତୀକ କୟାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସହରରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ବିଭିନ୍ନ ବାଟୋଇଙ୍କ ତୃଷାନିବାରଣ ପାଇଁ ଏହି ଜଳଧାରା ସବୁଦିନ ପାଇଁ ପାନୀୟ ଜଳ ଯୋଗାଇବ ବୋଲି ଅତିଥି କୟାଲ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରବୀଣ ଗର୍ଗ, ଡ. ହରଦୀପ ସିଂ, ଆରଏସପିର ସଂଘ ସଚିବ ଅନିକେତ ଚନ୍ଦ୍ର, ଲାଲାଟେନ୍ଦୁ ଚୌଧୁରୀ ଉପସ୍ଥିତ ଥିଲେ। ଏହି ଥଣ୍ଡା ପାନୀୟ ଅମୃତଧାରାକୁ କୃପା ଫାଉଣ୍ଡେସନ ପକ୍ଷରୁ ଟ୍ରଷ୍ଟି ନିବେଦିତା ଗୟେଲ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନୀଷ ଗୁପ୍ତା, ନେନ୍ ବଂସଲ, ମନୋଜ ମହେଶ୍ୱରୀ, ରମେଶ ଚାଣ୍ଡକଙ୍କ ସହ କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଚିବ ମନୋଜ ମହେଶ୍ୱରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବିକାର ବାଟ ଦେଖାଇଲା ଆଳୁଚାଷ

## ୨୫୦୦ କୁଇଣ୍ଟାଲ ଉତ୍ପାନ ହେଲାଣି, ଆହୁରି ହେବ ୫୦୦ କୁଇଣ୍ଟାଲ

ସୁନ୍ଦରଗଡ଼,୨୯।୫(ଡି.ଏନ୍.ଏ.)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧମରେ ଆନ୍ତଃ ବିଭାଗୀୟ ସଂଯୋଗୀକରଣ ଦ୍ୱାରା ଆଳୁଚାଷ କରି ଏକ ସ୍ଥାୟୀ ଜୀବିକା ପାଇବାରେ ସମର୍ଥ ହୋଇଛନ୍ତି ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ୫୫୬ ପରିବାର। ଆଳୁ ଚାଷ ଗରିବ ଆଦିବାସୀ ଚାଷୀଙ୍କ ମୁହଁରେ ସଫଳତାର ହସ ଫୁଟାଇବା ସହ ଅର୍ଥ ରୋଜଗାର କରିବାରେ ସହାୟକ ହୋଇପାରିଛି। ସହଯୋଗୀ ଅନୁଷ୍ଠାନ ରୂପେ କାର୍ଯ୍ୟରତ ସେବକ କର୍ମକର୍ତ୍ତାଙ୍କ ନିରନ୍ତର ପ୍ରୟାସ ତଥା ବିଭାଗୀୟ ଅଧିକାରୀଙ୍କ ସହଯୋଗ ଦ୍ୱାରା ଗତ ରବି ଋତୁରେ ଆଦିବାସୀ ଉନ୍ନୟନ ସଂସ୍ଥା ସହାୟତାରେ ୨୦ ବନ ସୁରକ୍ଷା ସମିତିର ୫୪୦ ଜଣ ଚାଷୀ ୧୧୭ ଏକରରେ ଏବଂ ଉଦ୍ୟାନ ବିଭାଗର ସହାୟତାରେ ୨ଟି ବନ ସୁରକ୍ଷା ସମିତିର ୧୬ ଚାଷୀ ୮ ଏକର



ଆଳୁ ଚାଷ କରିଥିବା ମହିଳା।

ଜମିରେ ଆଳୁଚାଷ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୨୫୦୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଆଳୁ ଅମଳ କରି ସାରିଛନ୍ତି। ଆହୁରି ୫୦୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଅମଳର ରିପୋର୍ଟ ସଂଗ୍ରହ ବାକି ରହିଛି ବୋଲି ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ଟିମ୍ ମୁଖ୍ୟ ଦିଗାମ୍ବର ଉପାଧ୍ୟାୟ ସୂଚନା ଦେଇଛନ୍ତି। ଗତବର୍ଷ ଏହି ଆଳୁ ଚାଷରୁ ୫ ଚାଷୀ ଲକ୍ଷପତି ହୋଇଥିବାବେଳେ ଚଳିତ ବର୍ଷ ୨୦ରୁ ଉର୍ଦ୍ଧ୍ୱ ଚାଷୀ ଲକ୍ଷାଧିକ ଟଙ୍କା ରୋଜଗାର କରିବାର ଆଶା ରହିଛି। ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ନୂତନ ଜଙ୍ଗଲ ସୁରକ୍ଷା ତଥା ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳତା ଅନେକାଂଶରେ କମିଛି ବୋଲି ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ସୂଚନା ଦେଇଛନ୍ତି। ଆଳୁଚାଷ ଏକ ଲାଭଜନକ ବ୍ୟବସାୟ। ସଚେତନତା ଅଭାବ, ବିହନ ଓ ସାର ନିମନ୍ତେ ଅର୍ଥର ଅଭାବ, ଚାଷୀଙ୍କୁ ଉଚିତ ପ୍ରଶିକ୍ଷଣର ଅଭାବ ଯୋଗୁଁ ଅଧିକାଂଶ ଆଦିବାସୀ ଚାଷୀ ଏଥି ନିମନ୍ତେ ଅନିଚ୍ଛା ପ୍ରକାଶ କରିଥାନ୍ତି। ଏହି ସମୟରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତରଫରୁ ବନ ସୁରକ୍ଷା ସମିତି ସଦସ୍ୟାସଦସ୍ୟଙ୍କ ଆଳୁ ଚାଷ ଗରିବ ଆଦିବାସୀ ଚାଷୀଙ୍କ ମୁହଁରେ ହସ ଫୁଟାଇଛି।

# ରାଜଗାଙ୍ଗପୁରରେ ଶ୍ରମ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟଅତିଥିମାନେ।

ରାଜଗାଙ୍ଗପୁର,୨୯।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର କମ୍ୟୁନିଟି ସେଣ୍ଟରଠାରେ ଶ୍ରମ ମନ୍ତ୍ରୀ ଶାରଦା ନାୟକଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବିଭିନ୍ନ ସଙ୍ଗଠନର ପ୍ରତିନିଧି ତଥା ସଦସ୍ୟ, ବିଜେଡିର ବହୁ ନେତୃବୃନ୍ଦ ଓ କର୍ମୀବୃନ୍ଦ ଯୋଗଦେଇ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ସ୍ୱାଗତ ଭାଷଣ ଦେଇଥିଲେ। ସାରଦା ନାୟକଙ୍କୁ ମନ୍ତ୍ରୀପଦ ଦେଇ ଥିବାରୁ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ ମଙ୍ଗଳା କିଷାନ। ସମସ୍ତେ ମିଳିମିଶି କାମ କଲେ ଜିଲାର ସମସ୍ତ ନିର୍ବାଚନ ସ୍ତରୀୟ ସିଟ୍ ଜିତି ପାରିବା ବୋଲି ଦୃଢ଼ୋକ୍ତି ରଖିଥିଲେ। ମନ୍ତ୍ରୀ ନିଜର ବକ୍ତବ୍ୟରେ କହିଥିଲେ, ଆମେ ସମସ୍ତେ ମିଳିମିଶି ଲୋକଙ୍କ ପାଇଁ କାମ କରି ଚାଲିବା। ମନ୍ତ୍ରୀ ପଦ ଏକ ପାୱାର ନୁହେଁ ଏହା ସାଧାରଣ ଜନତାଙ୍କ ପାଇଁ ଏକ ଦାୟିତ୍ୱ। ଏହି ଅବସରରେ ତଳସରା ପୂର୍ବତନ ବିଧାୟକ ଡ. ପ୍ରଫୁଲ୍ଲ ମାଝି, ପୂର୍ବତନ ଏସଡିସିସି ଚେୟାରମ୍ୟାନ୍ ତଥା ପ୍ରଶାସକ ସନ୍ତୋଷ ଅମାତ ପ୍ରମୁଖ ଉପସ୍ଥିତ ଥିଲେ। ଲାଠିକଟା ଜିଲା ପରିଷଦ ସଦସ୍ୟ ଭୁବୁନୁ କୁଜୁର ଧନ୍ୟବାଦ ଦେଇଥିଲେ।

# ନୂତନ ବ୍ଲକ ଗଠନ ନିମନ୍ତେ ଦାବିପତ୍ର

କୁଆଁରମୁଣ୍ଡା,୨୯।୫(ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ୨୦ ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଏହି ବ୍ଲକ ଉପାନ୍ତ ରାଏବୋଗା ଜୋନର ପ୍ରାୟ ୧୦ ପଞ୍ଚାୟତ ବ୍ଲକ ସଦର ମହକୁମାଠାରୁ ୫୦ କିମି ଉର୍ଦ୍ଧ୍ୱ ରହିଛି। ଫଳରେ ବିଭିନ୍ନ କାର୍ଯ୍ୟରେ ହିତାଧୀକାରୀ କୁଆଁରମୁଣ୍ଡା ବ୍ଲକକୁ ଆସି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାକୁ ନେଇ ସୋମବାର କୁଆଁରମୁଣ୍ଡା ନାଗରିକ କମିଟି ଆନୁକୂଲ୍ୟରେ ଏକ ଦାବି ପତ୍ର ବୀରମିତ୍ରପୁର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ରାଏବୋଗା, ପ୍ରତାପପୁର, ଅଣ୍ଡାଳି, ସଲଙ୍ଗାବାହାଲ, ମଖାପଡ଼ା, ଜୟଡେଗା, ଝୁନମୁର, କାଦୋବାହାଲ, ଅନ୍ଧାରୀ ଇତ୍ୟାଦି ପଞ୍ଚାୟତକୁ ନେଇ ରାଏବୋଗା ପଞ୍ଚାୟତ ସମିତି ଗଠନ ନିମନ୍ତେ କମିଟି ଦାବି କରିଛି । ଏହି ଦାବି




ରାଏବୋଗାକୁ ନୂତନ ପଞ୍ଚାୟତ ସମିତି ଗଠନ ଦାବି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୀରମିତ୍ରପୁର ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଉଛି।

ପତ୍ର କୁଆଁରମୁଣ୍ଡା ନାଗରିକ କମିଟିର ଆବାହକ ରାଜେଶ କେର୍କେଟାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। କାଦୋବାହାଲ ପଞ୍ଚାୟତ ସମିତି ସଭ୍ୟ ଫିଲିପ ଡୁଙ୍ଗଡୁଙ୍ଗ, କୁଆଁରମୁଣ୍ଡା ଜୋନ୍ ଜିଲାପରିଷଦ ସଭ୍ୟ ନେଭିଲ କେର୍କେଟା, ରାଏବୋଗା ପଞ୍ଚାୟତ ସମିତି ସଭ୍ୟା ବେର୍ତୋଲା ଟେଟେ, ଜୟଡେଗା ପଞ୍ଚାୟତ ସମିତି ସଭ୍ୟା ପ୍ରଭା ସୋରେଙ୍ଗ,ଦଲକି ଆରସିଏମଏସର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଅମାତ, ଦଲକି ପଞ୍ଚାୟତର ସମିତି ସଭ୍ୟା ନନ୍ଦିଘୋଷ ଭଗତ, ପୂର୍ବତନ ରାଏବୋଗା ସରପଞ୍ଚ ଚାରଲେସ୍ କିରୋ ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଓ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଏହାକୁ ସମର୍ଥନ କରିଛନ୍ତି।

# ଦାବି ପୂରଣ ନ ହେଲେ ଜୁନ ପହିଲାରୁ ସମୂହ ଛୁଟିରେ ଯିବେ ଅମଲା

ବଣାଇ,୨୯।୫(ସ୍ୱ.ପ୍ର.)

ଆସନ୍ତା ୩୧ ସୁଦ୍ଧା ଦାବି ପୂରଣ ନ ହେଲେ ଜୁନ ପହିଲାରୁ କନିଷ୍ଠ/ ବରିଷ୍ଠ ଅଫିସ ସହାୟକ(ଅମଲା) ସମୂହ ଛୁଟିରେ ଯିବେ ବୋଲି ମିଳିତ ଅମଲା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ନିଷ୍ପତ୍ତିକୁ ଜିଲାରେ କାର୍ଯ୍ୟରତ ସମସ୍ତ ଅମଲା ସ୍ୱାଗତ କରି ଆନ୍ଦୋଳନରେ ସାମିଲ ହେବେ ବୋଲି ମିଳିତ ମଞ୍ଚ ଶାଖା ସଭାପତି ସଞ୍ଜୟ କୁମାର ବ୍ରହ୍ମ ପ୍ରେସ୍ ବିବୃତିରେ କହିଛନ୍ତି। ଦୀର୍ଘଦିନ ହେବ ରାଜ୍ୟ ସରକାର ଅମଲାମାନଙ୍କ ପରୀକ୍ଷା ପାଇଁ ଯୋଗ୍ୟତା ମାଟ୍ରିକ୍ ପାସ ରଖିଥିବା ବେଳେ ତାଙ୍କ ଗ୍ରେଡ୍ ପେ ୧୯ ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି। କିନ୍ତୁ ସରକାର ନୂତନ ନୀତି କ୍ରମେ ଏବେ ୨୦୧୭ରୁ ସମ୍ପୃକ୍ତ ଅମଲାମାନଙ୍କ ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଡିଗ୍ରୀ ସହ କମ୍ପ୍ୟୁଟର ଶିକ୍ଷାକୁ ବାଧ୍ୟତାମୂଳକ କରିଛନ୍ତି। ଅମଲାମାନଙ୍କ ଦାବି ମାଟ୍ରିକ୍ ଯୋଗ୍ୟତା ନେଇ ଧାର୍ଯ୍ୟ ଗ୍ରେଡ୍ ପେ ୧୯ ଶହ ଅପରିବର୍ତ୍ତିତ ରହିବା ଅନ୍ୟାୟ। ୧୯ ଶହ ପରିବର୍ତ୍ତେ ୪୨ ଶହ ଗ୍ରେଡ୍ ପେ ଲାଗୁ କରାଯାଉ। ଏନେଇ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଚଳିତ ମାସ ୨୨ରୁ ସମସ୍ତ ଅମଲା କଳା ବ୍ୟାଚ୍ ପରିଧାନ କରି ପ୍ରତିବାଦ କରିଥିଲେ। ଚଳିତ ମାସ ଶେଷ ସୁଦ୍ଧା ଯଦି ସରକାର ଦାବୀ ପୂରଣ ନ କରନ୍ତି ତେବେ ଜୁନ ପହିଲାରୁ ସମସ୍ତ ଅମଲା ସମୂହ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

# ଗ୍ରାମବାସୀ ସଫା କଲେ ପୋଖରୀ



ପୋଖରୀ ସଫା କରୁଛନ୍ତି ଗ୍ରାମବାସୀ।

ବଡ଼ଗାଁ,୨୯।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ପଞ୍ଚାୟତ ଝାରମୁଣ୍ଡା ଗ୍ରାମବାସୀ ସୋମବାର ପଞ୍ଚାୟତ ଅଧୀନରେ ଥିବା ଗାଁ ପୋଖରୀକୁ ସଫା କରିଛନ୍ତି। ୪ ବର୍ଷ ପୂର୍ବେ ପୋଖରୀର ପଙ୍କ ଉଦ୍ଧାର ଓ ମରାମତି ପାଇଁ ପଞ୍ଚାୟତରୁ ସିଏଫସି ଅନୁଦାନରେ କାମ ହେବାର ଥିଲା। କିନ୍ତୁ କାମ କରାଗଲାନାହିଁ। ପୋଖରୀରେ ବହୁ ପରିମାଣର ଦଳ, କଣ୍ଟା ପତ୍ର ଓ ଆବର୍ଜନା ଯୋଗୁଁ ଅନୁପଯୋଗୀ ହୋଇପଡ଼ିରହିଥିଲା। ପଞ୍ଚାୟତରେ ଜଣାଇଥିଲେ ମଧ୍ୟ ନିରାଶ ହୋଇଥିଲେ। ତେବେ ରାଜ କୁମାର କାଲୋ, ରତିଲାଲ କାଲୋ, ଫୁଲ କିସାନ, ବିନୋଦ କାଲୋ, ଜୟମନୀ କିସାନ, ତୃତୀୟ ବାହାଲାଙ୍କ ସହିତ ପ୍ରାୟ ୮୦ ଗ୍ରାମବାସୀ ସକାଳ ୮ ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମଦାନ କରି ପୋଖରୀ ସଫା କରିଛନ୍ତି।

# ଅସହାୟ ମହିଳାଙ୍କ ଶବ ସତ୍କାର କଲେ ଭାଜପା ଏସ୍‌ସି ମୋର୍ଚ୍ଚା ସଦସ୍ୟ



ଅସହାୟ ମହିଳାଙ୍କ ମୃତଦେହ ସତ୍କାର କରାଯାଉଛି।

ଦେବଗଡ଼, ୨୯।୫(ଡି.ଏନ୍.ଏ.)

ଦେବଗଡ଼ ମୁଖ୍ୟ ଚିକିତ୍ସାଳୟରେ ଜଣେ ଅସହାୟ ମହିଳାଙ୍କ ମୃତ୍ୟୁ ଘଟିଥିଲା। ତେବେ ମହିଳାଙ୍କ କେହି ସମ୍ପର୍କୀୟ ନ ଥିବାବେଳେ ତାଙ୍କର ଶବ ସତ୍କାର କରି ମାନବିକତାର ପରିଚୟ ଦେଖାଇଛନ୍ତି ଭାଜପା ଏସ୍‌ସି ମୋର୍ଚ୍ଚାର ସଦସ୍ୟ। ସୂଚନା ଅନୁଯାୟୀ, ମୃତା ମହିଳା ଜଣକ ଜ୍ୱର ହେଉଥିବା ହେତୁ ୬ ଦିନ ହେବ ଦେବଗଡ଼ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। କିନ୍ତୁ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣା ସମ୍ପର୍କରେ ଭାଜପା ଏସ୍‌ସି ମୋର୍ଚ୍ଚାର ସଦସ୍ୟମାନେ ଜାଣିବାକୁ ପାଇଥିଲେ। ଏହା ପରେ ଭାଜପା ଏସସି ମୋର୍ଚ୍ଚାର ସଦସ୍ୟମାନେ ଦେବଗଡ଼ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ନେଇ ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାରରେ ସତ୍କାର କରିଥିଲେ। ଏଥିରେ ଉପନଗରପାଳ ତଥା ଭାଜପା ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ପ୍ରଜିତ ଭୋଜ, କାଉନସିଲର କାର୍ତ୍ତିକ ମହାକୁଳ, ମକରଧ୍ୱଜ ହସ୍ତୀ, ସୁମନ୍ତ ଭୋଜ, ବଳରାମ ରଣଜିତ, ଜିତେନ ମୁଖୀ, ଲକ୍ଷ୍ମଣ ହସ୍ତୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଯୁକ୍ତ ୩ ନାମଲେଖା ନିମନ୍ତେ ତାଲିମ

ସୁନ୍ଦରଗଡ଼,୨୯।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଯୁକ୍ତ ୩ ନାମଲେଖା ନିମେନ୍ତ ଏକ ତାଲିମ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସାମ୍ବ ରିସୋର୍ସ ସେଣ୍ଟରରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ନାମଲେଖା ଅଧିକାରୀ ତଥା ଡିଇଓମାନେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଡ.ଆଶୁତୋଷ ଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଡିଇଓ ସୁନୀତ କୁମାର ପଟେଲ ପ୍ରଶ୍ନୋତ୍ତର ମାଧ୍ୟମରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ଆବେଦନକାରୀଙ୍କୁ ନିକଟ ମହାବିଦ୍ୟାଳୟରେ କ୍ୟାଫ(କମନ ଆପ୍ଲିକେସନ ଫର୍ମ)କୁ ପୈଠ କରିବାକୁ ପଡ଼ିବ। ଯେଉଁମାନଙ୍କ ଫର୍ମ ମାନ୍ୟତା ହୋଇଯିବ ସେମାନଙ୍କୁ ଫର୍ମ ପୈଠ କରିବାର ଆବଶ୍ୟକ ପଡ଼ିବନାହିଁ। ଆବେଦନ କରିବା ପୂର୍ବରୁ ମହାବିଦ୍ୟାଳୟ ସହାୟତା କେନ୍ଦ୍ରର ପରାମର୍ଶ ନେବାପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

# ମା'ରମ୍ଭାଦେବୀ ପୀଠରେ ସଫେଇ



ମା' ରମ୍ଭାଦେବୀଙ୍କ ପୀଠରେ ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

ଦେବଗଡ଼, ୨୯।୫(ଡି.ଏନ୍.ଏ.)

ଆସନ୍ତା ୨ ତାରିଖ ତିଲେଇବଣି ବ୍ଲକ କଲଣ୍ଡା ଗ୍ରାମ ପଞ୍ଚାୟତର ବାସୁଦେବପୁର ଗ୍ରାମରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ରମ୍ଭାଦେବୀଙ୍କ ପ୍ରସିଦ୍ଧ ଯାତ୍ରା ଉତ୍ସବ ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏଥି ନିମନ୍ତେ ଜିଲା ଭାଜପା ଅନୁସୂଚିତ ମୋର୍ଚ୍ଚା ପକ୍ଷରୁ ମା' ରମ୍ଭାଦେବୀଙ୍କ ପୀଠରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ତଥା ଜିଲା ଭାଜପା ଅନୁସୂଚିତ ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଓ ସଦସ୍ୟ ମା' ରମ୍ଭାଦେବୀଙ୍କ ପୀଠରେ ପହଞ୍ଚି ପୀଠର ଚତୁଃପାର୍ଶ୍ୱକୁ ସଫାସୁତୁରା କରିଥିଲେ। ସେହିପରି ଏହି ପୀଠର ରଙ୍ଗବୋଳା କାର୍ଯ୍ୟ ଆରମ୍ଭ କରିଥିଲେ। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜିଲା ଭାଜପା ଅନୁସୂଚିତ ମୋର୍ଚ୍ଚାର ସଭାପତି ଭୋଜ ପ୍ରକାଶ କରିଛନ୍ତି। ଏହି ସଫେଇ ଏବଂ ରଙ୍ଗ ଲଗେଇବା କାର୍ଯ୍ୟକ୍ରମରେ ଜିଲା ଭାଜପା ଅନୁସୂଚିତ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଦେବାନନ୍ଦ ନାଏକ, ଶତୃଘ୍ନ ପାତ୍ର, ମକରଧ୍ୱଜ ହସ୍ତୀ, ସୁମନ୍ତ ଭୋଜ, ବଳରାମ ରଞ୍ଜିତ, ଜିତେନ ମୁଖି, ଲକ୍ଷ୍ମଣ ହସ୍ତୀ ପ୍ରମୁଖ ଅଂଶଗ୍ରହଣ କରୁଥିବା ଜଣାପଡିଛି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଲହୁଣୀପଡ଼ା,୨୯।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ପ୍ରଭାକର ମହାଜନ, ସୁନ୍ଦରଗଡ଼ ଓ ରାଉରକେଲା ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ରବି ନାରାୟଣ ସାହୁ, ଡେପୁଟି କଲେକ୍ଟର(ଆପାତକାଳୀନ) କୁନ୍ତି ରାଣୀ ନାୟକ, ରାଉରକେଲା ଏସପି ମିତ୍ରଭାନୁ ମହାପାତ୍ର, ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟ ଜଳ ଯୋଗାଣ, ଡ୍ରେନ, ଜମିଜମା, ବିଦ୍ୟୁତ୍, ଶୌଚାଳୟ, ରାସନ କାର୍ଡ, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ବିଧବା ଭତ୍ତା ସମ୍ପର୍କରେ ଅଭିଯୋଗ ମାଧ୍ୟମରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ ଓ ଅନ୍ୟ ଅଧିକାରୀ।

ବିଭିନ୍ନ ପ୍ରସଙ୍ଗରେ ମୋଟ ୧୧୩ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ଦଳଗତଭାବେ ୪୨ ଅଭିଯୋଗ ରହିଥିବା ବେଳେ ବ୍ୟକ୍ତିଗତଭବେ ୭୧ ଅଭିଯୋଗ ରହିଥିଲା। ଦଳଗତ ଅଭିଯୋଗ ମଧ୍ୟରେ ରାସ୍ତା,ପାନୀୟ ଜଳ, ବିଜୁଳି ଆଦି ସମସ୍ୟା ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମିବାଡ଼ି ସମସ୍ୟା ବାସଗୃହ, ପେନ୍‌ସନ, ସରକାରୀ ଭତ୍ତା ଆଦି ରହିଥିଲା। ସେଥିମଧ୍ୟରୁ ୧୬ ଅଭିଯୋଗର ପ୍ରତ୍ୟକ୍ଷ ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହିତ ବଣାଇଁ ଡିଏଫଓ ଲଳିତ କୁମାର ପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ସରୋଜ କୁମାର ମିଶ୍ର, ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ର, ତହସିଲଦାର ସୌଦାମିନି ନାୟକ, ଡ.ରୀନା ପ୍ରଧାନ, ଜିଲା ସଂଯୋଜକ ଅଶୋକ ରଞ୍ଜନ କୁମ୍ଭାର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ସିମନ୍ତ କୁମାର ଜେନାଙ୍କ ସହ ଜିଲା ଓ ଉପଖଣ୍ଡର ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୁରୁତର ଶିଶୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ଖଡ଼ିଆଳ,୨୯।୫(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ଗ୍ରାମରେ ଗରମ ପାଇସ୍‌ରେ ପଡି ୬ ବର୍ଷର ଶିଶୁ ଗୁରୁତର ହୋଇ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ଅନୁସାରେ ଗତ ୨୫ ତାରିଖରେ ଗ୍ରାମର ହୁତେଶ ହେର୍ଣ୍ଡାଙ୍କ ପୁଅ ବିକାଶ ହେର୍ଣ୍ଡା (୬) ନିଜ ପରିବାରରେ ଏକ ଗଙ୍ଗା ଭୋଜି ଖାଇବାକୁ ଯାଇଥିଲେ। ଅସାବଧାନତା ବଶତଃ ଗରମ ପାଇସ ହଣ୍ଡାଲାରେ ପଡି ଯାଇଥିଲେ। ନାବାଳକଙ୍କ ଦେହର ପ୍ରାୟ ୯୦ ପ୍ରତିଶତ ପୋଡି ଯାଇଥିବାରୁ ପରିବାର ଲୋକେ ତାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ପରିବାର ତଥା ଅଞ୍ଚଳରେ ଶୋକଛାୟା ଖେଳିଯାଇଛି।

### ହାତୀ ଆକ୍ରମଣରେ ଜଣେ ମୃତ

**ଲାଞ୍ଜିଗଡ଼,୨୯।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବସନ୍ତପଡା ପଞ୍ଚାୟତ ନିୟମଗିରି ପାହାଡର ପାଦ ଦେଶର ଥିବା ବସନ୍ତପଡା ଗ୍ରାମରେ ହାତୀ ଆକ୍ରମଣରେ ବାଙ୍ଗରା ମାଝି(୫୭)ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବାଙ୍ଗରା ରବିବାର ସନ୍ଧ୍ୟା ସାଢ଼େ ୪ ଟାରେ ବସନ୍ତପଡାଠାରୁ ପାହାଡିଆ ଚଲା ରାସ୍ତା ୨ କି.ମି. ଦୂର ଡେଙ୍ଗସର୍ଗି ଝିଅ ଘରକୁ ଯାଉଥିଲେ। ବାଙ୍ଗରା ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ସ୍ତ୍ରୀ ଓ ବନ୍ଧୁବାନ୍ଧବ ମିଶି ଖୋଜାଖୋଜି କରିଥିଲେ। ରାତି ୧୦ଟାରେ ଗାଁଠାରୁ ପ୍ରାୟ ଦେଢ଼ କିମି ପାଦଚଲା ଜଙ୍ଗଲ ରାସ୍ତାର ଡେଙ୍ଗସର୍ଗି ଗାଁ ନିକଟ ଆମ୍ବ ଗଛ ତଳେ ବାଙ୍ଗେରାକୁ ହାତୀ ଆକ୍ରମଣ କରିଥିବା ଦେଖିବାକୁ ପାଇଥିଲେ। ଗଛ ତଳେ ବାଙ୍ଗରା ପିନ୍ଧିଥିବା ଲୁଙ୍ଗି, ଗାମୁଛା, ଧରିଥିବା ଝୁଲି ମୁଣା ଓ ଟାଙ୍ଗିଆ ପଡିଥିବା ବେଳେ ବିଭିନ୍ନ ସ୍ଥାନରେ ହାତୀ ମଳ ଦେଖିବାକୁ ମିଳିଛି। ପରିବାର ଲୋକେ ଲାଞ୍ଜିଗଡ଼ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବର ପାଇ ଘଟଣାସ୍ଥଳକୁ ଲାଞ୍ଜିଗଡ ଥାନାଧିକାରୀ ଏବଂ ବିଶ୍ୱନାଥପୁର ଯାଇ ଘଟଣାର ତଦନ୍ତ କରିଥିଲେ। ଏହି ଘଟଣାର ତଦନ୍ତ କରି ଲାଞ୍ଜିଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩) ରୁଜୁ ହୋଇଛି।

### ଇନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

**ଖଡ଼ିଆଳ,୨୯।୫(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ସହର ଏମଡିଏସଜି କନ୍‌ଷ୍ଟ୍ରକଶନ ପିଭିଟି ଲିମିଟେଡ଼ ଉପରେ କାର୍ଯ୍ୟ ଅନୁଯାୟୀ କମ ଟ୍ୟାକ୍ସ ଦାଖଲ କରୁଥିବା ଅଭିଯୋଗରେ ନୂଆପଡା ଇନ୍‌ଫୋର୍ସମେଣ୍ଟ ୟୁନିଟ ଚଢ଼ାଉ କରିଛି। ଇନ୍‌ଫୋର୍ସମେଣ୍ଟ ୟୁନିଟ କମିଶନର ପ୍ରିୟବ୍ରତ ଗଡତିଆଙ୍କ ସୂଚନା ଅନୁଯାୟୀ ଖଡ଼ିଆଳଠାରେ ଗୋଟିଏ ଫାର୍ମ ଅଛି। ସେହି ଫାର୍ମର ଆମ ପାଖରେ ଗୋଟିଏ ତଥ୍ୟ ରହିଛି। ତଥ୍ୟ ହିସାବରେ ଜଣାପଡିଛି ଯେ, ବହୁଳ ମାତ୍ରାରେ ଟିକସ ଫାଙ୍କି ହୋଇଛି। ପ୍ରଥମ ପର୍ଯ୍ୟାୟରେ କାଗଜପତ୍ର ଯାଞ୍ଚ ଚାଲିଛି। ହେଲେ କମ୍ପାନୀର ମ୍ୟାନେଜିଂ ଡାରେକ୍ଟର ନ ଥିବାରୁ ଯାଞ୍ଚ ଆଗକୁ ଯାଇପାରିନାହିଁ। ଯେଉଁ କାର୍ଯ୍ୟ ପାଇଁ ଆମେ ଆସିଛୁ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ଣ୍ଣୟରେ ପହଞ୍ଚି ନାହିଁ। ଆହୁରି କାଗଜ ପତ୍ର ଯାଞ୍ଚ ପରେ ସତ୍ୟାସତ୍ୟ କ'ଣ ଜଣାପଡିବ। ଅଭିଯୋଗ ଅନୁଯାୟୀ ବିନା ସାମଗ୍ରୀ ବିକ୍ରି କରି ଆଇଟିସି ନେଉଛନ୍ତି ଏବଂ ନିୟମ ଅନୁଯାୟୀ ଟ୍ୟାକ୍ସ ଦାଖଲ କରୁ ନ ଥିବା ବେଳେ ମ୍ୟାନେଜିଂ ଡାଇରେକ୍ଟର ନ ଥିବାରୁ ସମସ୍ତ କାଗଜାତ ନେଇ ଆମେ ଯାଞ୍ଚ କରିବୁ ବୋଲି ଇନ୍‌ଫୋର୍ସମେଣ୍ଟ ୟୁନିଟ କମିଶନର ଗଡତିଆ ସୂଚନା ଦେଇଛନ୍ତି।

# ପିଡିଏସ୍ ଚାଉଳ ପାଇଁ ଯିବାକୁ ପଡୁଛି ୫ କି.ମି.



ଖଟିଆରେ ବୋହି ଜଣେ ରୋଗୀଙ୍କୁ ନିଆଯାଉଥିବା ଦୃଶ୍ୟ।



ନାଳ ଉପରେ ପୋଲ ନ ଥିବାରୁ ପାଣି ଭିତରେ ଦେଇ ଲୋକେ ଯାଉଛନ୍ତି।

**ଭବାନୀପାଟଣା,୨୯।୫(ସ୍ୱ.ପ୍ର.)**

- ରାସ୍ତା ନାହିଁ, ଖାଲଢ଼ିପ ରାସ୍ତା ଭରସା
- ୫ କି.ମି. ଯିବା ପରେ ରୋଗୀଙ୍କୁ ମିଳେ ଆମ୍ବୁଲାନ୍ସ ସୁବିଧା
- ସ୍କୁଲ ନ ଥିବାରୁ ଶିଶୁ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ
- ବିକାଶଠାରୁ ବହୁ ଦୂରରେ କନାମଞ୍ଜୁର ଗାଁ

ଗ୍ରାମାଞ୍ଚଳର ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା କରିଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା ମାଧ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ପ୍ରଶାସନିକ ଅବହେଳା ଓ ଜନପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବ ଯୋଗୁ ଆଜି ବି ଉପାନ୍ତ ଅଞ୍ଚଳରେ ସରକାରଙ୍କ ବିକାଶ ପହଞ୍ଚିପାରି ନାହିଁ। ଏପରି ଗାଁ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ମୁଖ୍ୟାଳୟଠାରୁ ମାତ୍ର ୧୫ କି.ମି. ଦୂରରେ ଥିବା ଭବାନୀପାଟଣା ସଦର ବ୍ଲକର ଉପାନ୍ତ କଣାମଞ୍ଜୁର ଗାଁରେ। ଘଞ୍ଚ ଜଙ୍ଗଲ ମଧ୍ୟରେ ଖାଲଖମା ଘାଟି ରାସ୍ତା ଦେଇ ୨ଟି ନାଳ ଡେଇଁ ଗଲେ ପଡେ କଣାମଞ୍ଜୁର ଗାଁ। ଏହି ଗାଁକୁ ନା ଅଛି ରାସ୍ତା, ନା ଅଛି ନାଳ ଉପରେ ପୋଲ। ରୋଗୀ ହେଉ ଅବା ସାଧାରଣ ଲୋକ ସମସ୍ତେ ଖାଲଖମା ରାସ୍ତା ଦେଇ ଦୁଇଟି ନାଳ ପାରି ହୋଇ ଯିବାଆସିବା କରନ୍ତି। ଯେଉଁଠି ରାସ୍ତାଘାଟ ପାଇଁ ଅବ୍ୟବସ୍ଥା ସେଠାରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଅବସ୍ଥା ନ କହିବା ଭଲ। ପିଡିଏସ ସାମଗ୍ରୀ ପାଇଁ ୫ କି.ମି. ପଞ୍ଚାୟତ କାର୍ଯ୍ୟାଳୟକୁ ଘଞ୍ଚ ଜଙ୍ଗଲ ମଧ୍ୟରେ ଯିବାକୁ ପଡେ। ସମସ୍ତ ଗାଁକୁ ପକ୍କା ରାସ୍ତା ନିର୍ମାଣ କରି ସଂଯୋଗ କରୁଥିବା ସରକାର କହୁଥିବା ବେଳେ ସ୍ୱାଧୀନତାର ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ପକ୍କା ସଡକ ଏହି ଗାଁ ପାଇଁ ପାଲଟିଛି ସ୍ୱପ୍ନ। ଗାଁରେ ପ୍ରାୟ ୪୦ ପରିବାର ବସବାସ କରୁନ୍ତି। ଜଙ୍ଗଲ ଅଧିକାର ଆଇନ ୨୦୦୬ ମାଧ୍ୟମରେ ଘର ପଟ୍ଟା ପାଇଁ ମଧ୍ୟ ଗ୍ରାମବାସୀଙ୍କ ସଂଘର୍ଷ ଜାରି ରହିଛି। ଗାଁରେ ନା ଅଛି ଡାକ୍ତରୀ ସୁବିଧା ନାଁ ସ୍କୁଲ। ଯେଉଁଥିପାଇଁ ଏହି ଗାଁର ଶିଶୁ ପ୍ରାଥମିକ ଶିକ୍ଷାଠାରୁ ମଧ୍ୟ ବଞ୍ଚିତ। ଗାଁକୁ ରାସ୍ତା ନ ଥିବା ଯୋଗୁ କୌଣସି ବ୍ୟକ୍ତିଙ୍କ ଦେହ ଖରାପ ହେଲେ କିମ୍ବା ଗର୍ଭବତୀ ମହିଳାଙ୍କୁ ଖଟରେ ବୋହି ୫ କି.ମି. ଯିବା ପରେ ମିଳିଥାଏ ଆମ୍ବୁଲାନ୍ସ ସୁବିଧା। ମୌଳିକ ସୁବିଧାରୁ ବଞ୍ଚିତ ଲୋକ ଗାଁକୁ ଏକ ପକ୍କା ରାସ୍ତା ଓ ନାଳ ଉପରେ ପୋଲ ପାଇଁ ସରକାରୀ ବାବୁଙ୍କୁ ନିକଟରେ ଗୁହାରୀ କରୁଥିବା ବେଳେ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଆଜି ପର୍ଯ୍ୟନ୍ତ ଗାଁରେ ନା ସରକରୀ ଅଧିକାରୀ ନା ଜନପ୍ରତିନିଧିଙ୍କ ପାଦ ପଡି ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ନିଜ ହକ୍ ମାଗି ମାଗି ଥକି ଗଲେନି, ତଥାପି କେହି ଶୁଣୁ ନାହାନ୍ତି। ଏ ନେଇ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ କହନ୍ତି 'ଦୁର୍ଗମ ଅଞ୍ଚଳର ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ପ୍ରୟାସ ଚାଲିଛି। ପାନୀୟ ଜଳ ଓ ରାସ୍ତା ଯୋଗାଇ ଦେବାକୁ କାର୍ଯ୍ୟ ଜାରି ରହିଛି। ସରକାର ଗାଁର ଉନ୍ନତି କରିବାରେ ହେଳା କରିନାହାନ୍ତି ବୋଲି କହିଛନ୍ତି।

# କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କଲେ ପ୍ରଦିପ୍ତ

**ଭବାନୀପାଟଣା,୨୯।୫(ସ୍ୱ.ପ୍ର.)**

ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା

କରୋନାରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ଧରି ନୂଆଦିଲ୍ଲୀରେ ଚିକିତ୍ସାଧୀନ ଥିବା ଭବାନୀପାଟଣା ବିଧାୟକ ତଥା ପୂର୍ବତନ ବିରୋଧିଦଳ ନେତା ପ୍ରଦିପ୍ତ ନାଏକ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଏପରିସ୍ଥଳେ ରବିବାର ନୂଆଦିଲ୍ଲୀରେ କେନ୍ଦ୍ର ରାସ୍ତା ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି ପ୍ରଦିପ୍ତ। ଏହି ସମୟରେ ସେ ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ର ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଭବାନୀପାଟଣା ଓ କେସିଙ୍ଗା ସହରରେ ଟ୍ରାଫିକ ସମସ୍ୟା ନିରାକରଣ ପାଇଁ ଏକ ବାଇପାସ ରାସ୍ତା ନିର୍ମାଣ, କେସିଙ୍ଗା, ଭବାନୀପାଟଣା ଓ ଜୁନାଗଡକୁ ଯାଉଥିବା ରାସ୍ତାକୁ ଫୋରଲେନ୍ କରିବା ଓ ଭୁବନେଶ୍ୱରରୁ ଆଠଗଡ, ଆଠମଲ୍ଲିକ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଭଦ୍ରାଞ୍ଚଳମ ଦେଇ ହାଇଦ୍ରାବାଦ ପର୍ଯ୍ୟନ୍ତ ଏକ ଗ୍ରୀନ ଏକ୍ସପ୍ରେସ ୱେ ରାସ୍ତା ନିର୍ମାଣ କରିବା ଆଦି ଦାବି କରିଥିଲେ। ସେହିପରି କେସିଙ୍ଗା ଠାରେ ୩୨୪କୋଟି ଟଙ୍କା ଅଟକଳରେ ନିର୍ମାଣ ହେବାକୁ ଥିବା ଆରଓବିର ଭୂମି ପୂଜନ ପାଇଁ କଳାହାଣ୍ଡିକୁ ଆସିବା ପାଇଁ ସେ କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କୁ ନିମନ୍ତ୍ରଣ କରିଥିଲେ।



କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡକରିଙ୍କୁ ସାକ୍ଷାତ କରୁଛନ୍ତି ପ୍ରଦିପ୍ତ ନାଏକ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଲୋକଙ୍କ ଅଭିଯୋଗ ଜିଲାପାଳ ଶୁଣୁଛନ୍ତି।

**ସିନାପାଲି,୨୯।୫(ଡି.ଏନ.ଏ.)**

ବସୁଧା ଯୋଜନାର ସମସ୍ୟା ଜଣାଇଲେ ଭରୁଆମୁଣ୍ଡା ସରପଞ୍ଚ

ନୂଆପଡ଼ା ଜିଲା ସିନାପାଲି ପଞ୍ଚାୟତ ସମିତି ସଭାଗୃହଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ଅନେକ ଅଭିଯୋଗ ଆସିଥିଲା। ଏହି କ୍ରମରେ ଭରୁଆମୁଣ୍ଡା ସରପଞ୍ଚ ବିରଞ୍ଚି ଜଗତ ପଞ୍ଚାୟତର ପାନୀୟଜଳ, ଏମ୍‌ଜିଏନ୍‌ଆର୍‌ଜିଏସ୍ ଓ ରାସ୍ତାଘାଟ ଭଳି ବିଭିନ୍ନ ଉନ୍ନୟନ ମୂଳକକାର୍ଯ୍ୟ ସମସ୍ୟା ନେଇ ଜିଲାପାଳ ହେମକାନ୍ତ ସାଏଙ୍କଠାରେ ଅଭିଯୋଗ କରିଥିଲେ। ଭରୁଆମୁଣ୍ଡା ପଞ୍ଚାୟତକୁ ପାନୀୟଜଳ ଯୋଗାଣ ପାଇଁ ନିର୍ମିତ ବସୁଧା ଯୋଜନା ଠିକ ଭାବେ କାର୍ଯ୍ୟ କରୁ ନ ଥିବାରୁ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ପ୍ରାୟ ଏକ ବର୍ଷ ହେବ ପଞ୍ଚାୟତର ସମସ୍ତ ଗ୍ରାମକୁ ପାନୀୟଜଳ ଯୋଗାଣ ପାଇଁ ପାଇପ ଲାଇନ ସଂଯୋଗ କରି ଜଳ ଯୋଗାଣ ହେବାର ବ୍ୟବସ୍ଥା ରହିଛି। ହେଲେ ବାରମ୍ବାର ମଟର ଅଚଳ ହେଉଥିବାରୁ ଲୋକଙ୍କୁ ଠିକ ଭାବେ ସେବା ପାଇବାର ପାରୁନାହାନ୍ତି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ସମୟରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ତଥା ଠିକାଦାରଙ୍କୁ ଜଣାଇଲେ ଟ୍ୟାଙ୍କ ଗ୍ୟାଲେରୀରେ ଜଳ ସ୍ତର କମିଯାଉଥିବାରୁ ବାରମ୍ବାର ଏଭଳି ସମସ୍ୟା ଦେଖାଯାଉଥିବା ପ୍ରକାଶ କରୁଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ଏଠାରେ ଓଭରହେଡ ଟ୍ୟାଙ୍କି ନିମ୍ନମାନର ହେତୁ ଅନେକ ପଡା ଗ୍ରାମକୁ ପାଣି ପହଞ୍ଚିବା ସମ୍ଭବ ହେଉନାହିଁ। ଏଣୁ ଏଠାରେ ଅନ୍ୟ ଏକ ଓଭରହେଡ ଟ୍ୟାଙ୍କି ନିର୍ମାଣ କରିବାକୁ ମଧ୍ୟ ଜିଲାପାଳଙ୍କୁ ସରପଞ୍ଚ ଦାବି କରିଥିଲେ। ସେହିପରି ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ଅନୁମୋଦନ ହୋଇଥିବା ଅତିଜରୁରୀ ରାସ୍ତାଗୁଡିକର ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗଗୁଡିକୁ ବିଚାର କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସାଏ, ସିନାପାଲି ବିଡ଼ିଓ ସର୍ବେଶ୍ୱର ଜାଲ, ଅଧକ୍ଷା ମାଧୁରୀ ମାଝି, ଉପାଧକ୍ଷ ମିନା ଘିଭେଲାଙ୍କ ସମେତ ବ୍ଲକ ତଥା ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଶହୀଦ ରେଣ୍ଡୋ ମାଝିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆଲୋଚନା

**କୋକସରା,୨୯।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଆଦିବାସୀ ଜନଜାତିର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝିଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଲଡୁଗାଁ ଗ୍ରାମର ଅସରପ୍ରାପ୍ତ ବନ କର୍ମଚାରୀ ଲକ୍ଷ୍ମଣ ଶବରଙ୍କ ଆବାହନକ୍ରମେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଲଡୁଗାଁର ବୟୋଜ୍ୟେଷ୍ଠ ନାଗରିକ ପ୍ରଫୁଲ୍ଲ ମାଝିଙ୍କ ସଭାପତିତ୍ୱରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ସମ୍ପ୍ରଦାୟର ଜନପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବନମାଳୀ ମାଝି ଯୋଗଦେଇ ଶହୀଦ ମାଝି ଥିଲେ ଆଦିବାସୀ ଜନଜାତି ଓ ସମଗ୍ର ଜିଲା ପାଇଁ ଗର୍ବ ଓ ଗୌରବ। ତାଙ୍କର ବଳିଦାନ ପାଇଁ ଆଜି ଆମେ ସ୍ୱାଧୀନତା ପାଇଛୁ। ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ତାଙ୍କ ପାଇଁ ଆମର ଉତ୍ସର୍ଗୀ କୃତ ମନୋଭାବ ହେବ ବୋଲି ମତ ଦେଇଥିଲେ। ସଂଗ୍ରାମୀ ଆଦିବାସୀ ନେତା ରେଣ୍ଡୋ ମାଝିଙ୍କ ପ୍ରତିମୂର୍ତ୍ତି ଲଡୁଗାଁରେ ସ୍ଥାପନ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ ହୋଇ ଗୃହୀତ ହୋଇଥିଲା। କୋକସରା ପଞ୍ଚାୟତ ସମିତି ଅନ୍ତର୍ଗତ ଆଦିବାସୀ ସମ୍ପ୍ରଦାୟର ଜନପ୍ରତିନିଧି ଘନଶ୍ୟାମ ନାଏକ, କ୍ଷିତି ରାମ ପାତ୍ର, ବ୍ରଜକିଶୋର ନାଏକ, ମୁକ୍ତେଶ୍ୱର ନାଏକ, ଅକ୍ଷୟ ନାଏକ, ରୁଦ୍ର ପ୍ରସାଦ ନାଏକ, ମନୋରଞ୍ଜନ ବାଣୁଆ, କେତନ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡୋକରିଦର ଜଳପ୍ରପାତରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

**କୋକସରା,୨୯।୫(ଡି.ଏନ.ଏ.)**



ମୃତ ଯୁବକଙ୍କ ଫାଇଲ ଫଟୋ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୋକରିଦର ଜଳପ୍ରପାତରେ ରବିବାର ବୁଡି ନିଖୋଜ ଥିବା ଧର୍ମଗଡ ସହରର ଅମନ ଅଗ୍ରୱାଲ (୨୫)ଙ୍କ ମୃତଦେହ ସୋମବାର ଜବତ ହୋଇଛି। ସୂଚନାରୁ ପ୍ରକାଶ ଯେ, ଧର୍ମଗଡରୁ ୪ଜଣ ସାଙ୍ଗ ଅମନ ଅଗ୍ରୱାଲ (୨୫), ଅଭିଜିତ ପାଢୀଯୋଷୀ (୨୬), ଦିପେଶ ଅଗ୍ରୱାଲ (୨୬) ଓ ପ୍ରଭୁଦତ୍ତ ବେହେରା (୨୬) ବୁଲିବା ପାଇଁ ଡୋକରିଦର ଜଳପ୍ରପାତକୁ ଯାଇଥିଲେ। ବୁଲାବୁଲି କରିବା ପରେ ଜଳପ୍ରପାତରେ ୪ଜଣ ସାଙ୍ଗ ଗାଧୋଇବାକୁ ଯାଇଥିଲେ। ଜଳପ୍ରପାତରେ ଥିବା ଅଧିକ ପାଣିରେ ଗାଧେଇବା ସମୟରେ ହଠାତ ଅମନ ପାଣିର ଗଭୀର ଭିତରକୁ ଯାଇ ଆଉ ଫେରି ଆସିପାରି ନ ଥିଲେ। ଅନ୍ୟ ୩ଜଣ ସାଙ୍ଗ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ୩ଜଣ ସାଙ୍ଗ ସ୍ଥାନୀୟ ଉନ୍ନୟନ କମିଟି ସଦସ୍ୟଙ୍କୁ ଜଣାଇଥିଲେ। ଉନ୍ନୟନ କମିଟି ଆମପାଣି ପୋଲିସକୁ ଖବର ଦେଇଥିଲେ। ଆମପାଣି ପୋଲିସ ଓ କୋକସରା ଦମକଳ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ସନ୍ଧ୍ୟା ହେବାରୁ ବନ୍ଦ କରିଥିଲେ। ସୋମବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା। ଘଟଣାର ୨୪ ଘଣ୍ଟା ପରେ ଭବାନୀପାଟଣା ଓ କୋକସରା ଦମକଳ ଟିମର ମିଳିତ ସର୍ଚ୍ଚ ଅପରେସନ ପରେ ମୃତଦେହ ଜବତ ହୋଇଥିଲା। କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟ ସମୟରେ ଘଟଣାସ୍ଥଳରେ ଧର୍ମଗଡ ଉପଜିଲାପାଳ ବେଦ ଭୂଷଣ, ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର, ଆମପାଣି ଥାନା ଅଧିକାରୀ ଚତୁର୍ଭୁଜ ନାଏକ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଜୁନାଗଡ଼ ଏନଏସି ଚେୟାରମ୍ୟାନ ମୁକେଶ ଅଗ୍ରୱାଲ ଓ ମୃତକ ଯୁବକଙ୍କ ପରିବାରବର୍ଗ ସମେତ ବ୍ଲକ ପ୍ରଶାସନ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏ ନେଇ ଆମପାଣି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୩) ରୁଜୁ କରି ତଦନ୍ତ ଚଳାଇଛି।

# ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି

**କେସିଙ୍ଗା,୨୯।୫(ଡି.ଏନ.ଏ.)**

ନଗଦ ୬ଲକ୍ଷ ଟଙ୍କା ସହ ସୁନା, ରୁପା ଅଳଙ୍କାର ଲୁଟ୍

କଳାହାଣ୍ଡି ଜିଲା କେସିଙ୍ଗା ୱାର୍ଡ ନମ୍ବର ୯ କଲେଜ୍ ରୋଡରେ ଥିବା ବ୍ୟବସାୟୀ ସୁଭାସ ଅଗ୍ରୱାଲଙ୍କ (୬୩) ଘରୁ ରବିବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ୯ଜଣ ଦୁର୍ବୃତ୍ତ ଘର ପଛପଟୁ ପଶି ଖଣ୍ଡା ଓ ମାରଣାସ୍ତ୍ର ଦେଖାଇ ପ୍ରାୟ ୬ ଲକ୍ଷ ଟଙ୍କା ସହ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ଖବର ପାଇ ଆଇଆଇସି ସତ୍ୟ କୁମାର ନନ୍ଦଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି। ପରେ ବ୍ୟବସାୟୀ ଅଗ୍ରୱାଲ ସୋମବାର ସକାଳେ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ କଳାମୁଖା ପିନ୍ଧି ବିହାରୀ, ହିନ୍ଦି ଓ ବଙ୍ଗାଳି ଭାଷାରେ କଥା ହେଉଥିଲେ ବୋଲି ସେ ପୋଲିସକୁ କହିଛନ୍ତି।

ସୂଚନା ଯେ, ରବିବାର ରାତିରେ ବ୍ୟବସାୟୀ ସୁଭାସଙ୍କ ସହିତ ସ୍ତ୍ରୀ, ଝିଅ, ନାତୁଣୀ ଏବଂ ମହିଳା ରୋଷେୟା ଘର ଭିତରେ ଶୋଇଥିଲେ। ଘର ପାଚେରୀ ଡେଇଁ ପଛପଟ ଦେଇ କବାଟର ଲକର ଭାଙ୍ଗି ଘରେ ପଶିଥିଲେ। ଦୁର୍ବୃତ୍ତମାନେ ଘର ଭିତରକୁ ପଶିବା ପରେ ପ୍ରଥମେ ମହିଳା ରୋଷେୟାଙ୍କ ସହ ଅନ୍ୟ କୋଠରିରେ ଶୋଇଥିବା ସୁବାଷ ଓ ତାଙ୍କ ସ୍ତ୍ରୀ, ଝିଅ ଓ ନାତୁଣୀଙ୍କ ହାତକୁ ପଛପଟେ ବାନ୍ଧିଥିଲେ। ପାଟି କଲେ ଜୀବନରେ ମାରିବା ପାଇଁ ଧମକ ଦେଇ ପ୍ରାୟ ଏକ ଘଣ୍ଟା ଘର ଭିତରେ ଦୁର୍ବୃତ୍ତମାନେ ରହି ସମସ୍ତ କୋଠରିର ଲକର ଭାଙ୍ଗି ନଗଦ ୬ ଲକ୍ଷ ଟଙ୍କା ସହ ଲକ୍ଷାଧିକ ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଓ ମୂଲ୍ୟବାନ ୨ଟି ମୋବାଇଲ ନେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଘରେ ଲାଗିଥିବା ସିସି କ୍ୟାମେରା ଉପରେ ଦୁର୍ବୃତ୍ତମାନେ କପଡା ଢାଙ୍କି ଦେଇ ହାର୍ଡଡିସ୍କ ମଧ୍ୟ ନେଇଯାଇଛନ୍ତି। ଦୁର୍ବୃତ୍ତମାନେ ଘରେ ପଶିବା ପୂର୍ବରୁ ନିଶା ମେଡିସିନ ସ୍ପ୍ରେ କରିଥିଲେ ବୋଲି ଘର ମାଲିକ କହିଛନ୍ତି। ଭବାନୀପାଟଣାସ୍ଥିତ ଡିଏଫଏସଏଲରୁ ସନ୍ଧାନୀ କୁକୁର ଆସି ତଦନ୍ତ କରିଛି। କେସିଙ୍ଗା ଏସ୍‌ଡିପିଓ, ଆଇଆଇସି ଓ କେସିଙ୍ଗା ପୋଲିସ ତଦନ୍ତ ଜାରି ରଖିଛନ୍ତି। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ.୧୮୩/୨୩) ରୁଜୁ ହୋଇଛି।



ସୁବାସ ଅଗ୍ରୱାଲଙ୍କ ଘରେ ସନ୍ଧାନୀ କୁକୁର।

# ସମାଜକୁ ମଜଭୁତ କରିବା ଉପରେ ଗୁରୁତ୍ୱ

**ନୂଆପଡ଼ା ଅଫିସ,୨୯।୫**

- ନାରୀ ଶିକ୍ଷାକୁ ପ୍ରାଧାନ୍ୟ ଦେବା ଉପରେ ଆଲୋଚନା
- ଚାରିଗଡ଼ ପଣ୍ଡରା ମାଳି ସମାଜର ବାର୍ଷିକ ବୈଠକ

ନୂଆପଡା ଜିଲା ସିନାପାଲି ବ୍ଲକ ଗୋଡାଳ ପଞ୍ଚାୟତସ୍ଥିତ ଡଙ୍ଗର ଗାଁଠାରେ ଚାରିଗଡ ପଣ୍ଡରାମାଳି ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂଆପଡା ଜିଲା ସମେତ କଳାହାଣ୍ଡି, ନବରଙ୍ଗପୁର ଜିଲାର କର୍ମକର୍ତ୍ତା ଓ ଜନସାଧାରଣ ଯୋଗଦେଇଥିଲେ। ସିନାପାଲି ବ୍ଲକ ସଭାପତି ଗୋଦାବରିଶ ନାୟକଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଜିଲା ତଥା ସିନାପାଲି ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରେମଲାଲ ନାଏକ ମୁଖ୍ୟଅତିଥି, ଗୋଲାମୁଣ୍ଡା ପୂର୍ବତନ ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାୟକ, ବରିଷ୍ଠ ଶିକ୍ଷାବିତ ଚନ୍ଦ୍ର ଶେଖର ନାୟକ, ଟଙ୍କଧର ନାୟକ, ପଣ୍ଡରା ମାଳି ସମାଜ ସମ୍ପାଦକ ସେବକରାମ ପାତ୍ର, ସମାଜର ମହାନାୟକ ଡିଙ୍ଗର ନାଏକ, ପୁରୁଷୋତ୍ତମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଉପେନ୍ଦ୍ର ଧାକଡ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଅତିଥିମାନେ ସମାଜର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସମାଜକୁ ତୃଣମୂଳସ୍ତରରୁ ମଜଭୁତ କରିବା ସହ ନାରୀ ଶିକ୍ଷାକୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମାଜରେ ଶୃଙ୍ଖଳିତ ରହିବା ସହ ସମସ୍ତେ ଏକ ସୂତ୍ରରେ ବାନ୍ଧି ହୋଇ ସମାଜକୁ ଆଗକୁ ନେବା ପାଇଁ ସଂକଳ୍ପ ନେଇଥିଲେ। କୃତିତ୍ୱଅର୍ଜନ କରିଥିବା ସମାଜର ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦେଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଜବାହର ନବୋଦୟରେ ପଢିବା ପାଇଁ କୃତିତ୍ୱ ହାସଲ କରିଥିବା କୋଦୋବେଡାର ଦେବ ନାରାୟଣ ନାୟକ, ତେଜରାଜ ନାୟକ, ବୈଗାପଡାର ରାଜ କିଶୋର ବିଶି, ସିନାପାଲିର ସୌମ୍ୟ ରଞ୍ଜନ ନାଏକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ସମାଜର ଛାତ୍ରୀଛାତ୍ର କଳାହାଣ୍ଡି ଜିଲା ରଏନଗୁଡାର ପ୍ରିୟ ଦର୍ଶନୀ ନାୟକ, ଧର୍ମଗଡର ରାକ୍ଷୀ ନାୟକ, ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସିନାପାଲିର ତ୍ରିଲୋଚନ ନାୟକ, ପୁଝାରୀଗୁଡାର ବବିତା ବିଶି, ନୂଆପଡା ଜିଲା ସିନାପାଲି ବ୍ଲକ ଲିଟିଗୁଡାର ମୁକେଶ ନାୟକ ଓ ସ୍ନାତକୋତର ପାସ କରିଥିବା ସିନାପାଲି ବ୍ଲକ ଡଙ୍ଗର ଗାଁର ବବିତା ନାଏକ, ସିଙ୍ଗଝରର ଡାକ୍ତର ସ୍ମୃତି ରଞ୍ଜନ ନାୟକ, କଳାହାଣ୍ଡି ଜିଲା ତୁମରାର ନରେଶ କୁମାର ନାଏକ, ଗୌଡଛେଣ୍ଡିଆର ଶାଶ୍ୱତ ଚନ୍ଦନ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗିରିଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ କୂଳଚନ୍ଦ୍ର ନାଏକ, ପଦ୍ମଲୋଚନ ନାୟକ, ସନ୍ତୋଷ ପାତ୍ର, ଭୁତେଶ୍ୱର ନାୟକ, ଧନୁର୍ଜ୍ୟ ନାୟକ, ଆନନ୍ଦ ନାଏକ ପ୍ରମୁଖ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବରପାଲି, ୨୯।୫(ଡି.ଏନ.ଏ.): ଚରଦେଇ ଓ ଅନ୍ନପୂର୍ଣ୍ଣା ମାହେଶରୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ବରଗଡ ଜିଲା ବରପାଲି ବ୍ଲକ ଗୋପାଇପାଲି ଭିଏସଏସ କ୍ଲବଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ପଶ୍ଚିମ ଓଡିଶା ଯୁବାମଞ୍ଚ ସହବନ୍ଦିତାରେ ଆୟୋଜିତ ଏହି ଶିବିରକୁ ସରପଞ୍ଚ ମିତା ନାୟକ, ସମିତି ସଭ୍ୟ ଯୋଜନା ମଟାରୀ ମିଳିତଭାବେ ଉଦ୍‌ଘାଟନ କରିଥିଲେ। ଯୁବାଂମଞ୍ଚ ମୁଖ୍ୟ ଅଜିତ ପତି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ୧୭ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର ଟିମ ରକ୍ତ ସଂଗ୍ରହ କରିଥିଲେ। ଯୁବମଞ୍ଚର ଅତୁଲ ନାଗ, ରିତେଶ ମେହେର, ଆଜାଦ ତ୍ରିପାଠୀ, ଆଲୋକ ଦାଶ, ଅନୁରାଗ ସେଠ, ସତ୍ୟମ ପୃଷ୍ଟ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

### ପ୍ରତିମୂର୍ତ୍ତି ଉନ୍ମୋଚିତ

ବରପାଲି, ୨୯।୫(ଡି.ଏନ.ଏ.): ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୃଷକପଲ୍ଲୀ ବୀରବଜରଙ୍ଗ କ୍ଲବଠାରେ କସରତ ସଂଘ ପକ୍ଷରୁ କସରତକାରୀ ହରିବୋଲ ଭୋଇଙ୍କ ପ୍ରତିମୂର୍ତ୍ତି ସରପଞ୍ଚ ବିନୟ ଗଡତିଆଙ୍କଦ୍ୱାରା ସୋମବାର ଉନ୍ମୋଚତ ହୋଇଛି। ସମ୍ମାନୀତ ଅତିଥିଭାବେ କଡ଼ିଆ ବଗର୍ତ୍ତି ଓ ଗୋବିନ୍ଦ ଜୁଆଡି ଯୋଗଦେଇଥିଲେ। କସରତ ଖେଳାଳି ସ୍ୱର୍ଗତ ହରିବୋଲ ଭୋଇ ୨୦ ବର୍ଷ ତଳେବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ସମୟରେ କସରତରେ ମାଙ୍କଡ଼ଚିତି ମାରୁଥିବା ତଳେ ପଡି ଯାଇଥିଲେ। ତିନିଦିନ ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ୨ ମିନିଟ ନୀରବ ପ୍ରାର୍ଥନା ପରେ ସ୍ୱର୍ଗତ ଭୋଇଙ୍କ କସରତ କୌଶଳ ଉପରେ ବକ୍ତମାନେ କହିଥିଲେ। ଶିକ୍ଷାବିତ୍ ରସାନନ୍ଦ ଥପା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପାଳିବ ଗୁରୁ ଭଗବାନ ସାହୁ ଜୟନ୍ତୀ

ବରଗଡ଼ ଅଫିସ୍,୨୯।୫: ପଶ୍ଚିମ ଓଡ଼ିଶାର ଭାଷା ଓ ଲୋକ ସଂସ୍କୃତିର ପ୍ରଚାରକ କିମ୍ବଦନ୍ତୀ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ଆସନ୍ତା ଦେବସ୍ନାନ ପୂର୍ଣ୍ଣିମାଠାରୁ ପ୍ରତିବର୍ଷ ବରଗଡ଼ଠାରେ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ତରଫରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଆନୁକୂଲ୍ୟରେ ପାଳନ କରାଯିବ। ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ ରଥ ଏଥିପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ଗୁରୁ ଭଗବାନ ସାହୁ ସ୍ମୃତି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସଚିବ ରଥଙ୍କ ଏଭଳି ଉଦ୍ୟମକୁ ରାଜ୍ୟସ୍ତରୀୟ ଗୁରୁ ଭଗବାନ ସାହୁ ସ୍ମୃତି କମିଟି ପକ୍ଷରୁ ସ୍ୱାଗତ କରାଯାଇ ଥିବାବେଳେ ରଥଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବରଗଡ଼ ଅଫିସ୍,୨୯।୫: ବରଗଡ଼ ଶକ୍ତିନଗର ନିବାସୀ ପଣ୍ଡିତ ରଥଙ୍କ ସ୍ତ୍ରୀ



ଯାଜ୍ଞସିନୀ ରଥଙ୍କ ସୋମବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୬୭ବର୍ଷ ହୋଇଥିଲା। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ବଡ଼ପୁଅ ଡା. ଜିତେନ୍ଦ୍ରୀୟ ରଥ ମୁଖାଗ୍ନି ଦେଇଥିଲେ ।

# ଶିଶୁଙ୍କୁ ପୁସ୍ତକ ମନସ୍କ କରିବାକୁ ଗୁରୁତ୍ୱ

## ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଅଭିନବ ପ୍ରୟାସ

ବରଗଡ଼ ଅଫିସ୍,୨୯।୫



ଆସ ଆମେ ପଢ଼ିବା କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁମାନେ ।

ପିଲାଙ୍କ ପାଖରେ ପାଠାଗାର ପହଞ୍ଚାଇବାକୁ ହେବ। ଏଥିପାଇଁ ବସ୍ତିରୁ ବସ୍ତି, ଗାଁରୁ ଗାଁକୁ ବୁଲି ପିଲାଙ୍କୁ ପୁସ୍ତକ ମନସ୍କ କରାଇବା ଲକ୍ଷ୍ୟରେ ଖରାଛୁଟିରେ ଗରୀବ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ ଭଳି ଏକ ପଦକ୍ଷେପ ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ହାତକୁ ନେଇଛି। ବରଗଡ଼ ସହରଠାରୁ ୧୧କି.ମି ଦୂର ଗୋବିନ୍ଦପୁର ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗୋପବନ୍ଧୁ ପୁରୋହିତ ଏବଂ ଶିକ୍ଷକ ନବୀନ କୁମାର ସାବତଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦାନ କରି ପିଲାମାନେ ଖରାଛୁଟିର ଠିକ୍ ବିନିଯୋଗ କରିବା ପାଇଁ ପାଠ୍ୟପୁସ୍ତକ ସହିତ ବିଭିନ୍ନ ପତ୍ରପତ୍ରିକା ଏବଂ ମହାପୁରୁଷଙ୍କ ଜୀବନୀ ଆଧାରିତ ପୁସ୍ତକ ପଠନ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଏଭଳି ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ୧୨ଜଣ ବରିଷ୍ଠ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ, ଗଣିତ, ଇଂଲିଶ, ସାହିତ୍ୟ, ସାମାଜିକ ବିଜ୍ଞାନ, ହିନ୍ଦୀ, ସଂସ୍କୃତ ଆଦି ବିଷୟରେ ଶିକ୍ଷାଦାନ କରିଥିଲେ। ଏହା ସହିତ ଗପ, କବିତା, ଛାୟାଚିତ୍ର, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ମାଧ୍ୟମରେ ଶିକ୍ଷାଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର ମିଶ୍ର, ଗୋବିନ୍ଦପୁର ସ୍କୁଲ ପରିଚାଳନା କମିଟିର ପୂର୍ବତନ ଚେୟାରମ୍ୟାନ ନିତ୍ୟାନନ୍ଦ ନାଏକ, ସାମାଜିକ କର୍ମୀ ଅର୍ଜୁନ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିବୃନ୍ଦ ଅଧ୍ୟୟନ, ପୁସ୍ତକ ପଠନ ପ୍ରତି ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଡଃ ଡୋଲାମଣି ଶତପଥି, ଦିବ୍ୟାକାନ୍ତୀ ଭୋଇ, ମୀନା ପଣ୍ଡା, ସଂଘମିତ୍ରା ପଟେଲ, କମଳ ଲୋଚନ ପଟେଲ, ଚନ୍ଦ୍ରକାନ୍ତ ସାହୁ, ସୁବାସ ଚନ୍ଦ୍ର ସାହୁ, ଦୁଃଖିସେବକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଆବାହକ ଡଃ ରବିନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଙ୍ଗୀତଜ୍ଞ ପ୍ରମୋଦ କୁମାର ଦାଶ ସଙ୍ଗୀତ ଶିକ୍ଷା ପ୍ରଦାନ କରିଥିବା ବେଳେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ନବୀନ କୁମାରସାବତଧନ୍ୟବାଦଅର୍ପଣକରିଥିଲେ।

## ଧାନଶସ୍ୟ କାଟ୍ ପରୀକ୍ଷଣ କାର୍ଯ୍ୟକ୍ରମ



ବରଗଡ଼ ଅଫିସ୍/ବରପାଲି,୨୯।୫

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ତେନ୍ତୁଲିପାଲି ଗ୍ରାମରେ ଧାନଶସ୍ୟ କାଟ୍ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଗଲପୁର ପଞ୍ଚାୟତ ଅଧିନ ତେନ୍ତୁଲିପାଲି ଗ୍ରାମର ଚାଷୀ ହୃଷୀକେଶ ପ୍ରଧାନଙ୍କ ଚାଷଜମିରେ ୫ମିଟର ଲମ୍ବ ଏବଂ ଓସାର ପ୍ଲଟରେ ଧାନଶସ୍ୟ କାଟ୍ ପରୀକ୍ଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବରଗଡ଼ କୃଷି ବିଭାଗର ସ୍କିମ ଅଫିସର ମାମିନୀ ଭୋଇ, ପ୍ରକଳ୍ପ ଅଧିକାରୀ ସ୍ମୃତିରଞ୍ଜନ ସେଠୀ, ମହାଶକ୍ତି ଫାଉଣ୍ଡେଶନର ସମ୍ପାଦିକା ରୋଜାଲିନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ମିଲୁ ରଣା, ସୁବୋଧ କୁମାର ସାହୁ, ମନୋଜ ରଣା, ଦେବରାଜ ରଣା ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା ପ୍ରଶସ୍ତୀକରଣ ଦାବି, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୨୯।୫



ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ବରଗଡ଼ ସହରସ୍ଥିତ ଲେଙ୍ଗୁ ମିଶ୍ର ଛକରୁ ଲମ୍ବା ବିଲ୍ଡିଂ ରାସ୍ତାକୁ ପ୍ରଶସ୍ତିକରଣ କରିବାକୁ ଆମ ଆଦମୀ ପାର୍ଟି(ଏଏପି) ଦାବି କରିଛି। ଏହି ଦାବି ନେଇ ସୋମବାର ଦଳର ଏକ ପ୍ରତିନିଧି ଜିଲାପାଳଙ୍କୁ ଫେରାଦ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଲେଙ୍ଗୁ ମିଶ୍ର ଛକରୁ ଲମ୍ବା ବିଲ୍ଡିଂ ରାସ୍ତାରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ନିୟମିତ ଯାତାୟାତ କରୁଛନ୍ତି। ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ମଧ୍ୟ ଯିବା ଆସିବା କରୁଛି। କିନ୍ତୁ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଜଟିଳ ହୋଇ ପଡ଼ିଛି। ସରକାରୀ ରାସ୍ତାକୁ ଜବରଦଖଲ କରି କିଛିଲୋକେ ଘରଦ୍ୱାର ନିର୍ମାଣ କରିଥିବା ଯୋଗୁ ରାସ୍ତାଟି ଦିନକୁ ଦିନ ସଂକୁଚିତ ହୋଇ ପଡୁଛି। ଅନ୍ୟପଟେ ସେଥିପାଇଁ ଉପୁଜିଥିବା ଟ୍ରାଫିକ ସମସ୍ୟା ଯୋଗୁ ଲୋକଙ୍କୁ ହଟହଟା ହେବାକୁ ପଡୁଥିବାବେଳେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ଅମ୍ବାପାଲି ଯିବାବେଳେ ବାଟରେ ନୂତନ ଜୀରାପୋଲ ରହିଛି। ନୂତନ ଜୀରାପୋଲ ନିର୍ମାଣ ପୂର୍ବରୁ ଲେଙ୍ଗୁ ମିଶ୍ର–ଲମ୍ବା ବିଲଡ଼ିଂ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତିକରଣ କରିବାକୁ ଏଏପି ଦାବି କରିଛି। ଦଳର ଜିଲା ଆବାହକ ଭବାନୀ ସାହୁଙ୍କ ନେତୃତ୍ୱରେ ଯୁଗ୍ମ ସମ୍ପାଦକ ଅବିନାଶ ବାଗ, ଅସୀତ ସାହୁ, ସୁବଳ କହରା, ଅଲିମ ରିଜବୀ, ଶଙ୍କର ସୁନା ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ୭୬ ଅଭିଯୋଗ ଶୁଣିଲେ ଜିଲାପାଳ




ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ।

ବରପାଲି, ୨୯।୫(ଡି.ଏନ.ଏ.)

ବରଗଡ ଜିଲା ବରପାଲିରେ ସୋମବାର ଜିଲପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୭୬ଅଭିଯୋଗ ଆସିଥିଲା। ଅଭିଯୋଗର ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି କାର୍ଯ୍ୟକ୍ରମରେ ପୋଲିସ ଅଧିକ୍ଷକ, ଆଦିତ୍ୟ ଗୋୟଲ, ଉପ ଜିଲାପାଳ ଲଳିତ ଲୁହା, ତହସିଲଦାର ରୁକ୍ମଣ ମେହେର, ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ ଶତପଥୀ ଯୋଗ ଦେଇଥିଲେ ।

# ଶ୍ରଦ୍ଧାଞ୍ଜଳି ସଭାରେ ବିକ୍ରମାଦିତ୍ୟ ସିଂହ ବରିହାଙ୍କ ସ୍ମୃତିଚାରଣ



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଜନ ସାଧାରଣ ଓ ଅତିଥି।

ପାଇକମାଳ, ୨୯।୫(ଡି.ଏନ.ଏ.)

## ଗଠିତ ହେଲା ସ୍ମୃତି କମିଟି

ବରଗଡ ଜିଲା ବୋଡାସମ୍ବର ଜମିଦାର ସ୍ୱର୍ଗତ ବୀର ବିକ୍ରମାଦିତ୍ୟ ସିଂହ ବରିହାଙ୍କ ଶ୍ରଦ୍ଧାଞ୍ଜଳି ସଭା ଜମିଦାରଙ୍କ ପାଇକମାଳ ବ୍ଲକ ଭେଙ୍ଗରାଜପୁର ଖମାରସ୍ଥିତ ବାସଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବୋଡାସମ୍ବର ରାଜ ପରିବାର ସହ ସମ୍ପର୍କରେ ଥିବା ବ୍ୟକ୍ତିବିଶେଷ, ଝାରବନ୍ଧ, ନୂଆପଡା, ଘନାମାଲ, ଜାମସେଠ, ଖମାର ଗାଁର ପ୍ରତିନିଧି ମଣ୍ଡଳୀ, ଜନ ପ୍ରତିନିଧି,ଛ ତିଶଗଡ ରାଜ୍ୟର ଅନେକ ଜମିଦାର ସାମିଲ ହୋଇଥିଲେ । ଜମିଦାର ପରିବାରର ପୁରୋହିତ ରାଜଗୁରୁ ଅତ୍ରାହୀ ଭଞ୍ଜନ ପାଣିଗ୍ରାହୀ ମନ୍ତ୍ର ଉଚ୍ଚାରଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ପୀତବାସ ସାହୁଙ୍କ ସଞ୍ଚାଳନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ବୋଡାସମ୍ବର ଜମିଦାର ଓ ସ୍ୱର୍ଗତ ବୀର ବିକ୍ରମାଦିତ୍ୟ ସିଂ ବରିହାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପଦ୍ମପୁରର ବିଧାୟକ ଓ ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଭାବେ ସ୍ୱର୍ଗତ ବରିହାଙ୍କ କାର୍ଯ୍ୟ, ସର୍ବୋପରି ପଦ୍ମପୁର ଅଞ୍ଚଳର ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତାମାନେ ମତ ରଖିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଜଗଦୀଶ ସାହୁ, ମାନଭଞ୍ଜନ ବେହେରା, ଗୋବିନ୍ଦ ପଟେଲ, ବଡ ଶତପଥୀ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ରାଜ କିଶୋର ସାହୁ, ତ୍ରିଲୋଚନ ବରିହା, ଗୋପାଳ ବରିହା, ନୃପରାଜ ପାଣ୍ଡେ, ପ୍ରକାଶ ନାଗ, ଡା ମୋହନ ନାଏକ, ବଳରାମ ସାହୁ, ଝରଣା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ସ୍ମୃତି ସଭାରେ ଆଗତ କରିଥିବା ପ୍ରସ୍ତାବ ନୃସିଂହନାଥ ପୀଠରେ ପ୍ରତିମୂର୍ତ୍ତି ସ୍ଥାପନ, ସ୍ମରଣିକା ପ୍ରକାଶ, ସ୍ମୃତି କିମିଟି ଗଠନକୁ ସଭାରେ ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ସ୍ୱର୍ଗତ ଯୁବରାଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଅଁଳା ବୃକ୍ଷ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା,ରାହାସ ବିହାରୀ ସାହୁ, ଧୀରେନ ମହାନ୍ତି, ଦିଲ୍ଲୀପ ବେହେରା, ସୁରେଶ ପ୍ରଧାନ ଓ ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ ଶତପଥୀ ଜମିଦାର ପରିବାରଙ୍କୁ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୨୧ ଜଣ ବ୍ୟକ୍ତିବିଶେଷଙ୍କୁ ନେଇ ବୀର ବିକ୍ରମାଦିତ୍ୟ ସିଂହ ବରିହା ସ୍ମୃତି କମିଟି ଗଠନ କରାଯାଇଥିଲା । ଜମିଦାରଙ୍କ ବଡପୁଅ ପ୍ରତାପ କେଶରୀ ସିଂହ ବରିହା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶବଦାହ କଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୨୯।୫

ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ସୋମବାର ଜଣେ ଅଜଣା ଯୁବକଙ୍କ ଶବଦାହ କରିଛନ୍ତି। ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ସମ୍ମାନର ସହିତ ଶବ ଦାହ କରାଯାଇଥିଲା। ସଂକଳ୍ପ ପରିବାରର ଜି. ରମେଶ, ନିଲେଶ ପ୍ରଧାନ, ବିକାଶ ଅଗ୍ରୱାଲ ପ୍ରମୁଖ ଶବଦାୟବେଳେ ଉପସ୍ଥିତ ଥିଲେ । ବରଗଡ଼ ଗ୍ରାମାଞ୍ଚଳ ଥାନା ଅଧିନରେ ରହିଥିବା ବରାହଗୋଡ଼ା କେନାଲ ଛକ ନିକଟରେ ରାସ୍ତାକଡ଼ୁ ଜଣେ ଅଜଣା ଯୁବକଙ୍କ ଶବ ଉଦ୍ଧାର କରାଯାଇଥିଲା। ଦୀର୍ଘ ୭୨ଘଣ୍ଟା ଧରି ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ଶବକୁ ରଖାଯାଇଥିଲା। ଏହାସତ୍ତ୍ୱେ ଯୁବକଙ୍କ ପରିଚୟ ମିଳି ନଥିଲା। ଫଳରେ ପୋଲିସ ଶବଦାହ ପାଇଁ ସଂକଳ୍ପ ପରିବାରକୁ ଜଣାଇଥିଲା। ଏହାପରେ ସ୍ୱେଚ୍ଛାସେବୀମାନେ ଶବ ସଂରକ୍ଷଣ ଗୃହରୁ ଶବକୁ ନେଇ ଦାହ କରିଥିଲେ। ସଂକଳ୍ପ ପରିବାର ସ୍ୱେଚ୍ଛାସେବୀଙ୍କ ଏଭଳି ସାମାଜିକ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ଭିନ୍ନକ୍ଷମ ପାଇଁ ସ୍ୱତନ୍ତ୍ର ଅଭିଯାନ



ଶିବିରରେ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି ।

ବରଗଡ଼ ଅଫିସ୍,୨୯।୫

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୋମବାର ବରଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଶିବିରରେ ବରଗଡ଼ ବ୍ଲକର ଦିବ୍ୟାଙ୍ଗମାନେ ଯୋଗଦାନ କରିଥିଲେ। ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଟ୍ରାଇସାଇକେଲ, ଭଡ୍ଡା, ହ୍ୱିଲ ଚେୟାର ଆଦି ପ୍ରଦାନ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ ଶିବିରରେ ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା, ଆଇନ, ଅଧିକାର ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ପୁଷ୍ପାଞ୍ଜଳି ନାଏକ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ପ୍ରଧାନଙ୍କ ସମେତ ପାରା ଲିଗାଲ ସ୍ୱେଚ୍ଛାସେବୀ, ଓକିଲ, ଦିବ୍ୟାଙ୍ଗଙ୍କ ପାଇଁ କାମ କରୁଥିବା ବିଭିନ୍ନ ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ।

# କେଶବ ଚନ୍ଦ୍ର ମେହେର ଜୟନ୍ତୀ ସମାରୋହରେ ବକ୍ତାଙ୍କ ମତ

## ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ

ବରଗଡ଼ ଅଫିସ୍/ସୋହେଲା,୨୯।୫



ଜୟନ୍ତୀ ସମାରୋହରେ ଅତିଥିବୃନ୍ଦ ।

ଡଃ କେଶବ ଚନ୍ଦ୍ର ମେହେର ଥିଲେ ଜଣେ ଉଚ୍ଚମାନର କବି। ସେ ଗଙ୍ଗାଧର ସାହିତ୍ୟର ଦକ୍ଷ ଆଲୋଚକ, ବାନ୍ଧ ଓ ବୟନକଳାର ଗବେଷକ, ସମାଜ ସଂଗଠକ, ସୁବକ୍ତା ଏବଂ ପ୍ରାବନ୍ଧିକ ମଧ୍ୟ ଥିଲେ। ଜନ୍ମମାଟି ବରଗଡ଼ ଜିଲା ସୋହେଲା ବ୍ଲକ ଝର ଗ୍ରାମରେ ସ୍ୱର୍ଗତ ମେହେରଙ୍କ ଜୟନ୍ତୀ ପାଳନ ସମାରୋହରେ ଏହା ମତପ୍ରକାଶ ପାଇଛି । ସ୍ଥାନୀୟ ଭୁଲିଆ ସମାଜ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସଂଗଠନ ସଭାପତି ଗଜରାଜ ମେହେର ଅଧ୍ୟକ୍ଷତା କରିଥିଲେ। ନିଖିଳ ଓଡ଼ିଶା ମେହେର(ଭୁଲିଆ) ସମାଜ ସଂଯୋଜକ ଡଃ ସୁବାସ ଚନ୍ଦ୍ର ମେହେର ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଇନ୍ଦ୍ରଜିତ ମେହେର ମୁଖ୍ୟବକ୍ତା, କବିଙ୍କ କନିଷ୍ଠ ପୁତ୍ର ମୃତ୍ୟୁଞ୍ଜୟ ମେହେର, ସରପଞ୍ଚ ଅଶୋକ ବାରିକ, ସମିତିସଭ୍ୟ ନାରାୟଣ ମେହେର, ଚନ୍ଦ୍ରମଣି ମେହେର, ବିନୋଦ ବିହାରୀ ମେହେର, ମଧୁସୂଦନ ମେହେର, ଦେବରାଜ ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସର୍ବପ୍ରଥମେ ଝର ଭୁଲିଆ ସମାଜ ସଭାପତି ତୁଳସୀରାମ ମେହେର ସମସ୍ତଙ୍କୁ ସ୍ୱାଗତ ଜଣାଇ ଥିବାବେଳେ ରୋହିତ ମେହେର ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର କୁନି ବୈଜ୍ଞାନିକ ଜ୍ଞାନେଶ୍ୱର ମେହେର, ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ବିଶ୍ୱଜିତ ମେହେର, ଆୟୁଶ୍ରୀ ମେହେର, ସନ୍ଦୀପ ମେହେର, ବଲ୍ଲଭୀ ମେହେର, ନଳିନୀ ମେହେର, ଅଂଶୁମାନ ମେହେର, ଲିପ୍ସାରାଣୀ ମେହେର, ସମ୍ପିତ ମେହେର, ସ୍ୱରୂପା ମେହେର, ଧର୍ମପଦ ମେହେର, ଆନନ୍ଦ ମେହେର, ମଞ୍ଚ କଳାକାର ଗୋପାଳ ମେହେର, ରାମ ମେହେର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୱେତା ଶ୍ରାବଣୀ ମେହେର ନୃତ୍ୟ ପରିବେଷଣ କରିଥିବାବେଳେ ମକରଧ୍ୱଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁସ୍ଥ ହୋଇ ଡାକ୍ତରଖାନାରୁ ଫେରିଲେ

ବରଗଡ଼ ଅଫିସ୍,୨୯।୫



ସୁସ୍ଥ ହେବା ପରେ ବିକାଶ ମଲ୍ଟି ହସ୍ପିଟାଲରେ ଶିଶୁ ଜନ୍ମଦିନ ପାଳନ କରୁଛନ୍ତି ।

## ୪୦ଫୁଟ୍ ଉଚ୍ଚତାରୁ ଶିଶୁ ଖସି ପଡ଼ିବା ଘଟଣା

■ ବିକାଶ ମଲ୍ଟି ହସ୍ପିଟାଲକୁ ଧନ୍ୟବାଦ ଜଣାଇଲେ ଶିଶୁଙ୍କ ପରିବାର ଲୋକେ

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ସୁଲେକେଲା ଗ୍ରାମର ଏକ ୨ମହଲା ବିଶିଷ୍ଟ କୋଠାଘର ଛାତ ଅର୍ଥାତ୍ ୪୦ଫୁଟ୍ ଉଚ୍ଚତାରୁ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିବା ବିଭାର ତାଣ୍ଡି(୫ବର୍ଷ) ବିକାଶ ମଲ୍ଟି ହସ୍ପିଟାଲରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗତ ୨୬ତାରିଖ ଶିଶୁର ଜନ୍ମଦିନ ଥିବାବେଳେ ସେହିଦିନ ସେ ବିକାଶ ମଲ୍ଟି ହସ୍ପିଟାଲରେ ଡାକ୍ତର, ପରିବାର ଲୋକଙ୍କ ସହିତ ଜନ୍ମଦିନ ପାଳନ କରି ଡିସଚାର୍ଜ ହୋଇଥିଲେ। ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଶିଶୁ ଜଣକ ଗୁରୁତର ଆହତ ହେବା ପରେ ପରିବାର ଲୋକେ ପ୍ରଥମେ ତାଙ୍କୁ ବଲାଙ୍ଗୀର ଜିଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଶିଶୁର ଉଚ୍ଚତର ଚିକିତ୍ସା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଗୁରୁତର ଅବସ୍ଥାରେ ଆହତ ଶିଶୁଙ୍କୁ ବରଗଡ଼ର ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲକୁ ପରିବାର ଲୋକେ ଆଣିଥିଲେ। ତାଙ୍କୁ ଏଠାରେ ଗତ ୧୧ତାରିଖ ଭର୍ତ୍ତି କରାଯାଇଥିଲା। ଶିଶୁର ମୁଣ୍ଡର ଏକାଧିକ ସ୍ଥାନରେ ଆଘାତ ଲାଗିଥିବା ସହିତ ମୁଣ୍ଡ ଫାଟି ଯାଇଥିଲା। ଏକାଧିକ ସ୍ଥାନରେ ଆଭ୍ୟନ୍ତରୀଣ ଏବଂ ବାହ୍ୟ ରକ୍ତସ୍ରାବ ହୋଇଥିଲା। ଫଳରେ ଶିଶୁର ଇନଟ୍ରା କ୍ରାନିଆଲ ଚାପ ବୃଦ୍ଧି ପାଇଥିଲା। ଶିଶୁରୋଗ ଇନସେନଟିଭ୍ କେୟାର ୟୁନିଟ୍‌ରେ ୭ଦିନ ପାଇଁ ଶିଶୁଙ୍କୁ ରଖିବା ପାଇଁ ଶିଶୁରୋଗ ବିଶେଷଜ୍ଞ ଡା. ନୀଳମଣି ପାତ୍ରଙ୍କ ତତ୍ତ୍ୱାବଧାନରେ ରଖାଯାଇଥିଲା। ଶିଶୁକୁ ନ୍ୟୁରୋସର୍ଜନ ଡା. ସୁଜିତ କୁମାର ମେହେର ତଦାରଖ କରିଥିଲେ ଏବଂ ବିନା ଅସ୍ତ୍ରୋପଚାରରେ ଶିଶୁକୁ ସୁସ୍ଥ କରିବାକୁ ନିଷ୍ପତ୍ତି ନେଇଥିଲେ। ୨ସପ୍ତାହ ପରେ ଶିଶୁର ଯଥେଷ୍ଟ ସ୍ୱାସ୍ଥ୍ୟ ଉନ୍ନତି ଘଟିଥିଲା ଏବଂ ଅନ୍ୟର ସାହାଯ୍ୟ ନେଇ ଶିଶୁ ଠିଆ ମଧ୍ୟ ହୋଇ ପାରିଥିଲେ। ଗତ ୨୬ତାରିଖ ଶିଶୁ ବିକାଶ ମଲ୍ଟିସ୍ପେଶାଲିଟି ହସପିଟାଲରୁ ଡିସଚାର୍ଜ ହୋଇଥିଲେ। ସେହିଦିନ ସଂଯୋଗବଶତଃ ଉକ୍ତ ଶିଶୁର ଜନ୍ମଦିନ ଥିଲା ଏବଂ ଡାକ୍ତରଖାନାରେ ଜନ୍ମଦିନ ପାଳନ କରାଯାଇଥିଲା। ବିକାଶ ମଲ୍ଟି ସ୍ପେଶାଲିଟି ହସପିଟାଲର ସିଇଓ ଡା. ଚେକୁରୀ ରବି କୁମାର ଏବଂ ଅନ୍ୟ କର୍ମଚାରୀ, ପରିବାର ଲୋକଙ୍କ ଉପସ୍ଥିତିରେ ଜନ୍ମଦିନ ପାଳନ କରାଯାଇଥିଲା। ଶିଶୁର ବାପା ଭୋଲେଶ୍ୱର କହିଛନ୍ତି, ବିକାଶ ମଲ୍ଟି ହସ୍ପିଟାଲରେ ସଫଳ ଚିକିତ୍ସା ପାଇଁ ପୁଅ ସୁସ୍ଥ ଲାଭ କରିଛି ଏବଂ ଜନ୍ମଦିନରେ ପୁଅ ପୁନର୍ଜନ୍ମ ହେବାର ଅନୁଭବ ସେ କରିଥିବା କହିଛନ୍ତି ।

## ସଂକ୍ଷେପରେ

### ଅମଲା ସଂଘର ଜୁନ ୧ରୁ ସମୂହ ଛୁଟି ନିଷ୍ପତ୍ତି

**କୁଚିଣ୍ଡା,୨୯।୫(ଡି.ଏନ.ଏ.):** କନିଷ୍ଠ ସହାୟକଙ୍କ ଦରମା ଲେଭଲ ୪ରୁ ୯କୁ ବୃଦ୍ଧି ଦାବିରେ ରାଜ୍ୟ ଅମଲା ସଂଘ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ ପରିଧାନ କରି ଆନ୍ଦୋଳନ କରୁଛନ୍ତି। ସରକାର ଦାବି ପୂରଣରେ ଅବହେଳା କଲେ ଜୁନ ୧ରୁ ସମୂହ ଛୁଟିରେ ଯିବେ ବୋଲି କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ସହାୟକଙ୍କ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ସାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟର ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ବରିଷ୍ଠ ରାଜସ୍ୱ ସହାୟକ ସ୍ୱାଧୀନ କୁମାର ପଟେଲ, ମାର୍କଣ୍ଡ ନାଗ ଓ କନିଷ୍ଠ ରାଜସ୍ୱ ସହାୟିକା ମିତାଲି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

**କୁଚିଣ୍ଡା,୨୯।୫(ଡି.ଏନ.ଏ.):** ବାମରା ବ୍ଲକ ସଗରା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଡ଼ପୋଷ, ପିଣ୍ଡାପଥର, ସଗରା, ରବଗା ଓ କିନାବଗା ପଞ୍ଚାୟତର ମୋଟ ୩ ଗୋଟି ଅଭିଯୋଗ ଆସିଥିଲା। ସଗରା ସରପଞ୍ଚ ଗୋଲାପୀ ବାଘଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ବାମରା ତହସିଲଦାର ଦିଲୀପ କୁମାର ପ୍ରଧାନ, ବିଡ଼ିଓ ପୁଷ୍ପକ ପ୍ରଧାନ, ଅତିରିକ୍ତ ବିଡ଼ିଓ ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ସମିତି ସଭ୍ୟ ହାବିଲ ଏକ୍କା, ଫରେଷ୍ଟ ଗାର୍ଡ ଜୀବନ ବୁଦୁଲା, ସ୍ୱଚ୍ଛ ଭାରତ ମିଶନ ବ୍ଲକ ସଂଯୋଜକ ସଞ୍ଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିର ପରିଚାଳନାରେ ପିଇଓ ଗୋପାଳ ଚନ୍ଦ୍ର ପ୍ରଧାନ, ଜିଆର୍‌ଏସ୍ ତନବୀର ସିଂ, ଏମ୍‌ବିକେ ନମିତା କୁମୁରା ସହଯୋଗ କରିଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ



**ରେଢ଼ାଖୋଲ,୨୯।୫(ଡି.ଏନ.ଏ.):** ରେଢ଼ାଖୋଲ ଅବକାରୀ ବିଭାଗ ସୋମବାର ସକାଳେ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରି ୮କେଜି ଗଞ୍ଜେଇ ଜବତ ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ବିହାର ରାଜ୍ୟର ରୋହତସ ଜିଲା ଚେନାରୀ ଥାନା ଅଦଫିନ ମହ୍ଲାରକଲାଣ ଗ୍ରାମର ଶିବ ବଂଶ ପାଣ୍ଡେ (୬୩)। ଅବକାରୀ ନିରୀକ୍ଷକ ଯାଦବ ପ୍ରଧାନଙ୍କ ସୂଚନା କ୍ରମେ ଅଭିଯୁକ୍ତ ଶିବ ବଂଶ ଫୁଲବାଣି ଅଞ୍ଚଳରୁ ସମ୍ବଲପୁରକୁ ଆସୁଥିବା ଏକ ସରକାରୀ ବସ୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ମିଳିଥିଲା। ତଦନୁଯାୟୀ ରେଢ଼ାଖୋଲ ବସ୍‌ଷ୍ଟାଣ୍ଡରେ କର୍ମଚାରୀମାନେ ଛକି ରହିଥିଲେ। ସେ ବସ୍‌ରୁ ଓହ୍ଲାଇବା ବେଳେ ସେମାନେ ତାଙ୍କୁ କାବୁ କରି ଏକ ବସ୍ତାରେ ଥିବା ଗଞ୍ଜେଇ ଜବତ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଆ ହୋଇ ଓଡ଼ିଶା ଅବହେଳିତ: ବିଜେଡି

**ଭିସୁଟ୍ ପାଇଁ ରାଜ୍ୟର ଆନ୍ତରିକତା, କେନ୍ଦ୍ରର ଅବହେଳା**

ସମ୍ବଲପୁର,୨୯।୫(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ, ପୂର୍ବତନ ବିଧାୟିକା, ଜିଲା ସଭାପତି।

ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ଚିନ୍ତିତ। ତେଣୁ ଭିସୁଟ୍‌କୁ ୨ ହଜାର କୋଟି ଟଙ୍କା ଅନୁଦାନ ଦେବାକୁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏବେ ଭିସୁଟ୍ ଶିକ୍ଷା, ଗବେଷଣା କ୍ଷେତ୍ରରେ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଖ୍ୟାତି ଅର୍ଜନ କରିବ। ହେଲେ କେନ୍ଦ୍ର ସରକାର ଭିସୁଟ୍ ପ୍ରତି ଅବହେଳା କରୁଛନ୍ତି। ବହୁ ଦିନରୁ କେନ୍ଦ୍ରକୁ ଅନୁଦାନ ପାଇଁ ଅନୁରୋଧ କରାଯାଇଥିଲା। ଭିସୁଟ୍‌କୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି କିମ୍ବା ସେଣ୍ଟ୍ରାଲ ଫଣ୍ଡ ଟେକ୍‌ନିକାଲ ଇନ୍‌ଷ୍ଟିଚ୍ୟୁଟରେ ସାମିଲ ପାଇଁ ବାରମ୍ବାର ଅନୁରୋଧ କରାଯାଇଥିଲା। ହେଲେ ଅନୁମୋଦନ କରାଗଲା ନାହିଁ। କିନ୍ତୁ ପଶ୍ଚିମବଙ୍ଗ ସିକୁର ବିଶ୍ୱବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଗଲା। ଜଣେ ଓଡ଼ିଆ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇ ମଧ୍ୟ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ଅବହେଳିତ ବୋଲି ସୋମବାର ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତାମାନେ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ। ଏଥିରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଭିସୁଟ୍ ପାଇଁ ମୁଖ୍ୟମନ୍ତ୍ରୀ ୨ ହଜାର କୋଟି ଘୋଷଣା କରିଥିଲେ। ଆଜି ତାହାକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ସମ୍ବଲପୁର ଜିଲା ପାଇଁ ଏହା ଏକ ଭେଟି ବୋଲି କହିଥିଲେ। ଜିଲାରେ ଭିମ୍‌ସାର, ଭିସୁଟ୍, ଆଇଆଇଏମ୍, ଜିଏମ୍‌ୟୁ, ଓଏସ୍‌ଓୟୁ ଭଳି ବିଶ୍ୱବିଦ୍ୟାଳୟ ରହି ଶିକ୍ଷାର ହବ୍ ଭାବେ ପରିଚିତ। ଏହି ଅନୁଦାନରେ ଭିସୁଟ୍‌ରେ ଭିତ୍ତିଭୂମି ବିକାଶ କରାଯିବ। ଅଧ୍ୟାପକ, ଶ୍ରେଣୀଗୃହ, ଗବେଷଣା କେନ୍ଦ୍ର, ପ୍ରଶାସନିକ କୋଠା ଭଳି ଅନେକ କାମ କରାଯିବ। ଭିତ୍ତିଭୂମିର ବିକାଶ ହେଲେ ସିଟ୍ ସଂଖ୍ୟା ୫ ହଜାରରୁ ୧୦ ହଜାର ହୋଇଯିବ। ଆଜି ଦିନରେ ସବୁ କ୍ଷେତ୍ରରେ ଆଧୁନିକୀକରଣ କରାଯାଉଛି। ଶିକ୍ଷାଦାନ ଓ ଗବେଷଣା ପାଇଁ ବିଭିନ୍ନ ପାଠ୍ୟକ୍ରମକୁ ଏକାଠି କରାଯାଉଛି। ଭିସୁଟ୍‌ରୁ ଶିକ୍ଷା ଗ୍ରହଣ ପରେ ସ୍ଥାନୀୟ ଅଞ୍ଚଳରେ ଥିବା ଶିଳ୍ପାନୁଷ୍ଠାନରେ ନିଯୁକ୍ତି ମିଳିବା ସୁଯୋଗ ରହିଛି। କେବଳ ଦେଶ ନୁହେଁ ଦେଶ ବାହାରେ ଭିସୁଟ୍ ଶିକ୍ଷା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବ ବୋଲି ନେତୃବୃନ୍ଦ କହିଥିଲେ।

# ମହିଳା ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଆର୍‌ପିଏଫ୍ କର୍ମଚାରୀ

ସମ୍ବଲପୁର,୨୯।୫(ବ୍ୟୁରୋ)



ମହିଳା ଯାତ୍ରୀଙ୍କୁ ବଞ୍ଚାଇଥିବା ୨ ଆର୍‌ପିଏଫ୍ କର୍ମଚାରୀ।

ଝାରସୁଗୁଡ଼ା ରେଳ ଷ୍ଟେଶନରେ ଜଣେ ମହିଳା ଯାତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି ଆର୍‌ପିଏଫ୍ କର୍ମଚାରୀ। ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ଷ୍ଟେଶନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଘଟଣାକୁ ସ୍ଥାନୀୟ ଆର୍‌ପିଏଫ୍ ଅଧିକାରୀ ରାକେଶ ମୋହନ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ସୋମବାର ଅପରାହ୍ନ ପ୍ରାୟ ୧ଟା ୧୫ ମିନିଟରେ ସାଉଥ ବିହାର ଏକ୍ସପ୍ରେସ ଟ୍ରେନ୍ (ନଂ.୧୩୨୮୮) ଝାରସୁଗୁଡା ଷ୍ଟେଶନରେ ରହଣି କରିଥିଲା। କିଛି ସମୟ ରହଣି ପରେ ଟ୍ରେନ୍ ପୁଣି ଚାଲିବାକୁ ଆରମ୍ଭ କରିଥିଲା। ଟ୍ରେନ୍ ଚାଲିବା ମାତ୍ରେ ଗେଟ୍‌ରୁ ଜଣେ ମହିଳା ଯାତ୍ରୀ ପଡିଯାଇ ଦୁଇବଗିର ଫାଙ୍କା ଥିବା ସ୍ଥାନରେ ଅଟକି ରହିଥିଲେ। ଏହି ସମୟରେ ଯାଞ୍ଚ କରୁଥିବା ଆର୍‌ପିଏଫ୍ କର୍ମଚାରୀ ବୁଧନାଥ ରାୟ, କନଷ୍ଟେବଲ ଦିଲୀପ କୁମାର ମହିଳାଙ୍କ ଚୁଟିକୁ ଧରି ଟାଣିଥିଲେ। ଟ୍ରେନ୍ ଚାଲୁଥିବା ସମୟରେ ଦୁଇଜଣ ମିଶି ମହିଳାଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟ ଠିକ୍ ସମୟରେ ହୋଇ ନ ଥିଲେ ମହିଳାଙ୍କ ଜୀବନ ଚାଲି ଯାଇଥାନ୍ତା ବୋଲି ସେ କହିଥିଲେ।

# ୧୧ ଗୋଷ୍ଠୀଗତ, ୮୯ ବ୍ୟକ୍ତିଗତ ଅଭିଯୋଗ ପଞ୍ଜୀକୃତ



ଶିବିରରେ ଉପସ୍ଥିତ ଜିଲାପାଳ, ଏସ୍‌ପିଙ୍କ ସମେତ ଅଧିକାରୀ ଓ ଲୋକପ୍ରତିନିଧି।

**ନାକଟିଦେଉଳରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି**

ନାକଟିଦେଉଳ,୨୯।୫(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ୧୪ଟି ଯାକ ଗ୍ରା.ପ.ର ଜନସାଧାରଣ ଯୋଗ ଦେଇ ଅଭିଯୋଗ ଦାଖଲ କରିଥିଲେ। ମୋଟ ୧୦୦ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୧୧ଟି ଗୋଷ୍ଠୀଗତ ଓ ୮୯ ବ୍ୟକ୍ତିଗତ ରହିଥିଲା। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଓ ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଯୋଗଦେଇ ଅଭିଯୋଗର ଶୁଣାଣି କରିବା ସହିତ ଏହାର ଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବ୍ଲକର ଝାରବେଡ଼ାଠାରୁ ଦେବଗଡ଼ ସୀମା ଭାୟା କୁଟାସିଂଗା ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗତ ୨୦୨୧ରେ କରାଯାଇଥିବା ପିଚୁ କାମ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ କରାଯାଉଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସମ୍ପର୍କରେ କୁଟାସିଂଗା ଓ ପାଣ୍ଡୁନାଳୀ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ସେହିପରି ଜାମୁଯୋରୀ ନୋଡ଼ାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହର ଛପର ଭାଙ୍ଗି ନଷ୍ଟ ହୋଇ ବର୍ଷାଦିନେ ପାଣି ଗଳୁଥିବାରୁ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ସମସ୍ୟା ଦେଖାଦେଉଛି। ପୁରୁଣା ଟାଇଲ ବଦଳାଇ ଆଜବେଷ୍ଟସ୍ ଛପର କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜିଲାପାଳଙ୍କଠାରେ ଦାବି କରାଯାଇଥିଲା। ବଳମ ଗ୍ରା.ପ.ର ପୂର୍ବତନ ସମିତିସଭ୍ୟ ନେତ୍ରାନନ୍ଦ ରାଉଳ ବିଭାଗୀୟ ଅବହେଳା ଯୋଗୁ ଆଜି ପର୍ଯ୍ୟନ୍ତ ୫୦ହଜାର ଟଙ୍କା ସମିତି ସଭ୍ୟ ଭତ୍ତା ପାଇ ନ ଥିବା ଅଭିଯୋଗ କରିଥିଲେ। ପ୍ରାରମ୍ଭରେ ଜିଲାପାଳ ଦାସ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ପ୍ରଦର୍ଶିତ ଷ୍ଟଲ ପରିଦର୍ଶନ କରି ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରେଢାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରା, ଟ୍ରେନି ଆଇଏଏସ୍ (ଉପଜିଲାପାଳ) ରେହାନ ଖତ୍ରି, ସହକାରୀ ବନ ସଂରକ୍ଷକ ଦେବୀପ୍ରସାଦ ରାଉତ, ସିଡ଼ିଏମ୍‌ଓ ଡ଼ା. ପୂର୍ଣ୍ଣଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ବିଡିଓ ବିବେକାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ଜିଲା ଏବଂ ଉପଖଣ୍ଡ ସ୍ତରର ସମସ୍ତ ଲାଇନ ବିଭାଗର ଅଧିକାରୀ ଓ ବିଭିନ୍ନ ଗ୍ରା.ପ.ର ସରପଞ୍ଚ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କୁ ଉଚ୍ଛେଦ କଲା ରେଳ ବିଭାଗ

ବ୍ରଜରାଜନଗର,୨୯।୫ (ଡି.ଏନ.ଏ.)

ବ୍ରଜରାଜନଗର ଥାନା ଅଧୀନରେ ଥିବା ମାମା ଛକଠାରୁ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଦୋକାନୀମାନଙ୍କୁ ରେଳ ବିଭାଗ ଉଚ୍ଛେଦ ଆରମ୍ଭ କରିଛି। ସୋମବାର ରେଳ ବିଭାଗ ଓ ଜିଲାପ୍ରଶାସନ ମିଳିତ ଉଦ୍ୟମରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦୋକାନୀମାନେ ବିରୋଧ କରିବାରୁ କର୍ମଚାରୀମାନେ ମାତ୍ର ୨ଗୋଟି ଦୋକାନ ଭାଙ୍ଗିବାକୁ ସମର୍ଥ ହୋଇଥିଲେ। ଆସନ୍ତା ୩୧ତାରିଖରେ ଏକ ସର୍ବଦଳୀୟ ବୈଠକ କରି ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ବ୍ୟବସାୟୀଙ୍କ ତରଫରୁ କୁହାଯାଇଥିଲା। ଜିଲା ପ୍ରଶାସନ ପ୍ରଥମେ ଥଇଥାନ କରୁ ଓ ପରେ ସେମାନେ ସ୍ୱତଃପ୍ରବୃତ୍ତ ଭାବେ ନିଜ ଦୋକାନ ଭାଙ୍ଗିଦେବେ ବୋଲି କହିଥିଲେ। ସ୍ଥାନୀୟ ଏମ୍‌ପି ସୁରେଶ ପୂଜାରୀ କହିଥିଲେ, ୭୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଦୋକାନୀମାନେ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଆଜି ଯଦି ବିନା ଥଇଥାନରେ ସେମାନଙ୍କୁ ଉଚ୍ଛେଦ କରାଯାଏ ତେବେ ସେମାନେ କୁଆଡେ ଯିବେ ଓ କିପରି ଚଳିବେ। ଉଚ୍ଛେଦ ସମୟରେ ରେଳ ବିଭାଗ ତରଫରୁ ଆର୍‌ପିଏଫ୍ ପି ତିୱାରୀ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ବସନ୍ତ ହାତୀ, ଏଡିଏମ୍ ଶଶାଙ୍କ ଶେଖର, ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଆଇଆଇସି ଧବଳେଶ୍ୱର ସାହୁଙ୍କ ସହିତ ପୋଲିସ ଫୋର୍ସ ମୁତୟନ ଥିଲେ।



ଦୋକାନ ଉଚ୍ଛେଦ କରାଯାଉଛି।

## ବ୍ୟାରେଜ ନିର୍ମାଣ କାମକୁ ନେଇ ଅସନ୍ତୋଷ



ବୁଢ଼ାରଜାଠାରେ ବସାଯାଇଥିବା ଅସ୍ଥାୟୀ କ୍ରଶର।

କୁଚିଣ୍ଡା,୨୯।୫(ଡି.ଏନ୍.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଳେଇଗଡ଼ ପଞ୍ଚାୟତର ବୁଢ଼ାରଜାଠାରେ ଖର୍ଲା ନଦୀ ଉପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବ୍ୟାରେଜ ନିର୍ମାଣ କାମ ଚାଲିଛି। ତେବେ ଠିକା ସଂସ୍ଥା ବେଆଇନ ଭାବେ କାମ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଅଣଜଳସେଚିତ କୁଲେଇଗଡ ଗ୍ରାମପଞ୍ଚାୟତ ଅଞ୍ଚଳର ଚାଷଜମିକୁ ଜଳସେଚନ ପାଇଁ ସରକାର ବୁଢ଼ାରଜାଠାରେ ଖର୍ଲା ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ ପାଇଁ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଏଥିପାଇଁ ଟେଣ୍ଡର ଆହ୍ୱାନ କରିଥିଲା। ପ୍ରାୟ ୩୫ କୋଟି ଟଙ୍କା ବ୍ୟୟ ଅଟକଳର ଏହି କାମକୁ ସମ୍ପାଦନ କରିବା ପାଇଁ ଛତିଶଗଡ଼ ରାଜ୍ୟର ଆର୍‌ଏସ୍‌ଏ ଇନ୍‌ଫ୍ରା ପ୍ରୋଜେକ୍ଟ କମ୍ପାନୀ ଟେଣ୍ଡର ପାଇଛି। ତେବେ ଏହି ଠିକା ସଂସ୍ଥା ବ୍ୟାପକ ଭାବେ ବେଆଇନ କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଥମେ ନଦୀ ଭିତରେ ବ୍ଲାଷ୍ଟିଂକରି ପଥର ଫଟାଇବା ପରେ ସେହି ପଥରକୁ ସରକାରଙ୍କଠାରେ ଜମା ନ କରି ଏହାକୁ ନିର୍ମାଣ କାମରେ ବ୍ୟବହାର କରୁଛି। ସେହିପରି ବିନା ଅନୁମତିରେ ନଦୀର ବାଲିକୁ ଠିକା କାମରେ ବ୍ୟବହାର କରୁଛି ଓ ଏଥିପାଇଁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ବାଲି ଜମା କରି ରଖିଛି। ଗରିବ ଲୋକଟିଏ ଘର ନିର୍ମାଣ ଅଥବା ଅନ୍ୟ କୌଣସି କାମ ପାଇଁ ବାଲି ଟ୍ରାକ୍ଟରଟିଏ ନେଲେ ତାକୁ ଧରି ସର୍ବନିମ୍ନ ୨୦ ହଜାର ଟଙ୍କା ଜରିମାନା କରାଯାଉଥିବା ବେଳେ ଠିକା ସଂସ୍ଥାକୁ କିପରି ହଜାର ହଜାର ଗାଡ଼ି ବାଲି ବ୍ୟବହାର କରିବାକୁ ପ୍ରଶାସନ ଅନୁମତି ଦେଇଛି ସେ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ବ୍ଲାଷ୍ଟିଂକରି ସେଠାରେ ପଥର ଫଟାଇ କମ୍ପାନୀ ପରିବେଶ ପ୍ରଦୂଷଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଏବେ ଠିକାସଂସ୍ଥା ଏକ ଭ୍ରାମ୍ୟମାଣ କ୍ରଶର ମେଶିନ ବସାଇ ବ୍ଲାଷ୍ଟିଂ ପଥର ଫଟାଇ ଗେଟି ତିଆରି କରୁଛି। ଫଳରେ ପଥରଗୁଣ୍ଡ ଉଡ଼ି ଚାଷଜମି ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକା ସଂସ୍ଥାର ଏଭଳି ବେଆଇନ କାମ ନେଇ ସ୍ଥାନୀୟ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଅଭିଯୋଗ ଉପରେ ମତାମତ ପାଇଁ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେଙ୍କୁ ପଚାରିବାରେ ସବୁକିଛି ନିୟମ ଅନୁସାରେ ଚାଲିଥିବା କହିଛନ୍ତି।

# ଦୁର୍ଘଟଣାକୁ ନେଇ ହୀନ ରାଜନୀତି କରୁଛି ଭାଜପା

ସମ୍ବଲପୁର,୨୯।୫ (ବ୍ୟୁରୋ)

ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳରେ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶିଙ୍କ କାର୍ ଧକ୍କାରେ ସ୍କୁଟି ଆରୋହୀ ଟଙ୍କଧର ବିଶ୍ୱାଳଙ୍କ ମୃତ୍ୟୁ ହୋଇଥିଲା। ଏହା ଏକ ଦୁର୍ଘଟଣା। ହେଲେ ଭାଜପା ଏହାକୁ ନେଇ ହୀନ ରାଜନୀତି କରୁଛି ବୋଲି ସମ୍ବଲପୁର ସାମ୍ବାଦିକ ଭବନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଦଳିତ ପରିଷଦର ଅଧ୍ୟକ୍ଷ ନିହାଲ ସିଂ କହିଛନ୍ତି। ସେ ଆହୁରି କହିଥିଲେ, ପଶ୍ଚିମ ଓଡିଶାରେ ଭାଜପାକୁ ଆଦିବାସୀମାନେ ଭରସା କରି ମତଦାନ କରିଥିଲେ। ଭାଜପାର ଏମ୍‌ପିମାନେ ମଧ୍ୟ ଅଛନ୍ତି। ସେମାନଙ୍କୁ ଦୁଃଖ ସମୟରେ ଦେଖା ମିଳୁନାହିଁ। ହେଲେ ରାଜନୈତିକ ଉଦ୍ଦେଶ୍ୟ ରଖି ରାଜ୍ୟ ସଭା ଏମ୍‌ପି ବିଶିଙ୍କୁ ଆକ୍ଷେପ କରୁଛନ୍ତି। ମୃତ ଟଙ୍କଧର ହେଉଛନ୍ତି ଏମପି ବିଶିଙ୍କ ସମ୍ପର୍କୀୟ ଲୋକ। ଘଟଣାକୁ ନେଇ ସେ ଦୁଃଖ ପ୍ରକାଶ କରିବା ସହ ମୃତଦେହ ସତ୍କାର ସମୟରେ ଉପସ୍ଥିତ ରହିଥିଲେ। ପରମ୍ପରା ଅନୁସାରେ ତିନିଦିନିଆ ଶୁଦ୍ଧିକ୍ରିୟା କାର୍ଯ୍ୟରେ ମଧ ଯୋଗଦେଇ ଥିଲେ ବୋଲି କହିଥିଲେ। ପରିଷଦ ମହାସଚିବ ଶିବଶଙ୍କର ପଧାନ, ସମ୍ବଲପୁର ଜିଲା ଆବାହକ ଆଶିଷ ମହାନନ୍ଦ ଉପସ୍ଥିତ ଥିଲେ।

## ବିଏସ୍‌ପିର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ

**ସମ୍ବଲପୁର,୨୯।୫ (ବ୍ୟୁରୋ):** ସମ୍ବଲପୁର ଜିଲା ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ସୋମବାର ସମ୍ବଲପୁର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଏସ୍‌ପି ଜିଲା ସଭାପତି ଆଇନଜୀବୀ ଦିଲୀପ ସିଂ ଅଧ୍ୟକ୍ଷତା କରିଥିଲେ। ପାର୍ଟିର ରାଜ୍ୟ ପ୍ରଭାରୀ ଆଡ୍‌ଭୋକେଟ ସୁବ୍ରତ ସାମଲ, ଓଡ଼ିଶା ରାଜ୍ୟ ସଭାପତି ଟଙ୍କଧର ବାଗ୍, ସମ୍ବଲପୁର ସେକ୍ଟର ପ୍ରଭାରୀ ନାରାୟଣ ଭେସ୍ରା, ରାଜୁ ନନ୍ଦ, ଗାନ୍ଧୀ ମହାନନ୍ଦ, ସୀତାରାମ ରୋହିଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପାର୍ଟିରେ ସମ୍ବଲପୁର ବିଧାନସଭା ସଭାପତି ଭାବରେ ଲକ୍ଷ୍ମଣ କୁମାର ବାଗ, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ରଞ୍ଜିତ, ମାନେଶ୍ୱର ବ୍ଲକ ସଭାପତି ଭାବରେ ପର୍ଶୁରାମ ଭରତ ସାଗର, ସମ୍ପାଦକ ଗଙ୍ଗାଧର ଦୁସରଙ୍କୁ ନୂତନ କରି ଦାୟିତ୍ୱ ଦିଆଯାଇଥିଲା। ଜିଲାର ୯ ବ୍ଲକ୍‌ରେ ସଂଗଠନକୁ ମଜବୁତ କରିବାକୁ ଆଲୋଚନା ହୋଇଥିଲା।

# କୁଚିଣ୍ଡାରେ କେନ୍ଦୁପତ୍ର କର୍ମଚାରୀ ସଂଘ ସମାବେଶ

ସମ୍ବଲପୁର/କୁଚିଣ୍ଡା,୨୯।୫ (ବ୍ୟୁରୋ/ଡି.ଏନ.ଏ.)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ସମ୍ବଲପୁର ଜିଲା କୁଚିଣ୍ଡାରେ ସୋମବାର ଜୋନସ୍ତରୀୟ କେନ୍ଦୁପତ୍ର କର୍ମଚାରୀ ସଂଘର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ସଭାପତି ବିଜୟ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସଂଘ ସମ୍ପାଦକ ତଥା କେନ୍ଦୁପତ୍ର ୱେଲଫେୟାର୍ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଯୋଗ ଦେଇଥିଲେ। ସ୍ଥାନୀୟ ଶ୍ରମିକ ଭବନଠାରୁ ହଜାର ସଂଖ୍ୟାରେ କେନ୍ଦୁପତ୍ର ତୋଳାଳୀ, କର୍ମଚାରୀ କେନ୍ଦୁପତ୍ର ଡିଏଫ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ଏକ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭା ହୋଇଥିଲା। ବୋନସ, ମାସିକ ମଜୁରି ବୃଦ୍ଧି ଓ କନ୍ୟା ବିବାହ ସହାୟତା, ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ବିଭୁତି ଭୂଷଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି, ସାମାଜିକ ନିରାପତ୍ତା ମୂଳକ ବିଭିନ୍ନ ସହାୟତା ୨୦୨୨ ମସିହା ପର୍ଯ୍ୟନ୍ତ ପାଇଆସୁଥିଲେ। ହେଲେ ୨୦୨୨ ମସିହା କେନ୍ଦୁପତ୍ର ସଂସ୍ଥାର ଲାଭାଂଶ ବଣ୍ଟନ ବେଳେ ବ୍ୟତିକ୍ରମ କରାଯାଇ ବୋନସ ଦିଆ ଯାଇନାହିଁ। ଏଥିରେ ସେମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଛାତ୍ର ବୃତ୍ତି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଚୂଡାନ୍ତ ହୋଇ ପାରିନାହିଁ। ଏହାକୁ ଅତିଶୀଘ୍ର ଚୂଡାନ୍ତ କରିବା ପାଇଁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତୁର୍ଜା, ରାଜ୍ୟ ସମ୍ପାଦିକା ପଦ୍ମାବତି କିଷାନ, ଶ୍ରୀକର କଣ୍ଟା, ପୁଷ୍ପକେତୁ ଦେଓ, ଜଗନ୍ନାଥ ନାୟକ, ଦଇତାରି ନାଏକ, ଭିକାରି ନାୟକ, ମିଳନ ପଲେଇ, ମହେନ୍ଦ୍ର ବେହେରା, ଭୁବନେଶ୍ୱର ଦ୍ୱିବେଦି, ଲକ୍ଷ୍ମୀ ବିନ୍ଧାଣି, ସବିତା କିଷାନ, ବଲ୍ଲଭି ପଟେଲ, ପୁଷ୍ପିତା ଭଇଁଷା ପ୍ରମୁଖ ଉପସ୍ଥିତ ରହିଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଦେବଝରନ ଡ୍ୟାମ୍‌ରେ ମାଛଚାଷ ବନ୍ଦ ଦାବି

**ବିଡିଓଙ୍କୁ ଫେରାଦ ହେଲେ ଅଞ୍ଚଳବାସୀ**

ସମ୍ବଲପୁର,୨୯।୫(ବ୍ୟୁରୋ)



ଦାବିପତ୍ର ଦେବାକୁ ଆସିଥିବା ଦେବଝରନ ଅଞ୍ଚଳବାସୀ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଦେବଝରନଠାରେ ଜଳପ୍ରପାତ ସାଙ୍ଗକୁ ଏକ ଡ୍ୟାମ୍ ରହିଛି। ସରକାର ଏହାକୁ ଇକୋ ଟୁରିଜମ୍ ଭାବେ ଘୋଷଣାକରି ବିକଶିତ କରୁଛନ୍ତି। ହେଲେ ଡ୍ୟାମ୍‌ରେ ମାଛଚାଷ ପାଇଁ ପଞ୍ଚାୟତ ପକ୍ଷରୁ ଅନୁମତି ଦିଆଯାଉଛି। ଏହାକୁ ବିରୋଧକରି ଅଞ୍ଚଳବାସୀ ସୋମବାର ବିଡିଓଙ୍କ ପାଖରେ ଫେରାଦ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଦେବଝରନ ଡ୍ୟାମ୍‌କୁ ଠିକା ଦେବା ଫଳରେ ପାଣିରେ ରାସାୟନିକ ସାର, ଔଷଧ, କୀଟନାଶକ, ଗୋବର, ଚୂନ ଆଦି ପକାଯାଉଛି। ଫଳରେ ଡ୍ୟାମ୍ ପାଣି ଦୂଷିତ ହେଉଛି। ଦେବଝରନ ସମେତ ଆଖପାଖ ଗ୍ରାମର ଲୋକେ ଏହି ଡ୍ୟାମ୍ ପାଣି ଉପରେ ନିର୍ଭର କରନ୍ତି। ବର୍ତ୍ତମାନ ଏଠି ଗାଧୋଇବା ଫଳରେ ବିଭିନ୍ନ ଚର୍ମରୋଗର ଶିକାର ହେଉଛନ୍ତି। ଛୋଟ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ରହିଛି। ପର୍ଯ୍ୟଟନସ୍ଥଳ ହୋଇଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଏଠାକୁ ବଣଭୋଜି ଓ ବୁଲିବାକୁ ଆସୁଛନ୍ତି। ଡ୍ୟାମ୍‌କୁ ଠିକ୍ ଭାବେ ସଫେଇ କରାଯାଉ ନ ଥିବାରୁ ସେମାନଙ୍କୁ ଗାଧୋଇବା ଓ ରୋଷେଇ ପାଣି ବ୍ୟବହାର କରିବାରେ ସମସ୍ୟା ହେବ। ଏହାସହ ନିକଟସ୍ଥ ଜଙ୍ଗଲର ବନ୍ୟପ୍ରାଣୀ ପିଇବା ପାଣି ପାଇଁ ଏହି ଡ୍ୟାମ୍ ଉପରେ ନିର୍ଭର କରନ୍ତି। ସେମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି। ସବୁ ଦୃଷ୍ଟିକୋଣରୁ ଏହି ଡ୍ୟାମ୍‌ରେ ମାଛଚାଷ ପାଇଁ ଅନୁମତି ନ ଦେଇ ପର୍ଯ୍ୟଟକମାନଙ୍କ ପାଇଁ ବୋଟିଂ ଓ ଅନ୍ୟାନ୍ୟ ଜଳକ୍ରୀଡ଼ା କରିବାର ବ୍ୟବସ୍ଥା କରାଯାଉ ବୋଲି ଦାବି କରିଛନ୍ତି। ପ୍ରଦତ୍ତ ଦାବିପତ୍ରରେ ଚିନ୍ତାମଣି ବୁଡେକ, ଅଲେଖର ଲୁଗୁନ, ରମଣି ଧାନ, ଅନୀଲ ବୋଦ୍ରା, ପୁଷ୍ପା ବୋଦ୍ରା, ଝରଣା ବାନଜୋ, ସରୋଜିନୀ ଭୋଇ, କଲ୍ୟାଣୀ ଭୋଇ, କୁନ୍ତି ଭୁଏ, କୁମୁଦିନୀ ସୁମ୍ବୃର୍ଥ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

## ସଂକ୍ଷେପରେ

### ଜିଲାସ୍ତରୀୟ ସମ୍ପାଦକ, ପ୍ରଧାନଚାର୍ଯ୍ୟଙ୍କ ବୈଠକ

**ଭବାନୀପାଟଣା,୨୯।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବ୍ରଜବିହାର ଶିଶୁ ବିଦ୍ୟା ମନ୍ଦିରଠାରେ ୨ ଦିନ ଧରି ଚାଲିଥିବା ସମ୍ପାଦକ ଓ ପ୍ରଧାନଚାର୍ଯ୍ୟଙ୍କ ଜିଲାସ୍ତରୀୟ ବୈଠକ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଦକ୍ଷିଣ ସମ୍ଭାଗ ପକ୍ଷରୁ ଆୟୋଜିତ ବୈଠକରେ କଳାହାଣ୍ଡି ଜିଲା ସମେତ ରାୟଗଡା ଜିଲାର ସମସ୍ତ ଶିଶୁ ବିଦ୍ୟମନ୍ଦିରର ସମ୍ପାଦକ, ପ୍ରଧାନଚାର୍ଯ୍ୟମାନେ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ସୁନନ୍ଦା ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଯୋଗଦେଇଥିଲେ। କଳାହାଣ୍ଡି ଓ ରାୟଗଡ଼ା ଜିଲାର ସମସ୍ତ ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ପାସ୍ ହାରକୁ ନେଇ ମୁଖ୍ୟଅତିଥି ପ୍ରଶଂସା କରିଥିଲେ। ସେହିପରି ମୁଖ୍ୟବକ୍ତା ତାଙ୍କ ବକ୍ତବ୍ୟରେ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା ପଦ୍ଧତି ଓ ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ। ସଭାପତି ଦୀନବନ୍ଧୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

### ୧ରୁ ସାମୂହିକ ଛୁଟିରେ ରହିବାକୁ ଅମଲାସଂଘର ଚେତାବନୀ

**ଦେଓଗାଁ,୨୯।୫ (ଡି.ଏନ.ଏ.):** ରାଜ୍ୟ ଅମଲା ସଂଘ ନିଷ୍ପତ୍ତି କ୍ରମେ କର୍ମଚାରୀଙ୍କ ଗ୍ରେଡ ପେ ବୃଦ୍ଧି ଦାବିନେଇ ଗତ ୨୨ତାରିଖଠାରୁ ସମସ୍ତ ଅମଲା କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟାଳୟରେ କାମକରୁଛନ୍ତି । ଏହି କ୍ରମରେ ଦେଓଗାଁ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମଧ ଏହି ଆନ୍ଦୋଳନରେ ସାମିଲ ରହି ଦୃଢ଼ ସମର୍ଥନ ଜଣାଇଛନ୍ତି । ସରକାର ଉକ୍ତ କର୍ମଚାରୀଙ୍କ ଗ୍ରେଡ ପେ ବୃଦ୍ଧି ଦାବି ଉପରେ ପଦକ୍ଷେପ ଗ୍ରହଣ ନକଲେ ଆସନ୍ତା ୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୂହିକ ଛୁଟି ନେବେ ବୋଲି ସୋମବାର ରାଜ୍ୟ ଅମଲା ସଂଘ ଉପସଭାପତି ତଥା ସ୍ଥାନୀୟ ତହସିଲ କାର୍ଯ୍ୟାଳୟର ସେକସନ ଅଫିସର ସୁରେନ୍ଦ୍ର ବାବୁଙ୍କ ନେତୃତ୍ୱରେ କର୍ମଚାରୀମାନେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଓ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ଲିଖିତ ଭାବେ ଜଣାଇଥିବା ସୂଚନା ଦେଇଛନ୍ତି । ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ସାଧାରଣ ଲୋକେ ହନ୍ତସନ୍ତ ହେବା ସ୍ୱାଭାବିକ ବୋଲି ଜନସାଧାରଣରେ ମତପ୍ରକାଶ ପାଇଛି ।

# ଶିବାନୀଙ୍କ ହାତରେ ଲାଗିଲା ମେହେନ୍ଦୀ


ବିବାହ ପୂର୍ବ ସନ୍ଧ୍ୟାରେ ଶିବାନୀଙ୍କ ହାତରେ ମେହେନ୍ଦୀ ଲଗାଇବାବେଳେ ଅନୁଷ୍ଠାନର କର୍ମଚାରୀ, ସଦସ୍ୟା।

- ମା’ ଘର ପାଲଟିଲା ପାର୍ବତୀ ଗିରି ବାଳ ନିକେତନ
- ଆଶ୍ରମ ପ୍ରତିଷ୍ଠା ହେବାର ୨୮ ବର୍ଷ ପରେ ଅନୁଷ୍ଠିତ ହେଲା ପ୍ରଥମ ବିବାହ
- ବର-କନ୍ୟାଙ୍କୁ ଛୁଟିଲା ଶୁଭେଚ୍ଛାର ସୁଅ
- ବଲାଙ୍ଗୀରବାସୀ, ପ୍ରଶାସନଙ୍କୁ ଆଶ୍ରମ କର୍ତ୍ତୃପକ୍ଷ ଜଣାଇଲେ କୃତଜ୍ଞତା

ବଲାଙ୍ଗୀର ଅଫିସ, ୨୯।୫
ବଲାଙ୍ଗୀର-ପାଟଣାଗଡ ୪୨ ନମ୍ବର ରାଜ୍ୟ ରାଜପଥର ପଥରଚେପାଠାରେ ରହିଛି ଅନାଥ, ଅବହେଳିତ ଶିଶୁ ଯତ୍ନ ଅନୁଷ୍ଠାନ ପାର୍ବତୀ ଗିରି ବାଳ ନିକେତନ। ଏହି ଅନୁଷ୍ଠାନ ଏବେ ଭିନ୍ନ କାରଣରୁ ଚର୍ଚ୍ଚା ପରିସରକୁ ଆସିଛି। ଏହି ବାଳ ନିକେତନ ଏବେ ପାଲଟିଛି ଶିବାନୀଙ୍କ ମା’ ଘର। ଏହି ଅନୁଷ୍ଠାନର ଅନ୍ତେବାସୀ ଶିବାନୀ (୨୧)ଙ୍କ ବିବାହ ଉତ୍ସବ ପାଇଁ ଏବେ ନୂଆ ରଙ୍ଗରେ, ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଇ ଦିଆଯାଇଛି ଏହି ବାଳ ନିକେତନକୁ। ଅନୁଷ୍ଠାନ ଭିତରେ ତିଆରି ହୋଇଛି ବିବାହ ବେଦୀ। ମଙ୍ଗଳବାର ପୂର୍ବାହ୍ନରେ ବିବାହ ପାଣିଗ୍ରହଣ ଲଗ୍ନ ସ୍ଥିର ହୋଇଛି। ସୋମବାର ସରିଛି ପାଏନ୍ ପଲଟା, ଅଳଙ୍କାର ଧାରଣ। ସନ୍ଧ୍ୟାରେ ଶିବାନୀଙ୍କ ହାତରେ ସଜାଇ ଦିଆଯାଇଛି ମେହେନ୍ଦୀ। ବାଳ ନିକେତନ ପରିସରରେ ଅନ୍ତେବାସୀଙ୍କ ଗହଣରେ ହୋଇଛି ସଙ୍ଗୀତ କାର୍ଯ୍ୟକ୍ରମ। ବଡଭଉଣୀଙ୍କ ବିବାହ ଉତ୍ସବରେ ଉତ୍ସାହିତ ଛୋଟ ଛୋଟ ଶିଶୁମାନେ ଗୀତର ତାଳେ ତାଳେ ପରିବେଷଣ କରିଛନ୍ତି ନୃତ୍ୟ। କାହିଁ କେତେ ଦୂରରୁ ଏହି ବିବାହରେ ଯୋଗଦେବାକୁ ଆସିଛନ୍ତି ଏହି ଅନୁଷ୍ଠାନ ସହ ଜଡିତ କେତେ ପୂର୍ବତନ କର୍ମଚାରୀ, ସମାଜସେବୀ, ପୂର୍ବତନ ଅନ୍ତେବାସୀ। ସମସ୍ତଙ୍କ ମନରେ ଅଶେଷ ଉତ୍ସାହ।

ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ପ୍ରଚେଷ୍ଟାରେ ୧୯୯୫ ମସିହାରେ ପ୍ରତିଷ୍ଠା ହୋଇଥିଲା ପାର୍ବତୀ ଗିରି ବାଳ ନିକେତନ। ଏହି ଅନୁଷ୍ଠାନର ପାଳିତା କନ୍ୟା ଶିବାନୀ। ବଲାଙ୍ଗୀର ଗନ୍ଧମାର୍ଦ୍ଦନ ସରକାରୀ ଆଇଟିଆଇରେ ଫିଟର କରିଛନ୍ତି। ତାଙ୍କୁ ବିବାହ କରୁଛନ୍ତି ବେଲପଡା ବ୍ଲକ୍ ମଣ୍ଡଳ ଗାଁର ଦେବାଶିଷ ଖମାରୀ। ସେ ଜଣେ ସଫଳ ଯୁବ ବ୍ୟବସାୟୀ। ଯୁକ୍ତ୨ ପାଠ ପଢ଼ିବା ପରେ ଡିପ୍ଲୋମା କରି ଗାଁରେ ନିଜସ୍ୱ ବ୍ୟବସାୟୀ କରୁଛନ୍ତି। ବିଧିବଦ୍ଧ ଭାବେ ଉଭୟଙ୍କ ବିବାହ ସ୍ଥିର ହୋଇଛି। ମଙ୍ଗଳବାର ବିବାହ ଉତ୍ସବ ସମ୍ପନ୍ନ ହେବ। କନ୍ୟାଦାନ କରିବେ ପାର୍ବତୀ ଗିରି ବାଳ ନିକେତନ ସମ୍ପାଦିକା ସଂସ୍କୃତି ପଟ୍ଟନାୟକ ଓ ତାଙ୍କ ସ୍ୱାମୀ ବାବୁଲା ବହିଦାର। ମାମୁଁ-ମାଇଁ ଭାବେ ଦାୟିତ୍ୱ ତୁଲାଇବେ ଭୁବନେଶ୍ୱର ସ୍ଥିତ ଉତ୍କଳ ହସ୍ପିଟାଲ ଡାକ୍ତର ସୁଧୀର ପଟ୍ଟନାୟକ ଓ କିମ୍ସ ହସ୍ପିଟାଲ ଡା ମାନସୀ ପଟ୍ଟନାୟକ। ଅନୁଷ୍ଠାନ ସମ୍ପାଦିକା ସଂସ୍କୃତି ପଟ୍ଟନାୟକ ଭାବପ୍ରବଣ ହୋଇ କହିଛନ୍ତି, ଶିବାନୀ ଆମ ଝିଅ ଆଜି ଗୋଟିଏ ପରିବାର ଓ ପରିଚୟ ପାଇବ। ଝିଅର ବିବାହ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା କହିଛନ୍ତି। ଏଥିସକାଶେ ବଲାଙ୍ଗୀର ଜିଲାବାସୀ ଏବଂ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ଅନୁଷ୍ଠାନ ସଭାପତି ସମାଜସେବିକା ଶାନ୍ତିଲତା ବହିଦାର କହିଛନ୍ତି ଯେ, ଆଜି ସେ ସବୁଠୁ ବେଶୀ ଖୁସି। ଏହି ଅନୁଷ୍ଠାନର ଝିଅକୁ ସେ ବିବାହ ବେଦୀରେ ବସାଇବାକୁ ଯାଉଛନ୍ତି। ଅନୁଷ୍ଠାନର ଅନ୍ୟତମ ସଦସ୍ୟା ସୁଧୀରା ବେହେରା କହିଛନ୍ତି ଯେ, ଶିବାନୀ ଉଚ୍ଚଶିକ୍ଷିତା ଏବଂ କର୍ମଠ। ତାର ବିବାହରେ ସମଗ୍ର ବଲାଙ୍ଗୀରବାସୀ ଖୁସି। ଅନ୍ୟତମ ପରିଚାରିକା ଗହଳ ବାରିକ କହିଛନ୍ତି ଯେ ଶିବାନୀର ବିବାହ କଥା ଶୁଣିବା ପରେ ବରଗଡ ଜିଲା ଭଟଲିରୁ ସେ ଦୌଡି ଆସିଛନ୍ତି। ଆଜି ସେ ବହୁ ଖୁସି। ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ସଙ୍ଗୀତଜ୍ଞ ଦିଲୀପ କୁମାର ସିଂଦେଓ ଓ ତାଙ୍କ ସାଥୀ। ଅନୁଷ୍ଠାନ ଉପସଭାପତି ବିବିତା ଅଗ୍ରୱାଲ, ଅନୁଷ୍ଠାନ ଅଧୀକ୍ଷକ ଆଶିଷ ଖମାରୀ, ନନ୍ଦି କିଶୋର ସାମଲ, ପ୍ରଦ୍ୟୁମ୍ନ ସାହୁ, ଅଲି ପ୍ରଧାନ, ସର୍ଜନ ସାହୁ, ଦଶରଥ ଦାସ, କୌଶଲ୍ୟା ପଶାୟତ, ହେମାଙ୍ଗିନୀ ପୁଟା ଓ ଅନ୍ୟମାନେ ବିବାହ ଆୟୋଜନରେ ଲାଗି ପଡିଛନ୍ତି। ମଙ୍ଗଳବାର ବିବାହ ଉତ୍ସବରେ ବଲାଙ୍ଗୀର ସହରର ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ଜିଲାର ବରିଷ୍ଠ ପ୍ରଶାସକ, ଉଚ୍ଚ ଅଧିକାରୀ, ବହୁ ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦାନ କରିବେ। ସମସ୍ତଙ୍କୁ ନିମନ୍ତ୍ରିତ କରାଯାଇଛି। ଶିବାନୀ କହିଛନ୍ତି ଯେ, ବିବାହକୁ ନେଇ ସେ ବହୁତ ଖୁସି। ପାଲିଦିନରୁ ଏହି ଅନୁଷ୍ଠାନରେ ସେ ବଡ ହୋଇଛନ୍ତି। ଆଜି ତାଙ୍କୁ ଏହି ସ୍ଥାନ, ସାଙ୍ଗସାଥି, ଛୋଟ ଭାଇଭଉଣୀଙ୍କୁ ଛାଡି ଯିବା କଥା ଭାବିଲେ କଷ୍ଟ ହେଉଛି ବୋଲି କହି କାନ୍ଦି ପକାଇଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com

@ ଶିବରାମ

@ ମାନସ
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ମିଳିନି ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ

**ବରଗଡ଼ ଅଫିସ୍,୨୯।୫**
ସଡ଼କ ଦୁର୍ଘଟଣାକୁ ସାଢ଼େ ୬ବର୍ଷ ବିତି ଯାଇଛି। ମାତ୍ର ଅତାବିରା ବ୍ଲକ ସରଣ୍ଡା ନିକଟରେ ସଂଘଟିତ ଏକ ସଡ଼କ ଦୁର୍ଘଟଣାରେ ମୃତ ପରିବାର ଲୋକଙ୍କୁ ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ ମିଳି ନାହିଁ। ଏ ନେଇ ସୋମବାର ମୃତ ପଙ୍କଜ ସାଙ୍କ ସ୍ତ୍ରୀ ଅତାବିରା ଥାନା ଲାଦରପାଲି ନିବାସୀ ଶ୍ୱେତା ସୋମବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତାଙ୍କୁ ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ ଯୋଗାଇ ଦେବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଶ୍ୱେତା ଜିଲାପାଳଙ୍କୁ ନିବେଦନ କରିଛନ୍ତି।

୨୦୧୬ ମସିହା ଡିସେମ୍ବର ୨୭ରେ ସରଣ୍ଡା ନିକଟରେ ସଡ଼କ ଦୁର୍ଘଟଣା ଘଟିଥିଲା। ସେତେବେଳେ ଶ୍ୱେତାଙ୍କ ସ୍ୱାମୀ ପଙ୍କଜ ଏକ ପିକଅପ୍ ଗାଡ଼ିରେ ଯାଉଥିବାବେଳେ ଏକ ଫର୍ଚୁନର ଗାଡ଼ି ସହିତ ଧକ୍କା ହୋଇଥିଲା। ପଙ୍କଜଙ୍କ ମୃତ୍ୟୁ ହୋଇଥିଲା। ସଡ଼କ ଦୁର୍ଘଟଣାଜନିକ ବୀମା କ୍ଷତିପୂରଣ ପାଇଁ ଶ୍ୱେତା ଆବେଦନ କରିଥିଲେ। ମାତ୍ର ଫର୍ଚୁନର୍ ଗାଡ଼ିର ଇନସ୍ୟୁରାନ୍ସ ନଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ପିକ୍‌ଅପ୍‌ର ଇନସ୍ୟୁରାନ୍ସ ଥିବା ଯୋଗୁ ଇନସ୍ୟୁରାନ୍ସ କେଶ ଫାଇଲ କରାଯାଇଥିଲା। ଏହାସତ୍ତ୍ୱେ ତାଙ୍କୁ ଏପର୍ଯ୍ୟନ୍ତ ସଡ଼କ ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ ମିଳିପାରି ନାହିଁ।

# ଗୌରଗୋଠ ପାକ୍ସରେ ଆରମ୍ଭ ହେଲା ଧାନକିଣା

**ଦେଓଗାଁ,୨୯।୫(ଡି.ଏନ.ଏ)**
ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପାକ୍ସରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ପାକ୍ସ ସଭାପତି ଟିକେରାମ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ରବିଧାନ କିଣାର ଶୁଭାରମ୍ଭ କରିଥିଲେ। ଏଥିସହ ଚାଷୀଙ୍କୁ ଆସନ୍ତା ୩ବର୍ଷ ପର୍ଯ୍ୟନ୍ତ ଫସଲ ବୀମା ପ୍ରିମିୟମ ଦେବାକୁ ପଡିବନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ କରିଥିଲେ। ସମ୍ମାନୀତ ଅତିଥିଭାବେ ଦେଓଗାଁ ପାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ପୂର୍ବତନ ସରପଞ୍ଚ ଅଶୋକ ରଣା, ଚାଷୀ ଲମ୍ବୋଦର ରଣା, ସୁରେନ୍ଦ୍ର ସାହୁ, ତ୍ରିଲୋଚନ ନନ୍ଦ, ଭୋଜରାଜ ରଣା, ପିତାମ୍ବର ମଲ୍ଲିକ, ମୁଜାଫର ରଣା, ତରଣୀସେନ ରଣା ଓ ଚାଷୀ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୨ଜଣ ଚାଷୀଙ୍କର ୩୯୦କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା । ପାକ୍ସ ସମ୍ପାଦକ ଦୁର୍ଯ୍ୟୋଧନ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ରେଜିଷ୍ଟ୍ରି ଅଫିସରେ ପ୍ରେମୀ ଯୁଗଳଙ୍କ ବିବାହ

**ଖଡ଼ିଆଳ,୨୯।୫(ଡି.ଏନ.ଏ.)**
ନୂଆପଡା ଜିଲା ଖଡ଼ିଆଳ ରେଜିଷ୍ଟ୍ରି ଅଫିସରେ ପ୍ରେମୀ ଯୁଗଳଙ୍କ ବିବାହ ସମ୍ପନ୍ନ ହୋଇଛି। ବିଭାଗ ସୂତ୍ରରୁ ପ୍ରକାଶ ଯେ ଯୁବକ ଜଣକ ସମ୍ବଲପୁର ଜିଲା ବୁର୍ଲା ସହରର ନରେନ୍ଦ୍ର ବେହେରା (୨୦) ଏବଂ ଯୁବତୀ ଜଣକ ନୂଆପଡା ଜିଲା ସିନାପାଲି ବ୍ଲକ ଲିଆଡ଼ ଗ୍ରାମର ଦିବ୍ୟାଙ୍ଗ ସସ୍ମିତା ତାଣ୍ଡି (୧୯)। ଯୁବକ ଲିଆଡ଼ ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଗ୍ରାମର ସସ୍ମିତାଙ୍କ ସହିତ ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା । ସୋମବାର ରେଜିଷ୍ଟ୍ରି ଅଫିସରରେ ଅତିରିକ୍ତ ତହସିଲଦାର ତଥା ରେଜିଷ୍ଟ୍ରି ଅଫିସର ଜୟସେନ ଧରୁଆଙ୍କ ସାମନାରେ ଉଭୟ ପରିବାରର ସଦସ୍ୟ ଓ ସାକ୍ଷୀଙ୍କ ସମ୍ମୁଖରେ ଉଭୟେ ମାଳା ଦେଇ ବିବାହ ହୋଇଥିଲେ। ବିବାହ ପରେ ଉଭୟ ଖୁସିଥିବା ପ୍ରକାଶ କରିଥିଲେ। ବିବାହ ପଞ୍ଜୀକରଣ କରାଇଥିଲେ ଖୁଶିରାମ ମେହେର।


ପ୍ରେମୀ ଯୁଗଳଙ୍କ ବିବାହ।

### ମହାଦେଇ ବାଗଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୨୯।୫**



ବଲାଙ୍ଗୀର ସଦର ତୁଳସୀନଗର ନିବାସୀ ମହାଦେଇ ବାଗ (୭୦)ଙ୍କ ସୋମବାର ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଶ୍ରୀଧର ବାଗ, ପୁତ୍ର ଏକାଦଶୀ ବାଗ, ଦିଲୀପ ବାଗ, ରବୀନ୍ଦ୍ର ବାଗ (ଟୁନୁ)ଙ୍କ ସହିତ ନାତିନାତୁଣି, ବୋହୂ, ଝିଅ, ଜ୍ୱାଇଁ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ବିଜାଖମନ ସ୍ଥିତ ଶ୍ମଶାନରେ ତାଙ୍କ ଦାହସଂସ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଏକାଦଶୀ ବାଗ ମୁଖାଗ୍ନି ଦେଇଥିଲେ।

# କଲ୍ୟାଣ ମଣ୍ଡପ ନିର୍ମାଣରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

**କେସିଙ୍ଗା,୨୯।୫(ଡି.ଏନ.ଏ.)**

- ସମସ୍ତ ଅଭିଯୋଗ ଭିତ୍ତିହୀନ, ତଦନ୍ତକୁ ସ୍ୱାଗତ: ଏନ୍‌ଏସି ଅଧକ୍ଷ
- କେସିଙ୍ଗା ଏନ୍‌ଏସିର ୨ ନମ୍ବର ୱାର୍ଡ

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିର ୱାର୍ଡ ନଂ.୨ରେ କଲ୍ୟାଣ ମଣ୍ଡପ ନିର୍ମାଣରେ ଟେଣ୍ଡର ଫିକ୍ସିଂ ହୋଇଥିବା ଏନ୍‌ଏସିର ୨ଜଣ କାଉନସିଲର ୱାର୍ଡ ନଂ. ୪ର ରୋହିତ ଜୈନ ଓ ୱାର୍ଡ ନଂ. ୩ର ଧରଣୀଧର ନାଏକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜିଲା ପ୍ରଶାସନ ତତ୍ପରତା ଦେଖାଇ ଏହାର ତଦନ୍ତ ପାଇଁ ଉପଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅଭିଯୋଗ ନେଇ ଏନ୍‌ଏସି ନଗରପାଳ ନୃପରାଜ ଯାଦବ ରବିବାର ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ, ଏପରି କୌଣସି ତଦନ୍ତର ଚିଠି ପାଇ ନାହିଁ। ମୁଁ ଯେ କୌଣସି ତଦନ୍ତ ପାଇଁ ପ୍ରସ୍ତୁତ, ଏହାକୁ ସ୍ୱାଗତ କରୁଛି। ସେ କହିଥିଲେ ଯେ, ପ୍ରଶାସନ ଦ୍ୱାରା ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ବାହାରକୁ ଆସିବ। ସେ ଓଲଟା ଅଭିଯୋଗ କରିଥିଲେ ଯେ, ଗତ ପୌର ନିର୍ବାଚନରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅନ୍ୟ ଦଳ ସହ ମିଶି ମୋତେ ହରାଇବାକୁ ଚେଷ୍ଟା କରିଥିଲେ ଏବଂ ମୁଁ ଜିତିବା ପରେ ସହି ନ ପରି ମୋର ସମସ୍ତ କାର୍ଯ୍ୟକୁ ବିରୋଧ କରିଆସୁଛନ୍ତି। ଏହି କଲ୍ୟାଣ ମଣ୍ଡପ ନିର୍ମାଣ ଟେଣ୍ଡର ଫିକ୍ସିଂ ଅଭିଯୋଗ ମଧ ସେମାନେ ହିଁ ଜାଣିଶୁଣି କରୁଛନ୍ତି, ଯେପରି କି ସହରର ଉନ୍ନତିରେ ବାଧା ଆସିବ ଏବଂ ମୁଁ ବଦନାମ୍ ହେବି। ଏହି ଅଭିଯୋଗ ଅମୂଳକ ଏବଂ ଭିତ୍ତିହୀନ ବୋଲି କହିଛନ୍ତି। ଅଭିଯୋଗକାରୀ ୨ କାଉନସିଲରଙ୍କୁ ପଚାରିବାରୁ ଆମେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛୁ, ତଦନ୍ତକୁ ଅପେକ୍ଷା କରିଛୁ ବୋଲି ପ୍ରକାଶ କରିଥିଲେ।


ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବ।

# ପରକୀୟା ପ୍ରୀତିରୁ ହତ୍ୟା, ସ୍ୱାମୀ କୋର୍ଟ ଚାଲାଣ

**ନୂଆପଡ଼ା ଅଫିସ,୨୯।୫**

**ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣା**

ନୂଆପଡା ଜିଲା କୋମନା ଥାନା ଅଧୀନସ୍ଥ ଛତା ଗାଁରେ ସ୍ତ୍ରୀ ସୁନେ ତାଣ୍ଡିଙ୍କୁ ହତ୍ୟା କରିବା ଘଟଣାରେ ସ୍ୱାମୀ ଜଗବନ୍ଧୁ ତାଣ୍ଡିଙ୍କୁ ଗିରଫ କରାଯାଇଛି। ସ୍ୱାମୀ ସ୍ତ୍ରୀଙ୍କ ଉପରେ ସବୁବେଳେ ସନ୍ଦେହ କରୁଥିଲେ। ପରକୀୟା ପ୍ରୀତି ଯୋଗୁ ସ୍ତ୍ରୀ ସୁନେଙ୍କୁ ହତ୍ୟା କରାଯାଇଛି ବୋଲି ଏସ୍‌ପି ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ହତ୍ୟାରେ ବ୍ୟବହୃତ ଠେଙ୍ଗାର ଭଙ୍ଗା ଖଣ୍ଡ ଜବତ ହୋଇଛି। ଜଗବନ୍ଧୁଙ୍କଠାରୁ ଏକ ମୋବାଇଲ, ସାଇକେଲ, ମୃତକଙ୍କ ପିନ୍ଧିଥିବା ପୋଷାକ, ଅଭିଯୁକ୍ତଙ୍କ ପୋଷାକ, ମୃତକଙ୍କ ଭଙ୍ଗା ଚୂଡ଼ି ପୋଲିସ ଜବତ କରଛି। କୋମନା ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଗତ ୨୪ରେ ସ୍ୱାମୀସ୍ତ୍ରୀ ବୋଡେନ ବ୍ଲକ ନାଗପଡା ପଞ୍ଚାୟତ ସିର୍ଲିଗାଁକୁ ଯାଉଛୁ ବୋଲି କହି ଏକ ସାଇକେଲ ଯୋଗେ ବାହାରିଥିଲେ। ପୂର୍ବରୁ ଯୋଜନା କରିଥିବା ଜଗବନ୍ଧୁ ସମ୍ପର୍କୀୟ ଘରକୁ ନ ଯାଇ ଅଧା ରାସ୍ତାରେ ସ୍ତ୍ରୀଙ୍କୁ ହତ୍ୟା କରି ଦେଓଦର୍ହା ଗ୍ରାମ ନିକଟସ୍ଥ ଘୋଡାଘାଟ ନଦୀ ଝରଣାମାଳ ଜଙ୍ଗଲରେ ଫିଙ୍ଗି ଫେରାର ହୋଇଯାଇଥିଲେ। ସମ୍ପର୍କୀୟ ଘରକୁ ଯାଇ ନ ଥିଲେ କି ଘରକୁ ନ ଫେରିବାରୁ ପୁଅ ସୁରେନ୍ଦ୍ର ୨୭ରେ ମା’ବାପା ନିଖୋଜ ବୋଲି କୋମନା ଥାନାରେ ଅଭିଯୋଗ କରିଥିଲେ। ସେହି ଦିନ ଝରଣାମାଳ ଜଙ୍ଗଲରେ ମହିଳାଙ୍କ ମୃତଦେହ ପଡିଥିବା ପ୍ରଚାରିତ ହେଲା। ପରିବାରବର୍ଗ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ଜାରି ରଖିଥିଲା। ବିଶ୍ୱସ୍ତ ସୂତ୍ରରୁ ପୋଲିସ ଖବର ପାଇ ଏକ ଟିମ ଆସି ସରଧାପୁର ଗାଁର ସମ୍ପର୍କୀୟ ଘରେ ଲୁଚି ରହିଥିବା ଜଗବନ୍ଧୁଙ୍କୁ ଗିରଫ କରିଥିଲା। କୋମନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଅଭିଯୁକ୍ତଙ୍କୁ ଧରି ସିନରେକ୍ରେସନ କରିଥିଲା। ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, କୋମନା ଥାନା ଆଇଆଇସି ଜ୍ୟୋତି ରଞ୍ଜନ ଗୌଡ ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି ଏବଂ ନିକଟରେ ଅଛନ୍ତି ଅଭିଯୁକ୍ତ।

# ଗୋଲାମୁଣ୍ଡାରେ ଘର ଘର ଚାଲ କାର୍ଯ୍ୟକ୍ରମ

- ଲୋକଙ୍କ ସମସ୍ୟା ବୁଝିଲେ, ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ
- ବ୍ଲକ ଅଧକ୍ଷଙ୍କ ନିଆରା ପ୍ରୟାସ

**ଗୋଲାମୁଣ୍ଡା,୨୯।୫(ଡି.ଏନ.ଏ.)**
ରାଜ୍ୟ ସରକାରଙ୍କ ଯୋଜନାର ଲାଭ ପ୍ରକୃତ ହିତାଧିକାରୀ ପାଉଛନ୍ତି ନା ଯୋଜନା ହଡପ ହେଉଛି, ତାହାର ଏକ ରିଏଲିଟି ଚେକ୍ କରିଛନ୍ତି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ। ସୋମବାର ବିଡିଓ, ସହକାରୀ ଯନ୍ତ୍ରୀ ସାଙ୍ଗକୁ ବିଭିନ୍ନ ସରକାରୀ କର୍ମଚାରୀଙ୍କୁ ୩ଟି ୟୁନିଟ କରି ଘର ଘର ଚାଲ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଥମେ ମହାଲିଙ୍ଗ ଗ୍ରାମପଞ୍ଚାୟତ ମହାଲିଙ୍ଗ, ବେତରାଜପାଲି, କୋଦୋଭଟା ସମେତ ୧୧ଟି ୱାର୍ଡର ବିଭିନ୍ନ ଲୋକଙ୍କ ବିଭିନ୍ନ ଅଭିଯୋଗ ସମାଧାନ କରାଯାଇଛି। ଦିବ୍ୟାଙ୍ଗ ଭତ୍ତା ୩ଟି ଅଭିଯୋଗରୁ ୩ଟି ସମାଧାନ, ବାର୍ଦ୍ଧକ୍ୟ ଭତ୍ତା ୮୦ଟି ଅଭିଯୋଗରୁ ୨୨ଟିର ସମାଧାନ, ପିଇବା ପାଣି ସମସ୍ୟା ୭ଟିରୁ ୪ଟିର ସମାଧାନ, ତହସିଲ ସମ୍ବନ୍ଧୀୟ ୩ଟି ଅଭିଯୋଗରୁ ୨ଟି, ଆବାସ ଗୃହ ୨୨୪ଟି ୨୧ଟି ସମାଧାନ, ପିଡିଏସ ଚାଉଳ ସବୁ ୯ଟି ସମସ୍ୟା ସମାଧନ, ସମୁଦାୟକ୍ତ ୩୩୬ଟିରୁ ୬୧ଟି ତୁରନ୍ତ ସମାଧାନ ହୋଇଥିଲା। ଏହି କାର୍ଯ୍ୟକ୍ରମ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ପ୍ରତି ସୋମବାର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି କାର୍ଯ୍ୟକ୍ରମ ହେବ ବୋଲି ବ୍ଲକ ଅଧକ୍ଷ ମହାନନ୍ଦ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ଅଶୋକ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ପର୍ଶୁରାମ ନାଏକ, କନିଷ୍ଠ ଯନ୍ତ୍ରୀ ଚିତ ରଞ୍ଜନ ଜେନା, ମିଶନ ଶକ୍ତି ବିପିଏମ୍ ସୁଧାଂଶୁ ବିଶ୍ୱାଳ, ମଧୁସୂଦନ ସାହୁ ଓ ଦିନେଶ ପାନକା, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବିହାରି, ସରପଞ୍ଚ ମହାଲିଙ୍ଗ ଗୌରୀ ଚନ୍ଦନ, ସମିତି ସଭ୍ୟ କିରଣ ସିଂ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମାକାନ୍ତ ମହାପାତ୍ର, ଜିଆରଏସ ପପୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ଲକ ଅଧକ୍ଷ ଲୋକଙ୍କ ଅଭିଯୋଗ ଶୁଣି ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଜିଲାସ୍ତରୀୟ ସମ୍ପାଦକ, ପ୍ରଧାନାଚାର୍ଯ୍ୟଙ୍କ ବୈଠକ

**ଭବାନୀପାଟଣା,୨୯।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବ୍ରଜବିହାର ଶିଶୁ ବିଦ୍ୟା ମନ୍ଦିରଠାରେ ୨ ଦିନ ଧରି ଚାଲିଥିବା ସମ୍ପାଦକ ଓ ପ୍ରଧାନଚାର୍ଯ୍ୟଙ୍କ ଜିଲାସ୍ତରୀୟ ବୈଠକ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଦକ୍ଷିଣ ସମ୍ଭାଗ ପକ୍ଷରୁ ଆୟୋଜିତ ବୈଠକରେ କଳାହାଣ୍ଡି ଜିଲା ସମେତ ରାୟଗଡା ଜିଲାର ସମସ୍ତ ଶିଶୁ ବିଦ୍ୟମନ୍ଦିରର ସମ୍ପାଦକ, ପ୍ରଧାନଚାର୍ଯ୍ୟମାନେ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ସୁନନ୍ଦା ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା କୋଷାଧକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଯୋଗଦେଇଥିଲେ। କଳାହାଣ୍ଡି ଓ ରାୟଗଡ଼ା ଜିଲାର ସମସ୍ତ ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ପାସ୍ ହାରକୁ ନେଇ ମୁଖ୍ୟଅତିଥି ପ୍ରଶଂସା କରିଥିଲେ। ସେହିପରି ମୁଖ୍ୟବକ୍ତା ତାଙ୍କ ବକ୍ତବ୍ୟରେ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା ପଦ୍ଧତି ଓ ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ। ସଭାପତି ଦୀନବନ୍ଧୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

### ୧ ତାରିଖରୁ ସାମୂହିକ ଛୁଟିରେ ରହିବାକୁ ଅମଲାସଂଘର ଚେତାବନୀ

**ଦେଓଗାଁ,୨୯।୫ (ଡି.ଏନ.ଏ.):** ରାଜ୍ୟ ଅମଲା ସଂଘ ନିଷ୍ପତ୍ତି କ୍ରମେ କର୍ମଚାରୀଙ୍କ ଗ୍ରେଡ ପେ ବୃଦ୍ଧି ଦାବିନେଇ ଗତ ୨୨ତାରିଖଠାରୁ ସମସ୍ତ ଅମଲା କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟାଳୟରେ କାମକରୁଛନ୍ତି । ଏହି କ୍ରମରେ ଦେଓଗାଁ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମଧ ଏହି ଆନ୍ଦୋଳନରେ ସାମିଲ ରହି ଦୃଢ଼ ସମର୍ଥନ ଜଣାଇଛନ୍ତି । ସରକାର ଉକ୍ତ କର୍ମଚାରୀଙ୍କ ଗ୍ରେଡ ପେ ବୃଦ୍ଧି ଦାବି ଉପରେ ପଦକ୍ଷେପ ଗ୍ରହଣ ନକଲେ ଆସନ୍ତା ୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୂହିକ ଛୁଟି ନେବେ ବୋଲି ସୋମବାର ରାଜ୍ୟ ଅମଲା ସଂଘ ଉପସଭାପତି ତଥା ସ୍ଥାନୀୟ ତହସିଲ କାର୍ଯ୍ୟାଳୟର ସେକସନ ଅଫିସର ସୁରେନ୍ଦ୍ର ବାବୁଙ୍କ ନେତୃତ୍ୱରେ କର୍ମଚାରୀମାନେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଓ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ଲିଖିତ ଭାବେ ଜଣାଇଥିବା ସୂଚନା ଦେଇଛନ୍ତି । ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ସାଧାରଣ ଲୋକେ ହନ୍ତସନ୍ତ ହେବା ସ୍ୱାଭାବିକ ବୋଲି ଜନସାଧାରଣରେ ମତପ୍ରକାଶ ପାଇଛି ।

### ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ବରପାଲି, ୨୯।୫ (ଡି.ଏନ.ଏ.):** ବରପାଲି-ବଲାଙ୍ଗୀର ଜାତୀୟ ରାଜପଥର ବୁଢ଼ାରଜା ନିକଟରେ ସୋମବାର ରାତିରେ ବସ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ବକଟି ଗ୍ରାମର ମହେନ୍ଦ୍ର ମିସ୍ତ୍ରୀ(୨୬) ବୋଲି ଜଣାପଡିଛି। ଗୁରୁତର ଆହତଙ୍କ ପରିଚୟ ମିଳି ପାରିନାହିଁ। ଘରୋଇ ବସ୍ ଗୌରବ(ଓଡି ୦୮ ଏଫ ୫୩୮୮) ବଲାଙ୍ଗୀର ପଟୁ ଆସୁଥିବା ପଲସର ବାଇକ (ଓଡ଼ି ୦୩-ଟି- ୦୫୫୫୭ )କୁ ସମ୍ମୁଖ ପଟୁ ଧକ୍କା ଦେଇଥିଲା। ବରପାଲି ପୋଲିସ ଘଟଣାର ତଦନ୍ତ କରୁଛନ୍ତି ।

### ଗୁରୁତର ଶିଶୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ଖଡ଼ିଆଳ,୨୯।୫(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ଗ୍ରାମରେ ଗରମ ପାଇସ୍‌ରେ ପଡି ୬ ବର୍ଷର ଶିଶୁ ଗୁରୁତର ହୋଇ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ଅନୁସାରେ ଗତ ୨୫ ତାରିଖରେ ଗ୍ରାମର ହୁତେଶ ହେର୍ଣ୍ଣାଙ୍କ ପୁଅ ବିକାଶ ହେର୍ଣ୍ଣା (୬) ନିଜ ପରିବାରରେ ଏକ ଗଙ୍ଗା ଭୋଜି ଖାଇବାକୁ ଯାଇଥିଲେ। ଅସାବଧାନତା ବଶତଃ ଗରମ ପାଇସ ହଣ୍ଡାଲାରେ ପଡି ଯାଇଥିଲେ। ନାବାଳକଙ୍କ ଦେହର ପ୍ରାୟ ୯୦ ପ୍ରତିଶତ ପୋଡି ଯାଇଥିବାରୁ ପରିବାର ଲୋକେ ତାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ପରିବାର ତଥା ଅଞ୍ଚଳରେ ଶୋକଛାୟା ଖେଳିଯାଇଛି।

# ୩୪ ଘଡ଼ିଆଳ କୁମ୍ଭୀର ଛୁଆ ଜନ୍ମ


ସୁନାଖଣିଆ ବିଟ୍ ଅଞ୍ଚଳର ମହାନଦୀ ଭିତରେ ଜନ୍ମ ନେଇଥିବା କୁମ୍ଭୀର ଛୁଆ ।

**କୁଶଙ୍ଗ ରେଞ୍ଜ ସୁନାଖଣିଆ ବିଟ୍**

**ପୁରୁଣାକଟକ,୨୯।୫(ଡି.ଏନ.ଏ.)** ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ କୁଶଙ୍ଗ ରେଞ୍ଜ ଅନ୍ତର୍ଗତ ସୁନାଖଣିଆ ବିଟ ଅଞ୍ଚଳର ମହାନଦୀ ଭିତରେ ୩୪ଟି ଘଡିଆଳ କୁମ୍ଭୀର ଛୁଆ ଜନ୍ମ ନେଇଛନ୍ତି। ଆଗକୁ ଏହି ସଂଖ୍ୟା ଆହୁରି ବଢିବ ବୋଲି ଆଶା କରାଯାଉଛି।

ମହାନଦୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କୁମ୍ଭୀରଙ୍କ ବାସସ୍ଥଳୀ କୁହାଯାଉଥିବା ସୁନାଖଣିଆ ବିଟ ମହାନଦୀରେ ରହୁଥିବା ଘଡିଆଳ ପ୍ରଜାତିର ମା' କୁମ୍ଭୀର ଗତ ମାର୍ଚ୍ଚ ମାସ ୬ ତାରିଖରୁ ଅଣ୍ଡା ଦେବା ଆରମ୍ଭ କରିଥିଲା। ମେ ୨୪ ତାରିଖରୁ ଅଣ୍ଡାରୁ ଛୁଆ ଜନ୍ମ ନେଇଛି । ଏପରି କି ମା' କୁମ୍ଭୀର ଅଣ୍ଡା ଦେବା ଆରମ୍ଭ କରିବା ଦିନଠାରୁ ଛୁଆ ଜନ୍ମ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ମହାନଦୀ ଭିତରେ ମାଛମରା, ଡଙ୍ଗା ଓ ପାସେଞ୍ଜର ବୋଟ ଚଳାଚଳକୁ ବାରଣ କରାଯାଇଥିଲା । ଡିଏଫ୍‌ଓ ସାତକୋଶିଆ ଏବଂ ଡିଏଫ୍‌ଓ ମହାନଦୀ ବନ୍ୟପ୍ରାଣୀ ବିଭାଗ ଏହାର ସୁରକ୍ଷା ଦାୟିତ୍ୱରେ ରହିଥିଲେ। ବିଶେଷ କରି ଘଡ଼ିଆଳ ମା' କୁମ୍ଭୀର ସୁରକ୍ଷା ଦାୟିତ୍ୱ ତଦାରଖରେ ନନ୍ଦନକାନନ ରିସର୍ଚ୍ଚ ଟିମ୍ ଥିବା ବେଳେ ସହଯୋଗରେ ଟିକରପଡା ରେଞ୍ଜ ଓ କୁଶଙ୍ଗ ରେଞ୍ଜ ଅଧିକାରୀ ଥିଲେ। ସୁନାଖଣିଆ ବିଟ ଅଞ୍ଚଳରେ କୁଶଙ୍ଗ ରେଞ୍ଜ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି ରହିଥିଲା । ଉକ୍ତ କୁମ୍ଭୀର ଛୁଆମାନେ ମହାନଦୀରେ ବଢ଼ି ପାଣି ହେଲେ ଚଳପ୍ରଚଳ ପାଇଁ ବାହାରକୁ ଚାଲି ଆସିବାର ସମ୍ଭାବନା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଚଳିତବର୍ଷ ମହାନଦୀରେ ବନ୍ୟା ଆସିବା ପୂର୍ବରୁ ନଦୀ କୂଳବର୍ତ୍ତୀ ଗ୍ରାମଗୁଡିକରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ବିଶେଷକରି କୁଶଙ୍ଗ ରେଞ୍ଜ ସୁନାଖଣିଆଠାରୁ ମହାନଦୀ ତଳ ମୁଣ୍ଡ ବଡମୂଳ, ଛାମୁଣ୍ଡିଆ ପର୍ଯ୍ୟନ୍ତ ନଦୀକୂଳବାସୀଙ୍କୁ ସଚେତନ କରାଯାଉଥିବା ନେଇ ରେଞ୍ଜ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଶିବରାମ


@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପଞ୍ଜୀକରଣରେ ତ୍ରୁଟି, ଚାଷୀ ହଟହଟା

**ବରଗଡ଼ ଅଫିସ୍,୨୯।୫**

ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀ ପରିଚୟ ପତ୍ର ପଞ୍ଜୀକରଣ ଏବଂ ଟୋକନକୁ ବାଧ୍ୟତାମୂଳକ କରାଯାଇଛି। ତେବେ ପ୍ରଶାସନିକ କର୍ମଚାରୀମାନେ ଏହା ପ୍ରସ୍ତୁତ କରୁଥିବାବେଳେ ଏଥିରେ ଅନେକ ତ୍ରୁଟଇ ରହୁଛି। କେଉଁଠାରେ ପରିଚୟ ପତ୍ର ଏବଂ ଟୋକନରେ ଜମି ପରିମାଣକୁ କମାଇ ଦିଆଯାଇଛି ତ ଆଉ ଆଉ କେଉଁଠି ବିକ୍ରିଯୋଗ୍ୟ ଧାନ ପରିମାଣକୁ ଯଥେଷ୍ଟ ହ୍ରାସ କରି ଦିଆଯାଇଥିବା ପରିଲକ୍ଷିତ ହୋଇଛି। ଏଥିଯୋଗୁ ଚାଷୀମନେ ନିଜ ଅମଳ ଧାନ ବିକ୍ରି କରି ନ ପାରି ହଟହଟାର ସମ୍ମୁଖୀନ ହେଉଛନ୍ତି। ବରଗଡ଼ ଜିଲା ଅତାବିରା ବ୍ଲକ ଲଚିଦା ଗ୍ରାମର ଶ୍ୟାମସୁନ୍ଦର ପଧାନଙ୍କ କ୍ଷେତ୍ରରେ ସେଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଶ୍ୟାମସୁନ୍ଦର ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ସେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେ ଉଲ୍ଲେଖ କରିଛନ୍ତି, ଲଚିଦା ମୌଜା ଖାତା ନଂ-୪୮୨/୬୪ର ପ୍ଲଟ ନଂ-୨୨୪୪ରୁ ୨ଏକର ୨୭ଡେସିମିଲ, ଖାତା ନଂ-୪୮୨/୨୭୧ର ପ୍ଲଟ ନଂ-୨୨୪୩ରୁ ୧ଏକର ୬୬ ଡେସିମିଲ ଏବଂ ଖାତା ନଂ-୪୮୨/୨୬୩ର ପ୍ଲଟ ନଂ-୨୨୪୨ରୁ ୧ଏକର ୩୦ଡେସିମିଲ ଅର୍ଥାତ୍ ସମୁଦାୟ ୫ଏକର ୨୩ଡେସିମିଲ ଜମି ପଞ୍ଜୀକରଣ ପାଇଁ ପାଇଁ ସେ ଆବଶ୍ୟକ କାଗଜାତ୍ ସହିତ ଆବେଦନ କରିଥିଲେ। ମାତ୍ର ଖାତା ନଂ-୪୮୨/୬୪ର ପ୍ଲଟ ନଂ-୨୨୪୪ରୁ କେବଳ ୧ଏକର ୭୫ଡେସିମିଲ ଜମି ଧାନ ବିକ୍ରି ପାଇଁ ପଞ୍ଜୀକୃତ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏଭଳି ତ୍ରୁଟି ଯୋଗୁ ସେ ବାକି ୩ଏକର ୪୮ଡେସିମିଲ ଜମିର ଧାନ ବିକ୍ରି କରି ନପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଶ୍ୟାମସୁନ୍ଦର କହିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେଇ ତୃଟୀ ସଂଶୋଧନ ସହିତ ତାଙ୍କୁ ବାକି ଜମିର ଅମଳ ଧାନ ବିକ୍ରି ପାଇଁ ସୁଯୋଗ ଦେବାକୁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ଜିଲାପାଳଙ୍କ ଜନଶୁଣାଣି ଶିବିର

**ବୌଦ୍ଧ/କନ୍ଧମାଳ, ୨୯।୫(ସ୍ୱ.ପ୍ର./ଡି.ଏନ.ଏ.)** ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ଖୁଣ୍ଟିଗୋରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଉପସ୍ଥିତିରେ ଏହି ଶିବର ହୋଇଥିବା ବେଳେ ସମୁଦାୟ ୧୮୮ ଗୋଟି ଆପତ୍ତି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୧୭୭ ଗୋଟି ବ୍ୟକ୍ତିଗତ ମାମଲା ଓ ୧୧ ଗୋଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ରେଡକ୍ରସ ପାଣ୍ଠିରୁ ୩୫ ଜଣଙ୍କୁ ୧ ଲକ୍ଷ ୯୨ ହଜାର ଟଙ୍କା ଦିଆଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୩୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା । ଏହି ଶିବିରରେ ୧୩୩ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏଥିସହିତ ୬ ଜଣଙ୍କୁ ଭତ୍ତା ଦିଆଯିବା ସହ ୪ ଜଣଙ୍କୁ ହୁଇଲ ଚେୟାର ଓ ୪ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା । ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେର, କନ୍ଧମାଳ ବିଡିଓ କଳାକୃଷ୍ଣ ପ୍ରଧାନ, ତହସିଲଦାର କର୍ଣ୍ଣ ମଲିକ , ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ମିଳିନି ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ

**ବରଗଡ଼ ଅଫିସ୍,୨୯।୫** ସଡ଼କ ଦୁର୍ଘଟଣାକୁ ସାଢ଼େ ୬ବର୍ଷ ବିତି ଯାଇଛି। ମାତ୍ର ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ନିକଟରେ ସଂଘଟିତ ଏକ ସଡ଼କ ଦୁର୍ଘଟଣାରେ ମୃତ ପରିବାର ଲୋକଙ୍କୁ ଏପର୍ଯ୍ୟନ୍ତ ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ ମିଳି ନଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ମୃତ ପଙ୍କଜ ସାଙ୍କ ସ୍ତ୍ରୀ ଅତାବିରା ଥାନା ଲାଦରପାଲି ନିବାସୀ ଶ୍ୱେତା ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତାଙ୍କୁ ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ ଯୋଗାଇ ଦେବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଶ୍ୱେତା ଜିଲାପାଳଙ୍କୁ ନିବେଦନ କରିଛନ୍ତି।

୨୦୧୬ ମସିହା ଡିସେମ୍ବର ମାସ ୨୭ତାରିଖ ଅତାବିରା ଥାନା ସରଣ୍ଡା ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ସେତେବେଳେ ଶ୍ୱେତାଙ୍କ ସ୍ୱାମୀ ପଙ୍କଜ ଏକ ପିକଅପ୍ ଗାଡ଼ିରେ ଯାଉଥିବାବେଳେ ଏକ ଫର୍ଚ୍ଚୁନର ଗାଡ଼ି ସହିତ ଧକ୍କା ହୋଇଥିଲା ଏବଂ ଦୁର୍ଘଟଣାରେ ପଙ୍କଜଙ୍କ ମୃତ୍ୟୁ ହୋଇଥିଲା। ସଡ଼କ ଦୁର୍ଘଟଣାଜନିକ ବୀମା କ୍ଷତିପୂରଣ ପାଇଁ ଶ୍ୱେତା ଆବେଦନ କରିଥିଲେ। ମାତ୍ର ଫର୍ଚ୍ଚୁନର୍ ଗାଡ଼ିର ଇନସ୍ୟୁରାନ୍ସ ନଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ପିକ୍‌ଅପ୍ ଗାଡ଼ିର ଇନସ୍ୟୁରାନ୍ସ ଥିବା ଯୋଗୁ ଇନସ୍ୟୁରାନ୍ସ କେଶ ଫାଇଲ କରାଯାଇଥିଲା। ଏହାସତ୍ତ୍ୱେ ତାଙ୍କୁ ଏପର୍ଯ୍ୟନ୍ତ ସଡ଼କ ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ ମିଳିପାରି ନାହିଁ। ଫଳରେ ୨ସନ୍ତାନଙ୍କ ଭରଣପୋଷଣ କଷ୍ଟସାଧ୍ୟ ହୋଇ ପଡୁଛି ବୋଲି ଶ୍ୱେତା କହିବା ସହିତ ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ ପାଇଁ ନିବେଦନ କରିଛନ୍ତି।

## ସାରସ୍ୱତ ସାଧନା ସମ୍ପର୍କରେ ଆଲୋଚନା

**ପ୍ରଜ୍ଞା ପୁରୁଷ ଡ. ଗଙ୍ଗାଧର ଗୁରୁ ଜୟନ୍ତୀ**

**କଥା ସହିତ ସାଗର ଓ ପାଏନ ତ ଜୀବନ ପୁସ୍ତକ ଉନ୍ମୋଚିତ**



ଅତିଥିମାନେ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ପଦ୍ମପୁର, ୨୯।୫ (ଡି.ଏନ.ଏ.)** ବରଗଡ଼ ଜିଲ୍ଲା ପଦ୍ମପୁର ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପରିସରରେ ଆଗାମୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସ୍କୃତ ,ସାହିତ୍ୟର ସାଧକ ପ୍ରଜ୍ଞା ପୁରୁଷ ଡ ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ପାଳନ କରାଯାଇଛି। ସଂସଦ ସଭାପତି ଡ.ପ୍ରମୋଦ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧର୍ମକୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଣ୍ଡିତ ଆଶୁତୋଷ ମିଶ୍ରଙ୍କ ମନ୍ତ୍ରପାଠ ଧ୍ୱନୀ ସହ ଡ.ଗୁରୁଙ୍କ ତୈଳଚିତ୍ରରେ ପୂଜାର୍ଚ୍ଚନା ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଡ.ଗୁରୁଙ୍କ ରଚିତ ଭକ୍ତିମୂଳକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଡ.ଜୟକେତନ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଂସଦର ସମ୍ପାଦକ ନାଟ୍ୟକାର ଅଶୋକ ବହିଦାର ବିବରଣୀ ପଠନ କରି ଆଗାମୀ ସାହିତ୍ୟ ସଂସଦ ଗଠନର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ। ଅଧ୍ୟାପକ ସନ୍ତୋଷ ମିଶ୍ରଙ୍କ ବିରଚିତ ସମ୍ବଲପୁରୀ କୋଶଳି ଭାଷାର କଥା ସହିତ ସାଗର ଓ ନାଟ୍ୟକାର ରାଜକୁମାର ସାହୁଙ୍କ ଲିଖିତ ପାଏନ ତ ଜୀବନ ନାଟ୍ୟ ସଂକଳନ ଉନ୍ମୋଚନ କରାଯାଇଥିଲା। ଡ.ଗୁରୁଙ୍କ ସାରସ୍ୱତ ସାଧନା ଓ ଜୀବନଶୈଳୀ ସମ୍ପର୍କରେ ଡ.ବାଂଛାନିଧି ପଣ୍ଡା, ପ୍ରଫୁଲ୍ଲ ପାଣିଗ୍ରାହୀ, ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଅଧ୍ୟାପକ ବିଦ୍ୟାଧର ଦାଶ, ଜିତେନ୍ଦ୍ରୀୟ ଗୁରୁ, ରୀତାଞ୍ଜଳି ଗୁରୁ ପ୍ରମୁଖ ଭାଷାବିତ୍ ଆଲୋଚନା କରିଥିଲେ। ସଂସଦ ଉପସଭାପତି ସଞ୍ଜୟ ବହିଦାର,ସମାଜସେବୀ ନିରୋଜ ଦୋରା, ଟିକନୁ ସାହୁ, କରୁଣାକର ମେହେର, କିଶୋର ପାତ୍ର, କୁଞ୍ଜବିହାରୀ ସରାଫ, ତେନେସ ପଣ୍ଡା କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ। ଶେଷଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍ଏଚ୍‌ଜି ମହିଳା ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୨୯।୫** ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମର କଲାସୀ ସ୍ୱୟଂ ସହାୟିକା ଗୋଷ୍ଠି(ଏସ୍ଏଚ୍‌ଜି)ର ମହିଳାମାନେ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ସରକାରୀ ଯୋଜନାରେ ଏସଏଚଜି ପାଇଁ ଆସୁଥିବା କାମ ଗୁଡ଼ିକୁ ତାଙ୍କୁ ଦେବାକୁ ସେମାନେ ନିବେଦନ କରିଛନ୍ତି। ଏ ନେଇ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଉକ୍ତ ଏସଏଚଜି ଦୀର୍ଘବର୍ଷ ହେଲା, ସ୍କୁଲର ମଧ୍ୟାହ୍ନ ଭୋଜନ କାମ କରି ଆସୁଛନ୍ତି। ତେବେ ଏସଏଚଜି ପାଇଁ ଆସୁଥିବ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଏସଏଚଜି ମହିଳା ।

ଅନ୍ୟ ସରକାରୀ କାମ ଗୁଡ଼ିକରେ ତାଙ୍କୁ ଅଣଦେଖା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅନ୍ୟ କେତେକ ନିର୍ଦ୍ଦିଷ୍ଟ ଏସଏଚଜିକୁ ସେହି କାମ ଦେବାକୁ ମସୁଧା ଚାଲିଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମକୁ ଏସଏଚଜି ପାଇଁ ଆସୁଥିବା କାମ ଗୁଡ଼ିକୁ ତାଙ୍କୁ ଦେବା ପାଇଁ କଲାସୀ ଏସଏଚଜିର ମହିଳାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏସଏଚଜିର ବାଲି ଭୋଇଙ୍କ ସମେତ ଅନ୍ୟ ସଭ୍ୟାମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ।

## ରେଳପଥ ନିର୍ମାଣ କାମକୁ ବନ୍ଦ କଲେ ଉତ୍ତ୍ୟକ୍ତ ଗ୍ରାମବାସୀ

**ବୌଦ୍ଧ,୨୯।୫(ସ୍ୱ.ପ୍ର.)** ବୌଦ୍ଧ ଜିଲାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ଜୋର ସୋରରେ ଆଗେଇ ଚାଲିଥିବା ବେଳେ ବେସରକାରୀ ଠିକାସଂସ୍ଥାର ମନମୁଖୀ କାର୍ଯ୍ୟ ପାଇଁ କେତେକ ଗ୍ରାମର ଅଧିବାସୀ ଅତିଷ୍ଠ ହୋଇ ପଡିଛନ୍ତି । କିଛି ଦିନ ତଳେ ଜିଲାର ହରଭଙ୍ଗା ବ୍ଲକର ପିପିଲକଟା ଗ୍ରାମର ଝରଣପୋଖରିଠାରୁ ଗ୍ରାମର ବଡବନ୍ଧକୁ ପାଣି ଯିବା ସହ ଏକ କେନାଲର ସୁବିଧା ରହିଥିବା ବେଳେ ରେଳପଥ କାର୍ଯ୍ୟ ଯୋଗୁ କେନାଲ ବନ୍ଦ ହୋଇ ପଡିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ଏବେ ପୁଣି ବୌଦ୍ଧ ଜିଲା ସଦର ଥାନା ଅନ୍ତର୍ଗତ ନକୁଆନାଳି ଗ୍ରାମ ନିକଟସ୍ଥ କେନାଲ ରାସ୍ତାକୁ ରେଳପଥ ନିର୍ମାଣ ପାଇଁ ବନ୍ଦ କରାଯିବାକୁ ଗ୍ରାମବାସୀ ସୋମବାର ଘୋର ବିରୋଧ କରିଛନ୍ତି । ରେଳପଥ ନିର୍ମାଣ ସ୍ଥାନକୁ ଯାଇ ଉତ୍ତ୍ୟକ୍ତ ଗ୍ରାମବାସୀ ନିର୍ମାଣ କାମକୁ ବନ୍ଦ କରିଛନ୍ତି । ଏହାସହ ସମାଧାନ ନ ହେବା ପର୍ଯ୍ୟନ୍ତ ନିର୍ମାଣକାମ କରାଇ ଦେବେ ନାହିଁ ବୋଲି ଅଡି ବସିଛନ୍ତି । ନକୁଆନାଳି ଗ୍ରାମ ନିକଟସ୍ଥ କେନାଲ ହୁଡାରେ ରହିଥିବା ରାସ୍ତାକୁ ଗ୍ରାମବାସୀ ସବୁବେଳେ ଯିବାଆସିବା ପାଇଁ ବ୍ୟବହାର କରି ଆସୁଛନ୍ତି । ଏପରିକି ଆଖପାଖ ୫ ଖଣ୍ଡ ଗ୍ରାମର ଲୋକେ ବ୍ୟବହାର କରନ୍ତି । କିନ୍ତୁ ବର୍ତ୍ତମାନ ଉକ୍ତ କେନାଲ ଦେଇ ରେଳପଥ ନିର୍ମାଣ ହେଉଥିବାରୁ କେନାଲ ରାସ୍ତାକୁ ଠିକା ସଂସ୍ଥା ପକ୍ଷରୁ ବନ୍ଦ କରି ଦିଆଯାଇଛି । ଏହି ବାଟ ବନ୍ଦ ହୋଇଯାଇଥିବାରୁ ଗ୍ରାମବାସୀ ହଇରାଣ ହେଉଛନ୍ତି । କେନାଲ ରାସ୍ତା ଉପରେ ସବୁଦିନିଆ ଯିବା ଆସିବା ପାଇଁ ରେଳ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଗ୍ରାମର ୱାର୍ଡମେମ୍ବର ସଜ୍ଜ ନାୟକଙ୍କ ନେତୃତ୍ୱରେ ବଳଭଦ୍ର ଭବସାଗର, ଯଦୁମଣି ସ୍ୱାଇଁ ଓ ଗ୍ରାମବାସୀ ତୁରନ୍ତ ଏହାର ସମାଧାନ କରାଯିବାକୁ ଦାବି କରିଛନ୍ତି।

## ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ବିଡିଓଙ୍କୁ ଦାବିପତ୍ର

**ଡୁଙ୍ଗୁରିପାଲି,୨୯।୫(ଡି.ଏନ.ଏ.)** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ପହଣ୍ଡି ଓ ଚାମରପୁର ଗାଁରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ୪ ବର୍ଷ ହେଲା ଏକ ପିଇବା ପାଣି ପ୍ରକଳ୍ପ କାମ ଚାଲିଛି । ହେଲେ ପ୍ରକଳ୍ପ କେବେ ଶେଷ ହେବ ସେନେଇ ଦୁଇ ଗ୍ରାମବାସୀ ସନ୍ଦେହରେ ରହିଛନ୍ତି ।

ପ୍ରକାଶ ଯେ, ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଗ୍ରାମ ପଞ୍ଚାୟତ ଅଧୀନ ପହଣ୍ଡି, ସାନପହଣ୍ଡି ଓ ଚାମରପୁର ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଅଙ୍ଗନଦୀର ଇନଟେକ କୂଅରୁ ଗ୍ରାମକୁ ଜଳ ଯୋଗାଣ ପାଇଁ ବାଞ୍ଜିକଟାରେ ଏକ ଓଭର ହେଡ୍ ପାଣି ଟ୍ୟାଙ୍କ ପ୍ରକଳ୍ପ ବ୍ୟବସ୍ଥା ହୋଇଛି । କାମ ଆରମ୍ଭ ହେବାର ୪ ବର୍ଷ ବିତିଯାଇଥିବା ବେଳେ ଓଭର ହେଡ୍ ପାଣି ଟ୍ୟାଙ୍କ ଓ ଭୂତଳ ଟ୍ୟାଙ୍କ ଅବ୍ୟବସ୍ଥାରେ ରହିଛି । ଏହାକୁ ନେଇ ପହଣ୍ଡି ଓ ସାନପହଣ୍ଡି



ଗ୍ରାମବାସୀ ସୋମବାର ଡୁଙ୍ଗୁରିପାଲି ବିଡ଼ିଓ ତ୍ରିପୁର ମହାନନ୍ଦଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ଦାବିପତ୍ରରେ ପାନୀୟ ଜଳ ସଙ୍କଟ ଦୂର ପାଇଁ ସରକାରଙ୍କ ଦ୍ୱାରା ପହଣ୍ଡି ବାଞ୍ଜିକଟାଠାରେ ୧ କୋଟି ୩୭ ଲକ୍ଷ ୨୬ ହଜାର ଟଙ୍କା ବ୍ୟୟରେ ଏକ ଭୂତଳ ପାଣି ଟ୍ୟାଙ୍କ ଓ ଓଭରହେଡ୍ ଟ୍ୟାଙ୍କ ତିଆରି କରାଯାଇଛି । ମାତ୍ର ୪ ବର୍ଷ ହେବ ଉକ୍ତ ଭୂତଳ ଟ୍ୟାଙ୍କର କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ପାଣି ଟ୍ୟାଙ୍କରେ ଢାଙ୍କୁଣୀ ଦିଆଯାଇ ନାହିଁ । ଫଳରେ ପାଣି ଟ୍ୟାଙ୍କରେ ଆବର୍ଜନା ପଡି ଟ୍ୟାଙ୍କ ପାଣି ଦୂଷିତ ହେବା ଆଶଙ୍କା ଦେଖାଯାଉଛି । ଉକ୍ତ ପାଣିଟ୍ୟାଙ୍କ ପ୍ରକଳ୍ପ ପରିସରରେ ସମ୍ପୂର୍ଣ୍ଣ ପାଚେରି ତିଆରି କରାଯାଇନାହିଁ । ଯାହାଫଳରେ ଉକ୍ତ ସ୍ଥାନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସମସ୍ତ ଘରକୁ ପାଣି ପାଇପ ସଂଯୋଗ ଥିଲେ ମଧ ସବୁ ଘରେ ଟ୍ୟାପ୍ ସଂଯୋଗ କରାଯାଇ ନାହିଁ । ଫଳରେ ପ୍ରତ୍ୟହ ହଜାର ହଜାର ଲିଟର ଜଳ ନଷ୍ଟ ହେଉଛି । ଏହାଛଡା ପାଣି ପାଇପ ପୋତିବା ବେଳେ ରାସ୍ତା ଭଙ୍ଗା ଯାଇଥିଲେ ହେଁ ତାହା ଏପର୍ଯ୍ୟନ୍ତ ମରାମତି ହୋଇନାହିଁ । ଏଥିଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷରେ ଯଦି ଉକ୍ତ ପାଣି ଟ୍ୟାଙ୍କର ପାଣି ବ୍ୟବହାର କରି ଗ୍ରାମବାସୀ କୌଣସି ରୋଗର ଶିକାର ହୁଅନ୍ତି କିମ୍ବା ରାସ୍ତାରେ ଯିବା ଆସିବା ସମୟରେ କିଛି ଅଘଟଣ ଘଟେ ତାହେଲେ ଏଥିରେ ସମ୍ପୃକ୍ତ ଠିକାଦାର, ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ସରପଞ୍ଚ ଉତ୍ତରଦାୟୀ ରହିବେ । ଯଥାଶୀଘ୍ର ଏହାର ସମାଧାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ଦେବା ସମୟରେ ସରୋଜ ପଧାନ, ମୁରଲୀ ପଧାନ, ଆଶିଷ କୁମାର ମେସୁଆ, ସୁରେଶ ପଧାନ, ବିବେକ ପଧାନ, ଦୀପକ ବାରିକ, ରୋହିତ ମେହେର, ରାହୁଲ ଭୁଏ, ତ୍ରିଲୋଚନ ଗୁରୁ, ଜଗନ୍ନାଥ ସେଠୀ, ନେହେରୁ ପଧାନ, ଲଳିତ ମେସୁଆ, ବୃନ୍ଦାବନ ପଧାନ, ନିମାଇ ଚରଣ ପଧାନ, ହେମାସାଗର ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ବିଡ଼ିଓ ତ୍ରିପୁର ମହାନନ୍ଦଙ୍କୁ ପଚାରିବାରେ ଯଥାଶୀଘ୍ର ବିଭାଗୀୟ ଅଧିକାରୀ ଏହାର ତଦନ୍ତ କଲା ପରେ ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ୨ଟି ସ୍କୁଟି ଚୋରି ଅଭିଯୋଗରେ ଜଣେ ଗିରଫ

ରାଉରକେଲା ଅଫିସ,୨୯।୫: ଚଳିତ ମାସ ୨୬ ତାରିଖ କୋଏଲନଗର ବି ବ୍ଲକରୁ ଜଣେ ବ୍ୟକ୍ତି ଘର ଦୁଆର ମୁହଁରୁ ଏକ ସ୍କୁଟି ଓ ନିକଟରେ ଥିବା ଅନ୍ୟ ଜଣଙ୍କ ଘରୁ ଏକ ସ୍କୁଟି ଚୋରି ହୋଇଥିବା ଝିରପାଣି ଥାନାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ପୋଲିସ ସୋମବାର ଅପରାହ୍ନରେ ସୋନୁ ସୁରେନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ମାମଲା (ନଂ. ୫୫/୨୩ ଓ ୫୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ୨ ଟି ସ୍କୁଟି ଜବତ କରିଛି ପୋଲିସ।

### ବେଆଇନ ପାର୍କିଂ: ୩୦ ହଜାର ଜରିମାନା ଆଦାୟ

ରାଉରକେଲା ଅଫିସ,୨୯।୫: ରାଉରକେଲା ରେଳ ଷ୍ଟେସନ ପାର୍କିଂ ପରିସରରେ ଗାଡି ପାର୍କିଂ ନ କରି ଷ୍ଟେସନ ଆଖପାଖ ଅଞ୍ଚଳରେ ବେଆଇନ ଗାଡି ପାର୍କିଂ କରୁଥିବା ଗାଡି ଚାଳକଙ୍କ ପ୍ରତି ଆର୍‌ପିଏଫ୍ ପୋଲିସ ସୋମବାର କଡା ପଦକ୍ଷେପ ନେଇଛି। ବିଭିନ୍ନ ସମୟରେ ରାଉରକେଲା ରେଳଷ୍ଟେସନ ବାହାରେ ବେଆଇନ ଗାଡି ପାର୍କିଂ ହେଉଥିବାକୁ ନେଇ ଆରପିଏଫ୍‌ରେ ଅଭିଯୋଗ ହେବା ପରେ ସକାଳ ସାଢେ ୯ଟାରେ ଆରପିଏଫ୍ ଥାନା ଅଧିକାରୀ ସି. ମୀନା ହଠାତ ଚଢ଼ାଉ କରିଥିଲେ। ଏହି ଚଢାଉ ସମୟରେ ପୋଲିସ ୪ଶହଟି ବିଭିନ୍ନ ଗାଡିରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ସେଥିରୁ ୧୫୯ ବାଇକ୍ ଓ ସ୍କୁଟି ଗାଡିକୁ ନୋଟିସ ଦେଇ ଛାଡି ଦିଆଯାଇଥିଲା। ବାରମ୍ବାର ଏଭଳି ରାଉରକେଲା ରେଳ ଷ୍ଟେସନ ପରିସରରେ ବିଭିନ୍ନ ସମୟରେ ବେଆଇନ ଗାଡି ପାର୍କିଂ ହେଉଥିବା ଯୋଗୁ ଆରପିଏଫ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଥାନା ଅଧିକାରୀ ମୀନା ସୂଚନା ଦେଇଛନ୍ତି।

### ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କ ରାଉରକେଲା କୋର୍ଟ ପରିଦର୍ଶନ

ରାଉରକେଲା ଅଫିସ,୨୯।୫: ହାଇକୋର୍ଟ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଦିନିକିଆ ଗସ୍ତରେ ରାଉରକେଲାକୁ ଆସିଥିବାବେଳେ ସୋମବାର କୋର୍ଟକୁ ପରିଦର୍ଶନ କରିଥିଲେ।ଏହି ଅବସରରେ ଜଷ୍ଟିସ ଦାଶ ରାଉରକେଲା କୋର୍ଟ ପରିସରରେ ଚାଲିଥିବା ନୂତନ କୋର୍ଟ ବିଲଡିଂର କାର୍ଯ୍ୟକୁ ବୁଲି ଦେଖିବା ସହ ଆସନ୍ତା ୧୮ ମାସ ଭିତରେ ଉକ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନୂତନ କୋର୍ଟ ନିର୍ମାଣ ହେଲେ ରାଉରକେଲାରେ ପୋକ୍ସକୋର୍ଟ, ଭିଜିଲାନ୍ସ କୋର୍ଟ ଓ ମହିଳା କୋର୍ଟ ଆରମ୍ଭ ହେବ ବୋଲି ରାଉରକେଲା ଓକିଲ ସଂଘର ସଭାପତି ପ୍ରଦୀପ ମିଶ୍ର ସୂଚନା ଦେଇଥିଲେ। ଏହି ନୂତନ କୋର୍ଟ ପରିସରରେ ପୋଷ୍ଟଅଫିସ ସହ ଏଟିଏମ ଓ ବିଭିନ୍ନ ଅତ୍ୟାଧୁନିକ ସୁବିଧା ରହିବ ବୋଲି ଜଷ୍ଟିସ ଦାଶ ସୂଚନା ଦେଇଥିଲେ। ପରେ ରାଉରକେଲା କୋର୍ଟରେ ଥିବା ଲାଇବ୍ରେରି, ବାରଆସୋସିଏସନ ସଭାଗୃହ ଓ ଏଡିଜେ ୱାନ, ଟୁରେ ଥିବା ଅନ୍ୟାନ ଆନୁସାଙ୍ଗିକ ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ରାଉରକେଲାରେ ଜଷ୍ଟିସ ଦାଶ ପୂର୍ବରୁ ଆଇନଜୀବୀ ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବାବେଳେ ସେ ବହୁ ଆଇନଜୀବୀଙ୍କ ସହ ମତବିନିମୟ କରିଥିଲେ। ଏଥିରେ ରାଉରକେଲା ଓକିଲ ସଂଘର ଉପସଭାପତି ଏମ.ମାଲେଶ୍ୱରମ୍, ଅବନି ପ୍ରଧାନ, ପଦ୍ମିନି ଦାଶ, ହରିଲିଙ୍ଗମ ଡୋରାଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ୮ମାସ ହେଲା ରୋଜଗାର ହରାଇଛନ୍ତି ୫୧ ଦୋକାନୀ

ରାଉରକେଲା ଅଫିସ, ୨୯।୫



ବିଶ୍ରାକୁ ଯାଇଥିବା ରାସ୍ତାରେ ୫୧ଦୋକାନୀ ପାଇଥିବା ସ୍ଥାନରେ ଲୁହା ଦୋକାନ ଭଙ୍ଗାରୁଜା ହୋଇ ପଡିଛି।

ରାଉରକେଲା ବିଶ୍ରା ଛକ ହେଲା ରାଉରକେଲା ଇସ୍ପାତ ଅଞ୍ଚଳର ଏକ ସର୍ବପୁରାତନ ପ୍ରସିଦ୍ଧ ଛକ। ଗତ ମାର୍ଚ୍ଚ ୧୦ରେ ବିଶ୍ରା ଛକ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବିର୍ସା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମ ଉଦ୍‌ଘାଟନ ହୋଇଥିଲା। ରାଉରକେଲା ଶିଳ୍ପାଚଳ ସହରବାସୀ ଓ କ୍ରୀଡାବିତ୍‌ମାନେ ନୂତନ ଷ୍ଟାଡିୟମ ଦ୍ୱାରା ଖୁସି ହେଲେ। ମାତ୍ର ଆଉ ଏକ ବର୍ଗ ଅଛନ୍ତି, ଯେଉଁମାନଙ୍କ ଅଭିଯୋଗ ହେଉଛି ଯେ, ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ ନିର୍ମାଣ ନାଁରେ ସେମାନଙ୍କର ଦୈନିକ ରୋଜଗାର ଛଡାଇ ନିଆଗଲା। ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିଶ୍ରାଛକ୍ ଭେଣ୍ଡିଙ୍ଗ ଜୋନରେ ୧୯୮୨ ମସିହାରୁ ଚା, ପାନ, ହୋଟେଲ, ଫଳଦୋକାନ କରିଥିବା ୫୧ଜଣ ଦୋକାନୀ। ଦୋକାନୀ ଅର୍ଜୁନ ମାହାଳୀ, କୀର୍ତ୍ତନ ସାହୁ ଓ ଅଜିତ କୁମାର ପରିଡାଙ୍କ ସମେତ ବିଶ୍ରା ଛକ୍ ଭେଣ୍ଡିଙ୍ଗ ଜୋନ ଦୋକାନୀମାନଙ୍କ ଅଭିଯୋଗ ମତେ-୧୯୮୨ ମସିହାରୁ ରାଉରକେଲା ଶିଳ୍ପାଞ୍ଚଳ ଅଧିନ ବିଶ୍ରା ଛକ୍ ଭେଣ୍ଡିଙ୍ଗ ଜୋନଠାରେ ଦୋକାନ ବଜାର ଖୋଲି ପରିବାର ନିର୍ବାହ କରୁଥିଲେ। ପ୍ରାୟ ୮ ମାସ ତଳେ ବିଶ୍ରା ଛକ ନିକଟରେ ଆଥେଲେଟିକ୍ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ସହ ପାର୍କ ଆଦି ନିର୍ମାଣ ଆରଏମସି ତତ୍ତ୍ୱାବଧାନରେ ହେବା ଦର୍ଶାଇ ଆରଏସପି ପକ୍ଷରୁ ଭେଣ୍ଡିଙ୍ଗ ଜୋନରେ ଥିବା ଦୋକାନୀଙ୍କ ଲୁହା ଷ୍ଟଲ ଦୋକାନ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ନୋଟିସ କରାଗଲା। ନୋଟିସ ହେଲାପରେ ସମସ୍ତ ଦୋକାନୀ ଆରଏସପିକୁ ଲିଖିତ ଅଭିଯୋଗ କରି ଦର୍ଶାଇଥିଲେ ଯେ, ସମସ୍ତେ ଦୋକାନ ଉପରେ ନିର୍ଭର କରୁଛୁ। ଦୋକାନ ଭଡା ମଧ୍ୟ ପୈଠ କରୁଛୁ। ଏଣୁ ଥଇଥାନ କରିବା ପାଇଁ ଆରଏସ୍‌ପିକୁ ନିବେଦନ କରିଥିଲେ। ଆର୍‌ଏସ୍‌ପି ଦୋକାନୀଙ୍କ ସମସ୍ୟା ଉପରେ ଅବଗତ ହୋଇ ବିଶ୍ରା ଛକ ଡିଏସପି ଅଫିସ ପାଖରେ ଥଇଥାନ ନିମନ୍ତେ ଜମି ଦେଲା। ଆରଏସପି ପକ୍ଷରୁ ମିଳିଥିବା ଥଇଥାନ ସ୍ଥଳୀ ଖାଲୁଆ ଥିଲା। ଏଣୁ ସମସ୍ତ ଖାଲୁଆ ସ୍ଥାନରେ ମାଟି ପୋତି ସମତୁଲ କରିବା ପାଇଁ ଲକ୍ଷାଧିକ ଟଙ୍କା ଚାନ୍ଦା କରି ସବୁ ଦୋକାନୀ ଉକ୍ତ ସ୍ଥାନକୁ ସମତୁଲ କରିଥିଲେ। ଏଥିସହ ସମସ୍ତ ଲୁହାଷ୍ଟଲ ମଧ୍ୟ ଆରଏସପି ଦେଇଥିବା ସ୍ଥାନକୁ ଆଣି ଅବସ୍ଥାପିତ କରିଥିଲେ। ମାତ୍ର ପରିତାପର ବିଷୟ ଆରଏସପି ସ୍ଥାନ ପ୍ରଦାନ କଲା ମାତ୍ର ଥଇଥାନ ନିମିତ ଯେଉଁସବୁ ବ୍ୟବସ୍ଥା ହେବା କଥା ତାହା ଆରଏମସି ପକ୍ଷରୁ କରାଯାଉ ନାହିଁ। ଆରଏସ୍‌ପିର କହିବା ମୁତାବକ ଆରଏମସିକୁ ଜମି ଦେଲୁ,ଏଣୁ ଉକ୍ତସ୍ଥାନର ଉନ୍ନତି କାର୍ଯ୍ୟ ଓ ଥଇଥାନ ମୂଳକ ବ୍ୟବସ୍ଥା ଆରଏମସି କରିବ। ସବୁ ଦୋକାନ ଅସଜଡା ହୋଇ ପଡିଛି। ମାର୍କିଙ୍ଗ ହେଉନି କି ସେଫ୍ଟି ବି ହେଉନାହିଁ। ୮ମାସ ହେଲାଣି ବନ୍ଦ ଥାଇ ମଧ ଦୋକାନ ଭଡା ଦୋକାନୀଙ୍କ ମୁଣ୍ଡରେ ବଢି ବଢି ଚାଲିଛି। ଏଯାଏଁ ନା ପାଣି ବ୍ୟବସ୍ଥା ନା ଲାଇଟର ବ୍ୟବସ୍ଥା କିଛି ବ୍ୟବସ୍ଥା ହେଉନାହିଁ। ଦୋକାନ ଚାଲିଲେ ଦୋକାନୀଙ୍କ ପରିବାର ଚଳେ ଓ ଭଡା ମଧ୍ୟ ପ୍ରଦାନ କରନ୍ତି। ମାତ୍ର ଦୋକାନ ନ ଖୋଲି ଏସବୁ କାର୍ଯ୍ୟ ନିର୍ବାହ କରିବା କଷ୍ଟକର। ଆରଏସ୍‌ପି କହୁଛି ଆମେ ଆରଏମସିକୁ ଜାଗା ଦେଇଛୁ ତାହା ଆରଏମସି ବୁଝିବ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ କହିଲେ ଠିକ ଅଛି ରୁହ ଦେଖୁଛୁ କହୁଛନ୍ତି। ନା ଆରଏମସି ଆମ ଦୁଃଖ ବୁଝୁଛି ନା ସ୍ଥାନୀୟ ଲୋକ ପ୍ରତିନିଧି ଦୁଃଖ ଶୁଣୁଛନ୍ତି। ଆଜକୁ ୮ମାସ ହୋଇଗଲା ଆମ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇ ଥିବାବେଳେ ପରିବାରର ଗୁଜରାଣ ମେଣ୍ଟାଇବା କଷ୍ଟକର ହୋଇପଡୁଛି ବୋଲି ଦୋକାନୀମାନେ କହିଛନ୍ତି। ଏଦିଗରେ ଆରଏସପି ଓ ଆରଏମସି ମିଳିତ ସହଭାଗି ରହି ସମସ୍ୟା ପରେ ଦୃଷ୍ଟି ଦେଇ ସମାଧାନ କରନ୍ତୁ ନଚେତ୍ ପରିବାର ରାସ୍ତାକୁ ଆସିଯିବେ ବୋଲି ଦୋକାନୀମାନେ ଉଲ୍ଲେଖ କରିଛନ୍ତି।

ଏନେଇ ଆରଏସପି ପକ୍ଷରୁ ଭେଣ୍ଡିଙ୍ଗ ଜୋନ ଦୋକାନୀଙ୍କ ଅଭିଯୋଗ ଭିତିହୀନ ଦର୍ଶାଯିବା ସହ ଦୋକାନ ନ ଖୋଲିଲେ ଆରଏମସି ଉନ୍ନୟନମୂଳକ କାର୍ଯ୍ୟ କରିବ ନାହିଁ ଦର୍ଶାଯାଇଛି। ଯେହେତୁ ଜମି ଆରଏସପି ଧିନା ଏଣୁ ଉକ୍ତ ଜମିରେ ଦୋକାନମାନ ଉପରେ ଭଡା ସୁନିଶ୍ଚିତ ରହିବା ଆରଏସପି ଜମି ଦେଇଛି। ଖୋଲିଲେ ନିଶ୍ଚିତ ଭାବେ ସମସ୍ତ ସୁବିଧା ମୂଳକ ଉନ୍ନୟନ କାର୍ଯ୍ୟ ଆରଏମସି କରିବ ବୋଲି କୁହାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଶିବରାମ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆରଏସ୍‌ପିକୁ ବିମାନ ବନ୍ଦର ସଟଲ ବସ ହସ୍ତାନ୍ତର



ପତାକା ଦେଖାଇ ଅତିଥିମାନେ ବସ୍ ସେବା ଶୁଭାରମ୍ଭ କରୁଛନ୍ତି।

ରାଉରକେଲା ଅଫିସ,୨୯।୫

ସୋମବାର ରାଉରକେଲା ବିମାନବନ୍ଦରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଜେନେରାଲ ମ୍ୟାନେଜର ଉତ୍ତମ କୁମାର ହାଜ୍ରା ଚୌଧୁରୀ ଏକ ବିମାନ ବନ୍ଦର ସଟଲ ବସ୍‌କୁ ଆରଏସପିର କାର୍ମିକ ଏବଂ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ଶତପଥିଙ୍କୁ ହସ୍ତାନ୍ତର କରିଛନ୍ତି। ସିଏସ୍‌ଆର ଯୋଜନା ଅଧିନ ଏସବିଆଇ ଦେଇଥିବା ଏହି ବସ୍ ବିମାନ ବନ୍ଦର ଟର୍ମିନାଲ ଏବଂ ବିମାନ ମଧରେ ଯାତ୍ରୀ ପରିବହନ ପାଇଁ ବ୍ୟବହୃତ ହେବ। ଏହି ଅବସରରେ କାର୍ଯ୍ୟକ୍ରମର ମୁଖ୍ୟଅତିଥି ପି.କେ ଶତପଥି ନିଜ ବକ୍ତବ୍ୟରେ ଏସବିଆଇ ଏହି ପଦକ୍ଷେପ ପାଇଁ ଓ ସାହାଯ୍ୟର ହାତ ବଢାଇ ଥିବାରୁ ଖୁସି ବ୍ୟକ୍ତ କରିଥିଲେ। ବିମାନବନ୍ଦର ବସ ପ୍ରବନ୍ଧନ ପାଇଁ ପ୍ରୟୋଜନୀୟ ପଦକ୍ଷେପ ନିମନ୍ତେ ଓଡିଶା ଏସବିଆଇ ସିଜିଏମ୍ ସିଏସ ଶର୍ମାଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଉତ୍ତମ କୁମାର ହାଜ୍ରା ଚୌଧୁରୀ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ଏସବିଆଇ ସମ୍ବଲପୁର ଶାଖା ଡିଜିଏମ୍ ମଦନ ମୋହନ ବାରିୟର ସମାବେଶରେ ସ୍ୱାଗତ, ଏସବିଆଇ ରାଉରକେଲା ଶାଖାର ଡିଜିଏମ ଅଜୟ କୁମାର ନାୟକ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ସହର ପ୍ରଶାସନ ଏବଂ ସିଏସଆର ବିଭାଗର ସିଜିଏମ ପି.କେ ସ୍ୱାଇଁ, ହସ୍ପିଟାଲ ପ୍ରଶାସନ, କ୍ରୀଡା ଓ ବିମାନ ବନ୍ଦର ବିଭାଗର ଜିଏମ୍ ଆର.କେ ବର୍ମା,ଏସବିଆଇ ରାଉରକେଲା ଆଞ୍ଚଳିକ ପ୍ରବନ୍ଧକ ଆଶିଷ କୁମାର ଘୋଷ, ଏସ୍‌ବିଆଇ ଟାଉନସିପ୍ ଶାଖା ଏଜିଏମ୍ ସରୋଜ କୁମାର ରାଉତ ଓ ଆରଏସ୍‌ପି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,ଏୟାର ପୋର୍ଟ ଅଥରିଟି ଅଫ ଇଣ୍ଡିଆ ଅନ୍ୟ ବରିଷ୍ଠ ଅଧିକାରୀ ମଧ ଉପସ୍ଥିତ ଥିଲେ। ବିମାନବନ୍ଦରରେ ସଟଲ ବସ ନିୟୋଜିତ କରିବାରେ ଏହି ସମସ୍ତ ପ୍ରକ୍ରିୟାକୁ ନିଜର କାର୍ଯ୍ୟକାଳରେ ସଂଯୋଜନା କରିଥିବା ଆରଏସପିର ପୂର୍ବତନ ପର୍ଟୋକଲ, ହସ୍ପିଟାଲିଟି ଏବଂ ସମାଜ କଲ୍ୟାଣ ବିଭାଗର ଜିଏମ୍ ବି.କେ ରାଉତଙ୍କୁ ଏ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିମାନବନ୍ଦର ସଟଲ ବସକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆରଏସ୍‌ପିର ସିଆରଏସ୍ ବିଭାଗର ସିନିୟର ଟେକ୍ନିସିଆନ ଅନୀଲ କୁମାର ମଲ୍ଲିକ ସଂଯୋଜନା କରିଥିଲେ।

# କଲ୍ୟାଣ ମଣ୍ଡପ ଡଷ୍ଟବିନ୍‌ରୁ ମିଳିଲା ଟଙ୍କା ଭର୍ତ୍ତି ପଲିଥିନ

ରାଉରକେଲା ଅଫିସ,୨୯।୫

ଗୋଟିଏ ନୁହେଁ କି ଦୁଇଟି ନୁହେଁ। ୫ ଶହ ଟଙ୍କାର କିଛି ବିଡ଼ା ପାଇଛନ୍ତି ଶକ୍ତିନଗର ବିଶ୍ୱକର୍ମା ବସ୍ତିରେ ରହୁଥିବା ଜଣେ ଜରିଗୋଟାଳୀ ଅନୀଲ ବଡ଼ାଇକ(୪୨)। ପ୍ରାୟ ୫ ଦିନ ପୂର୍ବେ ଦୈନନ୍ଦିନ ପରି ସେ କୁଡ଼ା ପଲିଥିନ ଗୋଟାଇବାକୁ ବାହାରିଥିଲେ। କୋଏଲନଗର କଲ୍ୟାଣ ମଣ୍ଡପ ନିକଟରେ ଥିବା ଏକ ଡଷ୍ଟବିନ୍‌ରୁ କୁଡ଼ାପଲିଥିନ ଅନ୍ୱେଷଣ କରୁଥିବା ବେଳେ ଅନୀଲଙ୍କୁ ମିଳିଥିଲା ଏକ ଟଙ୍କା ଭର୍ତ୍ତି ପଲିଥିନ୍। ସେ ଏହାକୁ ପଲିଥିନ ଭାବେ ଗୋଟାଇ ଆଣିଥିଲେ। ତେବେ ଘରକୁ ଆସି ସଂଗୃହୀତ ସାମଗ୍ରୀକୁ ସଜାଡ଼ି ରଖୁଥିବା ବେଳେ ଉକ୍ତ ପଲିଥିନରୁ ପୁଳା ପୁଳା ୫ ଶହ ଟଙ୍କିଆ ନୋଟ୍ ଖସିପଡ଼ିଥିଲା। ଚିରିଯାଇଥିବା ଭଳି ଅତ୍ୟନ୍ତ ଖରାପ ଅବସ୍ଥାରେ ନୋଟଗୁଡ଼ିକ ଥିଲା। ଏହାକୁ ନେଇ ସେ ବିଶ୍ୱକର୍ମା



ବସ୍ତିରେ କିଛି ଲୋକଙ୍କୁ ଜଣାଇଥିଲେ। ଶନିବାର ଅପରାହ୍ନରେ ୨ଜଣ ପୋଲିସ କର୍ମୀ ଆସି ଉକ୍ତ ଟଙ୍କା ପଲିଥିନକୁ ନେଇ ଯାଇଥିବା ଅନୀଲ ପ୍ରକାଶ କରିଛନ୍ତି। ଟଙ୍କା ଗୁଡ଼ିକ ନଷ୍ଟ ହୋଇଯାଇଥିବା ଯୋଗୁ ଏହାକୁ କଣ କରିଥାନ୍ତି ବୋଲି ଅନୀଲ କହିଥିଲେ। ବିଶ୍ୱକର୍ମା ବସ୍ତି ଅଞ୍ଚଳ ଆସୁଥିବା ସେକ୍ଟର-୩ ଥାନା ପୋଲିସ ଏ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବା କହିଛନ୍ତି। ସେହିପରି ଝିରପାଣି ଥାନା ପୋଲିସ ମଧ୍ୟ ଏ ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ତେବେ ଉକ୍ତ ଡଷ୍ଟବିନ୍ ଟଙ୍କା ମିଳିବା ଘଟଣା ରହସ୍ୟମୟ ହୋଇରହିଛି।

# ରୋଗୀ ସମ୍ପର୍କୀୟଙ୍କୁ ପଣା ବିତରଣ କଲା ମାନବାଧିକାର ସଂଘ



ଆରଜିଏଚରେ ପଣା ବିତରଣ କାର୍ଯ୍ୟକ୍ରମ।

ରାଉରକେଲା ଅଫିସ,୨୯।୫

ରାଉରକେଲା ସହରରେ ତାପାମାତ୍ରା ହୁହୁ ହୋଇ ବୃଦ୍ଧି ପାଉଛି। ସହରବାସୀଙ୍କୁ ଏହି ପ୍ରବଳ ଗରମରେ ପାନୀୟ ଜଳ ଏକମାତ୍ର ଆଶ୍ୱସ୍ତି ପ୍ରଦାନ କରୁଛି। ଏହିଭଳି ପ୍ରବଳ ଗ୍ରୀଷ୍ମ ସମୟରେ ଲୋକମାନେ ପାନୀୟ ଜଳ ସହିତ ବିଭିନ୍ନ ପ୍ରକାରର ଶିତଳ ପାନୀୟ ଦ୍ରବ୍ୟାଦି ସରବତ, ଲସି ଓ ଦହି ଆଦି ପିଇବାକୁ ଅଧିକ ପସନ୍ଦ କରୁଛନ୍ତି। ଲୋକଙ୍କର ସମୟକାଳୀନ ରୁଚିକୁ ଅନୁଭବ କରି ସୋମବାର ଆରଜିଏଚ୍ ଅନୁମୋଦନ କ୍ରମେ ଜିଲା ଅନ୍ତର୍ଜାତୀୟ ମାନବାଧିକାର ସଂଘ ତରଫରୁ ଆରଜିଏଚ୍‌ରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ସକାଳ ୮ଟାରୁ ଅପରାହ୍ନ ୪ଟା ଯାଏଁ ପଣା ବିତରଣ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ମାନବାଧିକାର ସଂଘର ସଭାପତି ମହମ୍ମଦ ପରୱେଜ, ଆରଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବ, ଚ୍ୟାମ୍ବର ଅଫ କମର୍ସ ସଭାପତି ସୁନୀଲ କୟାଲ, ଇସ୍ପାତ ମାର୍କେଟ ସଭାପତି ଶଙ୍କର ଜେନା ପ୍ରମୁଖ ସମ୍ମିଳିତ ହୋଇଥିଲେ। ଜିଲା ମାନବାଧିକାର ସଂଘର ସାବିତ୍ରୀ ସାହୁ, ନମିତା ରାଉତ, ଅରିଫ ଆଲମ୍, ମହମ୍ମଦ ସହିଦ, ତସଲିମ ଆଲମ,ବିଜୟ ନନ୍ଦ, ସୁନ୍ଦର ରାୟ, ସନ୍ତୋଷ କୁମାର ରାଉତ୍ ପ୍ରମୁଖ ସମସ୍ତଙ୍କୁ ପଣା ବିତରଣ କରିଥିଲେ।

# ଓଡ଼ିଶା ସୀମାନ୍ତ ଅଞ୍ଚଳରୁ ୫ ଆଇଇଡି ଜବତ

ରାଉରକେଲା ଅଫିସ,୨୯।୫

ଓଡ଼ିଶା ସୀମାବର୍ତ୍ତୀ ଟୋଂଟୋ ଥାନା ଓ ଗୋଇଲକେରା ଥାନା ଅଞ୍ଚଳରେ ସୁରକ୍ଷା ବଳଙ୍କ କୋମ୍ବିଂ ଅପରେସନ ଜାରି ରହିଥିଲା। ମାଓବାଦୀଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ହୋଇଥିବା ଏହି ଅପରେସନରେ ସୋମବାର ସକାଳ ସମୟରେ ଟୋଂଟୋ ଥାନା ତୁମ୍ବାହାକା ନିକଟରେ ଥିବା ପାହାଡ଼ିଆ ସ୍ଥାନରେ ସୁରକ୍ଷାବଳଙ୍କ କ୍ଷତି ପାଇଁ ଖଞ୍ଜା ଯାଇଥିବା ୪ଟି ଆଇଇଡି ଠାବ କରାଯାଇଥିଲା। ଏହାକୁ ତତ୍କାଳ ନଷ୍ଟ କରାଯାଇଥିବା ବେଳେ ଗୋଇଲକେରା ଅଞ୍ଚଳରେ ଛୋଟା କୁଇଡ଼ାରୁ ମାରାଦିରିକୁ ସଂଯୋଗ କରୁଥିବା ଆଇଇଡି ଖଞ୍ଜାଯାଇଥିବା ଦେଖାଯାଇଥିଲା। ଏହାକୁ ତୁରନ୍ତ ନଷ୍ଟ କରାଯାଇଥିଲା। ସ୍ଥାନୀୟ ପୋଲିସ ସହ ଚାଇଁବାସା ପୋଲିସ, ସିଆରପିଏଫ୍ ଓ ଅନ୍ୟମାନେ ଏହାକୁ ଠାବ କରିଥିଲେ। ଏ ନେଇ ସିଆରପିଏ୍‌ଫ ପକ୍ଷରୁ ସୂଚନା ମିଳିଛି।

# ସମ୍ବଲପୁରକୁ ହରାଇ କଟକ ଚାମ୍ପିୟନ

ରାଉରକେଲା ଅଫିସ,୨୯।୫

ଛେଣ୍ଡ ସ୍ଥିତ ବ୍ରାଇଟଲାଇନ ୱେଲଫେୟାର କମିଟି ପକ୍ଷରୁ ରାଉରକେଲା କବାଡି ପ୍ରିମିୟର ଲିଗ୍ ରବିବାର ରାତିରେ ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନି ଉତ୍ସବରେ ସମାଜସେବୀ ହରିହର ରାଉତରାୟ, ଦୀପକ ଗୋମାଙ୍ଗେ, ଅଭିନାଶ ପ୍ରଧାନ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ସମ୍ବଲପୁର ସହ କଟକ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ କଟକ ଦଳ ସମ୍ବଲପୁର ଦଳକୁ ୯ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ କଟକ ଦଳକୁ ୧୧ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚରେ ରେଫରି ଭାବେ ପି.କେ ଦଳାଇ, ବି.କୁମାର, ଏସ.କେ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାକୁ କମିଟିର ସଭାପତି ଜେଷ୍ଟିଲ ପରିଡା ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ କଳାପରିଷଦର ନୃତ୍ୟୋତ୍ସବ

ରାଉରକେଲା ଅଫିସ,୨୯।୫




କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମମନ୍ତ୍ରୀ ଓ ଅତିଥି।

ସେକ୍ଟର-୧୯ ସିଭିକ ସେଣ୍ଟର ଠାରେ ନୃତ୍ୟାନୁଷ୍ଠାନ ଶ୍ରୀ ଜଗନ୍ନାଥ କଳାପରିଷଦ ପକ୍ଷରୁ ୨ଦିବସୀୟ ରାଜ୍ୟସ୍ତରୀୟ ନୃତ୍ୟୋତ୍ସବ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ଆରଏସପି ପ୍ରାକ୍ତନ ଅଧିକାରୀ ଚନ୍ଦ୍ରଶେଖର ଶତପଥୀ, ସମାଜସେବୀ କଳ୍ପନା ଶତପଥୀ, ବବିତା ମହାନ୍ତି, ଆଇନଜୀବୀ ଆନନ୍ଦ ଅଗ୍ରୱାଲ, ପ୍ରାକ୍ତନ ଆରଏସପି ଅଧିକାରୀ କୁମାର ବେହେରା, ରୋଟାରିଆନ ଗୌରୀ ନାଗ ପ୍ରମୁଖ ଯୋଗଦେଇଥିଲେ। ମ୍ୟୁଜିକ ସର୍କଲ, ମାନ୍ୟତା ଡ୍ୟାନ୍ସ ଗ୍ରୁପ, ଦି ଟ୍ୟାଲେଣ୍ଟେଡ୍ ଡ୍ୟାନ୍ସ ଗ୍ରୁପ, ତ୍ରିବେଣୀ କଳାପରିଷଦ, ଶ୍ରୀଡ୍ୟାନ୍ସ ଏକାଡ଼େମୀ, ଲିଟିଲ ଷ୍ଟାର ଡ୍ୟାନ୍ସ ଗ୍ରୁପ, ନୀତିନ ଡ୍ୟାନ୍ସ ଗ୍ରୁପ, ହରିଓମ ଡ୍ୟାନ୍ସ ଗ୍ରୁପ, ସେରାୱାଲି ଡ୍ୟାନ୍ସ ଗ୍ରୁପ, ମାଆଲୋ ମାଆ ଡ୍ୟାନ୍ସ ଗ୍ରୁପ ଓ କବିଚନ୍ଦ୍ର ଡ୍ୟାନ୍ସ ଗ୍ରୁପ ଆଦି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶ୍ରମମନ୍ତ୍ରୀ ଶାରଦା ନାୟକ, ଓଡ଼ିଶା ନାଟକେ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ, ନାଟ୍ୟକାର ଡା. ସମର ମୁଦାଲି, ସମାଜସେବୀ କମଳ ଅଗ୍ରୱାଲ, ଅନୀତା ଅଗ୍ରୱାଲ, ଓମି ସିଂ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅନୀଲ ମଲ୍ଲିକ ପରିଚାଳନା କରିଥିବା ବେଳେ ପୂଜା ସେନାପତି, ଦିନେଶ ନନ୍ଦ, ଅନୁଷ୍ଠାନର ନୃତ୍ୟ ନିର୍ଦ୍ଦେଶିକା ପୁଷ୍ପା ମିଶ୍ର ଉପସ୍ଥାପନା କରିଥିଲେ। ସାଧାରଣ ସମ୍ପାଦିକା ସବିତା ମିଶ୍ର, ଉପଦେଷ୍ଟା ଗ୍ରେସୀ ଡେଭିଡ୍, ରୁଦ୍ର ପ୍ରଧାନ, ଆକାଶ ମୁନୀ, ଲିପସା ଜେନା, ଅନୀତା ଦାସ, ସମ୍ପଦା ବେହେରା, ଦେବସ୍ମିତା ପଟ୍ଟନାୟକ, ଏକତା ବାର୍ଲା, ସସ୍ମିତା ପ୍ରଧାନ, ଡଲି ସାହୁ, ନେହା ସ୍ନେହା ସୋନୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଧନେଶ, ଗୋବିନ୍ଦ କାର୍ତ୍ତିକ, ସୁବାସ, ଦେବାଶିଷ ଓ ପ୍ରତିକ ମିଶ୍ର ସହଯୋଗ କରିଥିଲେ।

# ଜାଗା ମିଶନରେ ଶୀଘ୍ର ଆବଣ୍ଟନ ହେବ ଜମିପଟ୍ଟା

ରାଉରକେଲା ଅଫିସ,୨୯।୫




ଜାଗା ମିଶନରେ ଘୋଷିତ ଶକ୍ତିନଗରସ୍ଥିତ ଗିରିଜାଟୋଲି ବସ୍ତି।

ରାଉରକେଲା ମହାନଗରନିଗମ ଅଞ୍ଚଳରେ ଅତି ଶୀଘ୍ର ବସ୍ତିବାସୀଙ୍କୁ ସ୍ଥାୟୀ ଜମି ପ୍ରଦାନ କରାଯିବା ଲାଗି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ୨୦୧୭ ମସିହା ଓଡ଼ିଶା ଲ୍ୟାଣ୍ଡ ରାଇଟସ୍ ଡୁୱେଲର ଆକ୍ଟ ଅନୁଯାୟୀ ସହରାଞ୍ଚଳରେ ଥିବା ବସ୍ତିବାସୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଜମି ଆବଣ୍ଟନ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଏ ନେଇ ପ୍ରଥମ ପର୍ଯ୍ୟାୟରେ ସର୍ଭେ ଚୂଡ଼ାନ୍ତରେ ପହଞ୍ଚିଛି। ରାଉରକେଲା ମହାନଗରନିଗମ ଅଞ୍ଚଳରେ ଥିବା ପ୍ରାୟ ୧୫୦ ରୁ ଊର୍ଦ୍ଧ୍ୱ ବସ୍ତିମାନଙ୍କରେ ଏହି ସର୍ଭେ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଉରକେଲା ଇସ୍ପାତ କାରଖାନା ଅଧୀକୃତ ଶିଳ୍ପାଞ୍ଚଳ ଓ ରେଳବାଇ ଅଧୀକୃତ ବନ୍ଧମୁଣ୍ଡା ସମେତ ବିଭିନ୍ନ ଅଞ୍ଚଳକୁ ବାଦ ଦେଇ ଆରଏମସିର ୬୦ରୁ ଊର୍ଦ୍ଧ୍ୱ ବସ୍ତିରେ ସ୍ଲମ ଡୁୱେଲର୍ସ ଆସୋସିଏଟମାନେ ବସ୍ତିବାସୀଙ୍କ ତଥ୍ୟ ପ୍ରମାଣ ଓ ଆନସଙ୍ଗିକ ନିୟମ ଅନୁଧ୍ୟାନ କରି ସର୍ଭେ ଜାରି ରଖିଛନ୍ତି। ଏଥିରେ ଯୋଗ୍ୟ ବିବେଚିତ ଲୋକେ ଅତିଶୀଘ୍ର ସ୍ଥାୟୀ ଜମିପଟ୍ଟା (ଲ୍ୟାଣ୍ଡ ରାଇଟସ୍ ସାର୍ଟିଫିକେଟ)ପାଇବେ। ଏହି ସମ୍ପର୍କରେ ଆରଏମସି ଉପାୟୁକ୍ତ ଗୌରବମୟ ପ୍ରଧାନ ସୂଚନା ଦେଇଛନ୍ତି। ଉପାୟୁକ୍ତ ପ୍ରଧାନଙ୍କ ସୂଚନା ଅନୁଯାୟୀ,ଅର୍ଥନୈତିକ ଦୁର୍ବଳ ବର୍ଗଙ୍କ ପାଇଁ ଏହି ଜମିପଟ୍ଟା ପ୍ରତିବଦଳରେ ୫ ପ୍ରତିଶତ ପ୍ରିମିୟମ ଦେବେ। ସାଧାରଣ ଆୟ ବର୍ଗରେ ୧୦ ପ୍ରତିଶତ ମୂଲ୍ୟ ପ୍ରିମିୟମ ବ୍ୟବସ୍ଥା ରହିଛି। ଜିଲାରେ ଜମି ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଦେୟ ପ୍ରଦାନ କରିବା ବାଧତାମୂଳକ ରହିଛି। ପ୍ରତ୍ୟେକ ଯୋଗ୍ୟ ଜମିପଟ୍ଟା ପାଇଁ ବସ୍ତିବାସୀଙ୍କୁ ୩୦-୪୫ ବର୍ଗ ମିଟର ଜମିପ୍ରଦାନ କରାଯିବ ସରକାରଙ୍କ ପକ୍ଷରୁ। ବସ୍ତି ଅଞ୍ଚଳରେ ଧାର୍ଯ୍ୟ ଯାଗକୁ ବାଦ ଦେଲେ ଅନେକ ଜମି ଜବରଦଖଲ ହୋଇରହିଛି। ଯାହାକି ଏହି ଯୋଜନାରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଅପରପକ୍ଷରେ, ଆରଏସପି ଓ ରେଳବାଇ ଅଧୀକୃତ ଜମି ଉପରେ ଅନେକ

### ପ୍ରଥମ ପର୍ଯ୍ୟାୟରେ ଉପକୃତ ହେବେ ୬୦ ବସ୍ତିବାସୀ

ବସ୍ତି ରହିଛି। ଏଥିରେ ବସ୍ତିବାସୀ ଏହାର ସୁବିଧା ପାଇବେ ନାହିଁ। ଉକ୍ତ ଜମିଗୁଡ଼ିକର ମାଲିକାନା ଆରଏସପି ଓ ରେଳବାଇ ନିକଟରେ ଥିବାବେଳେ ନିଷ୍ପତ୍ତିନେବା ମଧ୍ୟ ସେମାନଙ୍କର ଅଧିକାର ଅନ୍ତର୍ଭୁକ୍ତ ରହିଛି ବୋଲି କହିଥିଲେ। ସୂଚନାଯୋଗ୍ୟ ଜାଗା ମିଶନ ଜରିଆରେ ବସ୍ତିଗୁଡ଼ିକୁ ସ୍ଥାୟୀ ନିବାସରେ ରୂପାନ୍ତରଣ କରି ଆଦର୍ଶ କଲୋନୀରେ ପରିଣତ କରିବା ବ୍ୟବସ୍ଥା ରହିଛି। ୨୦୨୧ ମସିହାରେ କିଷନଟୋଲା, ଝୁଲୁଝୁଟୋଲି, ଗରହାଟୋଲା, ମନଟୋଲା, ଚମ୍ପାଟୋଲା, ପାନପୋଷ ବସ୍ତି ଆଦିରେ ଯାଗାମିଶନ ସୌନ୍ଦର୍ଯ୍ୟକରଣ, ପାନୀୟଜଳ, ପାଠାଗାର, ଶୌଚାଳୟ ଆଦି ନିର୍ମାଣ କରାଯାଇଛି। ଆରଏମସିରେ ଏହି ପ୍ରଥମ ପ୍ରୟାସରେ କୋଏଲନଗର, ଶକ୍ତିନଗର, ବାସନ୍ତୀକଲୋନୀ, ଛେଣ୍ଡ, ସିଭିଲଟାଉନସିପ ସମେତ ଅନ୍ୟ ଅଞ୍ଚଳରେ ଥିବା ବସ୍ତିଗୁଡ଼ିକରେ ସର୍ଭେ କରାଯାଉଛି।

# ଆକୃଷ୍ଟ କରାଉଛି ଆକର୍ଷଣୀୟ ଅଫର

- ଜୁନ୍ ୪ ପର୍ଯ୍ୟନ୍ତ ଜାରି ରହିବ ମେଳା
- ୧୧ ଦିନରେ ଗ୍ଲୋବାଲ ବିଜ୍‌ନେସ କାର୍ନିଭାଲ




**ଭୁବନେଶ୍ୱର,୨୯।୫**

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱର ଜନତା ମଇଦାନ ଠାରେ ୮ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ସାଙ୍ଗକୁ ଗ୍ଲୋବାଲ ବିଜନେସ୍ କାର୍ନିଭାଲ ଆୟୋଜିତ ହେଉଛି। ଉଲ୍ଲେଖଯୋଗ୍ୟ ୨୦୨୩ ମେ ୧୯ରୁ ୨୯ ପର୍ଯ୍ୟନ୍ତ ଉକ୍ତ ମେଳାର ଆୟୋଜନ ହୋଇଥିବା ବେଳେ ବର୍ତ୍ତମାନ ସମୟର ପାଗ ଓ ଗ୍ରାହକଙ୍କ ଚାହିଦା ଏବଂ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ଉକ୍ତ ମେଳା ଆଉ ୬ ଦିନ ବଢାଇ ଦିଆଯାଇଛି। ଫଳରେ ଉକ୍ତ ମେଳା ମେ ୨୯ ପରିବର୍ତ୍ତେ ଜୁନ୍ ୪ ତାରିଖ ଦିନ ଶେଷ ହେବ ବୋଲି ଆୟୋଜକ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ସୁଜିତ ଗୁପ୍ତା ଓ ନିର୍ଦ୍ଦେଶିକା ପାୟଲ ଗୁପ୍ତା ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ବିଶେଷ କରି ଗୋଟିଏ ସ୍ଥାନରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସାମଗ୍ରୀ ସାଙ୍ଗକୁ ସ୍ୱଦେଶୀ ସାମଗ୍ରୀ ମଧ୍ୟ ଉପଲବ୍ଧ ହେଉଥିବାରୁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ରହୁଛି। ଏପରିକି ସବୁ ବର୍ଗର ଗ୍ରାହକ ମେଳାରେ କିଣାକିଣି ଓ ମନୋରଞ୍ଜନ ସହିତ ଭଳିକି ଭଳି ଖାଦ୍ୟର ମଧ୍ୟ ମଜା ଉଠାଉଛନ୍ତି।

ଅପରପକ୍ଷରେ ମେଳା ପରିସରରେ ମୋଟ ୧୩ଟି ଏସି ହ୍ୟାଙ୍ଗର ଉପଲବ୍ଧ ରହିଛି। ପ୍ରତି ହ୍ୟାଙ୍ଗରରେ ଉଭୟ ଓ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବ୍ୟବସାୟୀ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷ କରି ବାଂଲାଦେଶୀ ଶାଢ଼ି, ଦୁବାଇ ସୁଟ, ଥାଇଲାଣ୍ଡ କୁର୍ତ୍ତି ଓ ମହିଳା ଉପାଦାନ ସହ ଆଫଗାନିସ୍ତାନର ଶୁଷ୍କ ଓ ବିଭିନ୍ନ ପ୍ରକାରର ଡ୍ରାଏ ଫ୍ରୁଟ୍‌ସ ଓ କେରଳର ବାନାନା ଚିପ୍ସ, ଇରାନି କାର୍ପେଟ ଏବଂ ଡିଜାଇନର ଲାଇଟ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ସେହିଭଳି ମାଲେସିଆର ଜଳ ଫୁଆରା ସମେତ ବିଭିନ୍ନ ପ୍ରକାରର ଘର ସାଜସଜ୍ଜା ଓ ଆସବା ପତ୍ରର ବିସ୍ତୃତ ଚାହିଦା ସାଙ୍ଗକୁ ହାଇଦ୍ରାବାଦର ଫ୍ୟାନ୍ସି ଫର୍ନିଚର ଓ କୋଲକାତାର ସୋଫା-ବେଡର ଆକର୍ଷଣୀୟ ଡିଜାଇନ ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସୁଛି। ଏପରିକି ଆସାମରୁ ଆସିଥିବା ଡିଜାଇନର ବାମ୍ବୁ କ୍ରକରୀ ଓଜନରେ ବିକ୍ରି ହେଉଥିବାରୁ ଗ୍ରାହକମାନେ କାମ ଦାମରେ ଅଧିକ ସାମଗ୍ରୀ ପାଇପାରୁଛନ୍ତି। ସେହିପରି ରାଜସ୍ଥାନରୁ ଆସିଥିବା ଡିଜାଇନର ଓ ଫ୍ୟାନ୍ସି ଗାର୍ମେଣ୍ଟ, ଦିଲ୍ଲୀ ଓ ପଞ୍ଜାବର ସର୍ବପୁରାତନ ସାମଗ୍ରୀର ସମ୍ଭାର ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଛି, ଭାଗଲପୁର୍, ହରିୟାଣା, କେରଳର ବିଭିନ୍ନ ଆସବାବପତ୍ରଗୁଡ଼ିକ ମେଳାର ଭିଡକୁ ଦ୍ୱିଗୁଣିତ କରାଉଛି।

ସୂଚନାଯୋଗ୍ୟ, ଉକ୍ତ ମେଳା ପରିସରରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ଓଡ଼ିଆ ଚଳଚ୍ଚିତ୍ରର ପ୍ରୋମୋସନ କରାଯାଉଛି। ବିଶେଷ କରି ରିଲିଜ ହେବାକୁ ଥିବା ବା ନିକଟରେ ରିଲିଜ ହୋଇଥିବା ଓଡ଼ିଆ ସିନେମାର କଳାକାରମାନଙ୍କୁ ନେଇ ଉକ୍ତ ମଞ୍ଚରେ ସମ୍ପୃକ୍ତ ସିନେମାର ପ୍ରଚାର ପ୍ରସାର କରାଯାଉଛି। ମେଳାର ୧୦ମ ସନ୍ଧ୍ୟାରେ ଜିତେଶ ପରିଡ଼ାଙ୍କ ନିର୍ଦ୍ଦେଶନାରେ ନିର୍ଦ୍ଦେଶିତ ଟି-ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

## ବହୁବିଧ ବିଶ୍ୱବିଦ୍ୟାଳୟ ଭାବେ ସୋଆ ସମ୍ମାନିତ



**ଭୁବନେଶ୍ୱର,୨୯।୫**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଶନିବାର ଏଜୁକେଶନ୍ ୱାର୍ଲ୍ଡ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ସୋଆକୁ 'ବହୁବିଧ ବିଶ୍ୱବିଦ୍ୟାଳୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ବିଶେଷ କରି ଏଜୁକେଶନ୍ ୱାର୍ଲ୍ଡ ପକ୍ଷରୁ ପ୍ରଦାନ କରାଯାଇଥିବା ଉକ୍ତ ସମ୍ମାନ ଏବଂ ତଥ୍ୟ ଅନୁଯାୟୀ ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଏକ ନମ୍ବର ଏବଂ ଦେଶର ୧୪ ତମ ସ୍ଥାନରେ ସ୍ଥାନିତ ହୋଇଛି। ସେହିଭଳି ସୋଆକୁ 'ଏଗ୍‌ଜେମ୍ପ୍ଲାରୀ ରିସର୍ଚ୍ଚର ଅଫ୍ ଦ ଇୟର୍' (ଚଳିତ ବର୍ଷର ଉଦାହରଣାତ୍ମକ ଗବେଷକ) ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି। ଏପରିକି ଗବେଷଣା କ୍ଷେତ୍ରରେ ସୋଆ ଓଡ଼ିଶାରେ ପ୍ରଥମ ଓ ଦେଶରେ ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ପ୍ରୀତମ ନାୟକ ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଜୁକେଶନ୍ ୱାର୍ଲ୍ଡର ପ୍ରକାଶକ ଓ ସମ୍ପାଦକ ଦିଲ୍ଲୀପ ଠାକୋରଙ୍କଠାରୁ ଉକ୍ତ ସମ୍ମାନ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆସୋସିଏଶନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍‌ର ଡେପୁଟି ଡାଇରେକ୍ଟର (ଇଭାଲୁଏଶନ୍) କୁଲଦୀପ ଡଗର ଏବଂ ଆଫେୟାର୍ସ ଏଗ୍‌ଜିଭିଶନ୍ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ବୋଲିଆ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫୦ କୋଟିର ଟିପିଭି ପ୍ରକ୍ରିୟାକରଣ

**ଭୁବନେଶ୍ୱର,୨୯।୫**

ଦେଶର ପ୍ରମୁଖ ଆର୍ଥିକ ସେବା ପ୍ରଦାନକାରୀ ଡିଜିଟାଲ ପ୍ଲାଟଫର୍ମ ଫୋନ୍‌ପେ ନିକଟରେ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଥିବା ଜଣାପଡିଛି। ବିଶେଷକରି ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ ସହ ଦୁଇ ଲକ୍ଷ ରୁପେ କ୍ରେଡିଟ କାର୍ଡକୁ ସଫଳତାର ସହ ସଂଯୋଗ କରିବାରେ ଫୋନ୍‌ପେ ପ୍ରଥମ ଡିଜିଟାଲ ପେମେଣ୍ଟ ଆପ୍‌ରେ ପରିଣତ ହୋଇଛି। ସେହିଭଳି ଫୋନ୍‌ପେ ୟୁପିଆଇ ଜରିଆରେ ରୁପେ କ୍ରେଡିଟ ମାଧ୍ୟମରେ ୧୫୦ କୋଟି ଟଙ୍କାର ମୋଟ୍ ପେମେଣ୍ଟ ମୂଲ୍ୟ (ଟିପିଭି) ମଧ୍ୟ ପ୍ରକ୍ରିୟାକରଣ କରିଛି। ଏପରିକି ଏନପିସିଆଇ ସହଭାଗିତାରେ ଫୋନ୍‌ପେ ୟୁପିଆଇରେ ରୁପେ କ୍ରେଡିଟ ପାଇଁ ବ୍ୟାପକ ଶ୍ରେଣୀର ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଫୋନ୍‌ପେର ଉପାଧ୍ୟକ୍ଷ (ଉପଭୋକ୍ତା ପ୍ଲାଟଫର୍ମ ଏବଂ ପେମେଣ୍ଟ୍ସ) ସୋନିକା ଚନ୍ଦ୍ରା କହିଛନ୍ତି, ଆମେ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ) ସହିତ ସହଭାଗିତା କରି ଏକ ବିରଳ ରେକର୍ଡର ଅଧିକାରୀ ହୋଇପାରିଛୁ। ଏପରିକି ୟୁପିଆଇ ଜରିଆରେ ୨ଲକ୍ଷ ରୁପେ କ୍ରେଡିଟ କାର୍ଡ ସଂଯୋଗ କରିବାରେ ପ୍ରଥମ ପେମେଣ୍ଟ ଆପ୍ ହୋଇଥିବାରୁ ବେଶ ଉତ୍ସାହୀ ମଧ୍ୟ ଅଛୁ। ସେହିଭଳି ଆମର ବିଶ୍ୱାସ ରହିଛି ଯେ ୟୁପିଆଇ ଜରିଆରେ ରୁପେ କାର୍ଡ ଏହି ଇକୋସିଷ୍ଟମରେ କ୍ରେଡିଟର ଉପଲବ୍ଧତା ଏବଂ ବ୍ୟବହାରରେ ପରିବର୍ତ୍ତନ ଆଣିବ। ଏପରିକି ଆମେ ବ୍ୟାପକ ସମାଧାନ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ମଧ୍ୟ ରହିଛୁ, ଯାହା ଆମର ଗ୍ରାହକ ଏବଂ ବ୍ୟବସାୟୀମାନଙ୍କର ପରିବର୍ତ୍ତିତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବ।

## ଆଜିଓର 'ବିଗ୍ ବୋଲ୍ଡ ସେଲ୍'

**ଭୁବନେଶ୍ୱର,୨୯।୫**

ଦେଶର ପ୍ରମୁଖ ଇ-କମର୍ସ ତଥା ପ୍ରିମିୟର ଫେଶନ ଇ-ଟେଲର ଆଜିଓ ପକ୍ଷରୁ ବ୍ରାଣ୍ଡର ଫ୍ଲାଗଶିପ୍ ଇଭେଣ୍ଟ 'ବିଗ୍ ବୋଲ୍ଡ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେଲ ୨୦୨୩ ଜୁନ୍ ୧ରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ଆରମ୍ଭ ହେଉଛି। ବିଶେଷ କରି ଏହାର ଗ୍ରାହକମାନେ ପ୍ରତିଦିନ ୬ ଘଣ୍ଟା ପୂର୍ବରୁ ପ୍ରାରମ୍ଭିକ ଆକ୍ସେସର ସୁବିଧା ପାଇପାରିବେ, ଯାହାକି ୨୦୨୩ ମେ ୨୮ ଠାରୁ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ବିଗ୍ ବୋଲ୍ଡ ସେଲ୍ (ବିବିଏସ)ର ସର୍ବବୃହତ ସଂସ୍କରଣରେ ଗ୍ରାହକମାନେ ୫୦୦୦ରୁ ଅଧିକ ବ୍ରାଣ୍ଡର ସାମଗ୍ରୀ ସୁଲଭ ମୂଲ୍ୟରେ କିଣାକିଣି କରିପାରିବେ। ସେହିଭଳି ଉକ୍ତ ସେଲ ଜରିଆରେ ୧.୩ ମିଲିୟନ୍‌ର ଆକର୍ଷଣୀୟ ଫେଶନ ଷ୍ଟାଇଲ ଉପଲବ୍ଧ।




ଅପରପକ୍ଷରେ ସାରା ଭାରତରେ ଥିବା ବିବିଏସର ୧୯,୦୦୦+ ପିନ୍ କୋଡ୍‌ର ଗ୍ରାହକମାନଙ୍କୁ ଉକ୍ତ ସୁବିଧା ବ୍ରାଣ୍ଡ ଯୋଗାଇ ଦେବ। ଫଳରେ ଗ୍ରାହକମାନେ ମଧ୍ୟ ଏଥିରେ ଅଧିକ ସଞ୍ଚୟ କରିପାରିବେ ଓ ଟପ୍ ବ୍ରାଣ୍ଡ ଓ ବର୍ଗ ଉପରେ ୫୦ରୁ ୯୦% ପର୍ଯ୍ୟନ୍ତ ରିହାତି ମଧ୍ୟ ପାଇପାରିବେ। ଯେଉଁଥିରେ ମଧ୍ୟ ଏସବିଆଇ କ୍ରେଡିଟ୍ ଓ ଡେବିଟ୍‌କାର୍ଡ଼ରେ ୧୦%ର ଅତିରିକ୍ତ ଡିସ୍‌କାଉଣ୍ଟ ସୁବିଧା ରହିଛି।

ଏ ସମ୍ପର୍କରେ ଆଜିଓର ସିଇଓ ବିନୀତ ନାୟାର କହିଛନ୍ତି, ଗତ ସଂସ୍କରଣଗୁଡ଼ିକରେ ଆଜିଓ ବିଗ୍ ବୋଲ୍ଡ ସେଲ୍ ଭାରତର ପ୍ରିୟ ଫେଶନ କାର୍ଯ୍ୟକ୍ରମ ଓ ଆମର ଗ୍ରାହକମାନେ ଏହାକୁ ବହୁତ ପସନ୍ଦ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ।

## ଅଣ କାର୍ଯ୍ୟକାରୀ ସମ୍ପତ୍ତି ପରିଚାଳନାରେ ବିଓଏମ୍ ସର୍ବୋତ୍ତମ

**ଭୁବନେଶ୍ୱର,୨୯।୫**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) କ୍ରମାଗତ ଭାବେ ଅଣକାର୍ଯ୍ୟକାରୀ ସମ୍ପତ୍ତି ପରିଚାଳନା କ୍ଷେତ୍ରରେ ସର୍ବୋତ୍ତମ ସ୍ଥାନ ହାସଲ କରିଛି, ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କର ଏନ୍‌ପିଏ ୦.୨୫% ହ୍ରାସ ପାଇବା ସହ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ୍ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ପରିଗଣିତ ହୋଇଛି। ସେହିଭଳି ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ ସଂଖ୍ୟା ଅନୁଯାୟୀ କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ନୁହେଁ, ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିବା ସମସ୍ତ ବ୍ୟାଙ୍କ ମଧ୍ୟରେ ବିଓଏମ ସର୍ବନିମ୍ନ ଅନୁପାତ ଅଟେ। ବିଶେଷ କରି ବିଓଏମ୍‌ର ପ୍ରୋଭିଜନ କଭରେଜ ଅନୁପାତ ୯୮.୨୮% ରହିଛି। ଫଳରେ ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର ୧୮.୧୪% ରହିଥିବା ବେଳେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ ସର୍ବାଧିକ ସ୍ତରରେ ରହିଛି। ଅପରପକ୍ଷରେ ବ୍ୟାଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଋଣ ଅଭିବୃଦ୍ଧି ଦୃଷ୍ଟିରୁ ବାର୍ଷିକ ୨୯.୪୯% ବୃଦ୍ଧି ରେକର୍ଡ କରି ବ୍ୟବସାୟିକ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ ଶୀର୍ଷ ସ୍ଥାନ ବଜାୟ ରଖିଛି। ଏପରିକି ସ୍ୱଳ୍ପ ମୂଲ୍ୟର ସଞ୍ଚୟ ଆକାଉଣ୍ଟ ଏବଂ ଚଳନ୍ତି ଆକାଉଣ୍ଟ (କାସା) କ୍ଷେତ୍ରରେ ମଧ୍ୟ ବିଓଏମ ୫୩.୩୮% ଅଭିବୃଦ୍ଧି ସହିତ ଶୀର୍ଷରେ ରହିଛି।

**ଫୁର୍‌ସତ୍**

# ମାଉଣ୍ଟ ଏଭରେଷ୍ଟ ଏବେ ଅଳିଆରେ ଭର୍ତ୍ତି

**ନୂଆଦିଲ୍ଲୀ**



ବରଫ ଚଦରରେ ଆଚ୍ଛାଦିତ ବିଶ୍ୱର ସବୁଠୁ ଉଚ୍ଚ ପର୍ବତ, ତାହା ବର୍ତ୍ତମାନ ଅଳିଆରେ ଭର୍ତ୍ତି ହେଉଛି। ଯେଉଁଠାରେ ଦେଖିବ କେବଳ ଅଳିଆ ହିଁ ଅଳିଆ ଦେଖିବାକୁ ମିଳିବ। ନଷ୍ଟ କ୍ୟାମ୍ପ, ଖାଲି ଅମ୍ଳଜାନ ସିଲିଣ୍ଡର, ଫୁଡ୍ କଣ୍ଟେନର ଆଦି ପର୍ବତରେ ପଡ଼ିଥିବା ଦେଖିବାକୁ ମିଳୁଛି। ୭୦ ବର୍ଷ ପୂର୍ବରୁ ମେ ୨୯ରେ ତେନଜିଂ ନୋର୍ଗେ ଏବଂ ଏଡ୍‌ମଣ୍ଡ ହିଲାରି ପ୍ରଥମ ଭାବେ ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତ ମାଉଣ୍ଟ ଏଭରେଷ୍ଟ ଶିଖରରେ ପହଞ୍ଚି ଇତିହାସ ରଚିଥିଲେ। ଏହା ପରଠାରୁ ପ୍ରତିବର୍ଷ ଅନେକ ଲୋକ ଏଭରେଷ୍ଟ ଚଢୁଛନ୍ତି। ହେଲେ ସେମାନେ ପରିବେଶ ପ୍ରତି ବିଲ୍‌କୁଲ ସତର୍କ ନୁହନ୍ତି। ନ୍ୟାଶନାଲ ଜିଓଗ୍ରାଫିକ୍ ରିପୋର୍ଟ ଅନୁସାରେ, ସମୁଦ୍ର ପତ୍ତନଠାରୁ ୮୮୪୮.୮୬ ମିଟର ଉଚ୍ଚତାରେ ଥିବା ଏଭରେଷ୍ଟକୁ ଯାଉଥିବା ପ୍ରତ୍ୟେକ ପର୍ବତାରୋହୀ ସେଠାରେ ୮ କିଲୋ ଅଳିଆ ଉତ୍ପନ୍ନ କରୁଛନ୍ତି। ଅଳିଆକୁ ସେଠାରୁ ହଟାଇବା ମଧ୍ୟ କଷ୍ଟକର। ଏଭରେଷ୍ଟ ବାବଦରେ ବିଶ୍ୱକୁ ଖବର ଦେଉଥିବା ଟୁଇଟର ଆକାଉଣ୍ଟ ରବିବାର ଏକ ଭିଡିଓ ପୋଷ୍ଟ କରିଛି; ଯାହାକି ବେଶ୍ ଭାଇରାଲ ହେଉଛି। ଯେଉଁଠାରେ ପର୍ବତାରୋହୀ ବ୍ୟବହୃତ କରିଥିବା ଜିନିଷ ଅଳିଆ ଭାବେ ପଡ଼ିଥିବା ଦେଖିବାକୁ ମିଳିଛି। କ୍ୟାପ୍ସନରେ ଲେଖାଯାଇଛି, ମଣିଷ ଯେତେ ଉଚ୍ଚକୁ ଅଧିକାର କରିଥିଲେ ମଧ୍ୟ ପ୍ରକୃତି ପ୍ରତି ନିଜ ଆଚରଣ ଓ କରୁଣା ଦୃଷ୍ଟିରୁ ବହୁତ ତଳେ ରହିଛି। ପାହାଡ଼ ହେଉ କି ଜଙ୍ଗଲ, ନଦୀ ଆମେ ପ୍ରକୃତିକୁ ନଷ୍ଟ କରିବାକୁ କିଛି ମୌକା ଛାଡୁନାହୁଁ। ଏହି ଭିଡିଓରେ ଲୋକେ ବିଭିନ୍ନ କମେଣ୍ଟ କରିଛନ୍ତି। ଜଣେ ଲେଖିଛନ୍ତି, ସ୍ୱଚ୍ଛତା ଅଭିଯାନକୁ ପର୍ବତାରୋହୀ ତାଙ୍କର ଏହି ଅଭିଯାନର ଅଂଶ ଭାବେ ଗ୍ରହଣ କରନ୍ତୁ, ନଚେତ୍ ସମସ୍ତଙ୍କୁ ଏହା ଉପରକୁ ଯିବାରୁ ବାରଣ କରାଯାଉ।

## ବର୍ଷକୁ ମାତ୍ର ଗୋଟିଏ ଫିଲ୍ମ କରିବେ ଅନୁଷ୍କା



ମୁମ୍ବାଇ: ଦୀର୍ଘ ସମୟ ହେବ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ବଡ଼ ପରଦାରୁ ଦୂରେଇ ରହିଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'କଲା'ରେ ଦେଖିବାକୁ ମିଳିଥିଲା। ୪ ବର୍ଷ ପରେ ଏବେ ସେ ପୂର୍ବତନ ଭାରତୀୟ ମହିଳା କ୍ରିକେଟର ଝୁଲଣ ଗୋସ୍ୱାମୀଙ୍କ ବାୟୋପିକ୍ ମୁଭି 'ଚକଦା ଏକ୍ସପ୍ରେସ୍' ଜରିଆରେ ପୁଣି ବଡ଼ ପରଦାକୁ ଫେରୁଛନ୍ତି। ଯାହା ଚଳିତବର୍ଷ ଡିସେମ୍ବର ୧୬ ତାରିଖରେ ରିଲିଜ୍ ହେବ। ଏହା ମଧ୍ୟରେ ଅଭିନେତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି; ଯେଉଁଥିପାଇଁ ତାଙ୍କ ପ୍ରଶଂସକ ନିରାଶ ହୋଇଛନ୍ତି। ସେ କହିଛନ୍ତି, ସେ ବର୍ତ୍ତମାନ ବର୍ଷକରେ ଗୋଟିଏ ଫିଲ୍ମ କରିବେ। କାରଣ ସେ ତାଙ୍କ ଅଭିନୟ କ୍ୟାରିୟର ସହ ଝିଅ ଭାମିକାର ଧ୍ୟାନ ରଖିବାକୁ ଚାହୁଁଛନ୍ତି। ସେ ଅଭିନୟକୁ ଉପଭୋଗ କରନ୍ତି କିନ୍ତୁ ଅଧିକ ଫିଲ୍ମ କରିବାକୁ ଚାହାନ୍ତିନି। ବର୍ଷକୁ ମାତ୍ର ଗୋଟିଏ ଫିଲ୍ମ ସହ ଜୀବନକୁ ବାଲାନ୍ସ କରି ପରିବାରକୁ ସମୟ ଦେବାକୁ ଚାହୁଁଛନ୍ତି। ତାଙ୍କର ଏହି ନିଷ୍ପତ୍ତିରେ ସେ ଖୁସି ଥିବା କହିଛନ୍ତି। ସେ ଏପରି କି କାମ କରିବାକୁ ଚାହାନ୍ତି, ଯାହା ତାଙ୍କୁ ଖୁସି ଦେବ।

## ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା କବିତାଙ୍କ ଉପରେ ବାୟୋପିକ୍

**ଚଣ୍ଡିଗଡ଼**


କବିତା ଦେବୀ

ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା ଭାବେ କବିତା ଦେବୀ ନିଜ ରେସଲିଂ ବଳରେ ଦେଶ ପାଇଁ ଗୌରବ ଆଣିଛନ୍ତି। ହରିୟାଣାର ଜିନ୍ଦ ଜିଲାର ଛୋଟ ଗାଁ ମାଲଭିରେ ଜନ୍ମ ନେଇଥିବା କବିତା ଡବ୍ଲ୍ୟୁଡବ୍ଲ୍ୟୁଇରେ ପ୍ରଥମ ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭାବେ ଅଂଶଗ୍ରହଣ କରିଥିଲେ। ଖୁବ୍‌ଶୀଘ୍ର ତାଙ୍କ ଉପରେ ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ପ୍ରଯୋଜକ ପ୍ରୀତି ଅଗ୍ରୱାଲ ଏହି ଚଳଚ୍ଚିତ୍ର ପାଇଁ କବିତାଙ୍କ ଜୀବନ ସହ ଜଡିତ ରାଇଟ୍‌ସକୁ ଆଣିଛନ୍ତି। କବିତାଙ୍କ ସଂଗ୍ରାମରୁ ସଫଳତାର ଯାତ୍ରାକୁ ପ୍ରୀତି ମୁଭିରେ ଦେଖାଇବାକୁ ଚେଷ୍ଟା କରିବେ। ଭାରତୀୟ କୁସ୍ତିଯୋଦ୍ଧା ଦି ଗ୍ରେଟ୍ ଖଲି ଓ ସହ କବିତାଙ୍କ ମଧ୍ୟରେ ଏକ ବିଶେଷ ସମ୍ପର୍କ ରହିଛି। ଖଲିଙ୍କଠାରୁ କବିତା ଏକ ସମୟରେ ତାଲିମ ନେଇଥିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ଖେଳିବା ପୂର୍ବରୁ କବିତା ଏବଂ ହାର୍ଡ କେଡି ସ୍ୱାଧୀନ ଭାବେ କୁସ୍ତି ଲଢୁଥିଲେ। ଚଳଚ୍ଚିତ୍ରରେ ଜିଶାନ ଅହମ୍ମଦ ସହ ପ୍ରଯୋଜନା କରୁଛନ୍ତି। ଏହି ଫିଲ୍ମ ବାବଦରେ ପ୍ରୀତି କହିଛନ୍ତି, କବିତା ଦେବୀଙ୍କ ପୂରା ଜୀବନ ଅତ୍ୟନ୍ତ ପ୍ରେରଣାଦାୟୀ। ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଲଢ଼ିବା କ୍ଷମତା ରଖିଥିଲେ। ସେ କେବେ ହାର୍ ମାନି ନ ଥିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ପୂର୍ବରୁ କେବଳ ପୁରୁଷ ଖେଳୁଥିବାବେଳେ ପରେ ମହିଳାଙ୍କ ଯୋଗଦାନ ହୋଇଥିଲା। ହେଲେ ଭାରତରୁ କେହି କୁସ୍ତିଯୋଦ୍ଧା ଏଥିରେ ନ ଥିଲେ। ସେତେବେଳେ ପ୍ରଥମ ମହିଳା ଭାବେ କବିତା ଡବ୍ଲ୍ୟୁଡବ୍ଲ୍ୟୁଇକୁ ଭାରତ ପକ୍ଷରୁ ଯିବାକୁ ନିଷ୍ପତ୍ତି ନେଇଥିଲେ। ସେ ଡବ୍ଲ୍ୟୁଡବ୍ଲ୍ୟୁଇ ଖେଳି ଭାରତ ପାଇଁ ଅନେକ ସଫଳତା ଆଣିଛନ୍ତି। ବିବାହ ପରେ କବିତା ପରିବାର ପାଇଁ ଏହି ଖେଳଠାରୁ ଦୂରେଇ ରହିବାକୁ ସ୍ଥିର କରିଥିଲେ। ହେଲେ ଏଥିରେ ତାଙ୍କ ସ୍ୱାମୀଙ୍କ ସମର୍ଥନ ଯୋଗୁ ସେ ତାଙ୍କ ଖେଳ ଜାରି ରଖିଥିଲେ।

## ପକ୍ଷୀ ଉଡ଼ାଇପାରିଲେ ଦିନକୁ ୨୦ ହଜାର



ଲଣ୍ଡନ: କରୋନା ପରେ ପରେ ବହୁ ଲୋକ ତାଙ୍କ ଚାକିରି ହରାଇଥିଲେ। ସେ ସମୟରେ ଅନେକ କମ୍ପାନୀ ମଧ୍ୟ ବନ୍ଦ ହୋଇଯାଇଥିଲା। ଏଥିସହ ଅନେକ କମ୍ପାନୀ ଭିନ୍ନ ପ୍ରକାରର ସ୍କିମ ଆଣିଥିଲା। ନିକଟରେ ଏକ କମ୍ପାନୀ ଭିନ୍ନ ଏକ ଚାକିରିର ଅଫର ଦେଉଛି; ଯେଉଁଥିରେ ଲୋକେ ଦିନକରେ ପାଖାପାଖି ୨୦ ହଜାର ଟଙ୍କା ରୋଜଗାର କରିପାରିବେ। ହେଲେ କମ୍ପାନୀର ଚାକିରି ବାବଦରେ ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଲଣ୍ଡନର ୟର୍କସାଇନ୍‌ରେ ଅବସ୍ଥିତ ଚିପ୍ ସପ୍ କମ୍ପାନୀର ମାଲିକ ୩୧ ବର୍ଷୀୟ ଆଲେକ୍ସ ବେର୍ଡ ଏପରି ଏକ କର୍ମଚାରୀ ଖୋଜୁଛନ୍ତି, ଯିଏ ସେ ଅଞ୍ଚଳର ପକ୍ଷୀଙ୍କୁ ଉଡ଼ାଇପାରିବେ। ସେଥିରେ ସକ୍ଷମ ହେଲେ ରାତି ବେଳକୁ ୨୦ ହଜାର ଟଙ୍କା ନେଇ ଘରକୁ ଯାଇପାରିବେ। ପ୍ରକୃତରେ ଯେଉଁଠାରେ ଏହି କମ୍ପାନୀ ରହିଛି, ସେଠାରେ ବହୁତ ମାଛ ରଖାଯାଏ। ଏହି କମ୍ପାନୀ ଫିସ୍ ଚିପ୍ସ ତିଆରି କରେ। ଷ୍ଟୋରରେ ମାଛ ଭର୍ତ୍ତି ହେବା ପରେ ସେଠାରେ ସିଗୁଲ ପକ୍ଷୀ ଆସି ମାଛକୁ ଚୋରି କରି ନିଅନ୍ତି। ସେଥିପାଇଁ ଆଲେକ୍ସ ଏପରି ଏକ ଚାକିରି ବାବଦରେ ଚିନ୍ତା କଲେ। ଯିଏ ସିଗୁଲ ପକ୍ଷୀଙ୍କୁ ଉଡ଼ାଇବ, ତାଙ୍କୁ ଦିନକୁ ୨୦ ହଜାର ଟଙ୍କା ମିଳିବ ବୋଲି ଘୋଷଣା କଲେ। ଏହା ଶୁଣି ବହୁତ ଲୋକ ଚାକିରି ପାଇଁ ଆଗେଇ ଆସିଲେ। ହେଲେ କେହି ପକ୍ଷୀଙ୍କୁ ଉଡ଼ାଇପାରିଲେନି। ପରେ କୋରେ ନାମକ ଜଣେ ବ୍ୟକ୍ତି ଏକ ବଡ଼ ଶାଗୁଣା ବେଶରେ ଆସିବାରୁ ତାଙ୍କୁ ଦେଖି ପକ୍ଷୀ ସବୁ ସେଠାରୁ ଉଡ଼ି ପଳାଇଲେ। ଆଲେକ୍ସଙ୍କୁ କୋରେଙ୍କ ଏହି ଉପାୟ ପସନ୍ଦ ଆସିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇପିଏଲ୍ ଫାଇନାଲ ଝଲକ



ଚେନ୍ନାଇ ସୁପର କିଙ୍ଗ୍ସର ଦୁଇ ମହିଳା ସମର୍ଥକ।




ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ମ୍ୟାଚ ଆରମ୍ଭ ପୂର୍ବରୁ ଦୁଇ ଦଳର ଖେଳାଳି ଓ ଅଫିସିଆଲ।





ଆଇପିଏଲ୍ ଉଦ୍‌ଯାପନୀ ଉତ୍ସବରେ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ଡିଜେ ନ୍ୟୁକ୍ଲେୟା ଓ ରାପର କିଙ୍ଗ୍।

## ଫ୍ରାନ୍ସର ଅପ୍ରତ୍ୟାଶିତ ବିଦାୟ

**ବୁଏନ୍ସ ଏୟାର୍ସ, ୨୯।୫(ପି.ଟି.):** ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି ଏକ ବଡ଼ ବିପର୍ଯ୍ୟୟ। ଅପ୍ରତ୍ୟାଶିତ ଭାବରେ ଟୁର୍ନାମେଣ୍ଟରୁ ବିଦାୟ ନେଇଛି ଫ୍ରାନ୍ସ। ଗ୍ରୁପ୍ ଏଫ୍‌ରେ ସ୍ଥାନ ପାଇଥିବା ଫ୍ରାନ୍ସ ଅନ୍ତିମ ମ୍ୟାଚରେ ହଣ୍ଡୁରାସକୁ ୩-୧ରେ ପରାସ୍ତ କରିଥିଲେ ହେଁ ବିଦାୟ ନେଇଛି। ପ୍ରଥମ ଦୁଇ ମ୍ୟାଚ୍‌ରେ ଦଳ ଗାମ୍ବିଆ ଓ ଦକ୍ଷିଣ କୋରିଆ ନିକଟରୁ ହାରିଥିଲା। ଉଭୟ ଦଳ ବର୍ତ୍ତମାନ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରି ସାରିଛନ୍ତି। ରବିବାର ଲା ପ୍ଲାଟରେ ଖେଳିଥିବା ଫ୍ରାନ୍ସ ମ୍ୟାଚ୍‌ର ଅଧିକାଂଶ ସମୟ ୧୦ ଜଣ ଖେଳାଳିଙ୍କ ସହିତ ଖେଳିଥିଲା। ଫ୍ରାନ୍ସ ଯୋଗ୍ୟତା ଅର୍ଜନ କରିବା ପାଇଁ ୩-୦ ଅଥବା ୪-୧ରେ ବିଜୟ ଆବଶ୍ୟକ କରୁଥିଲା। ମାତ୍ର ଗୋଲ ବ୍ୟବଧାନରେ ଆଗୁଆ ରହି ଟ୍ୟୁନିସିଆ ରାଉଣ୍ଡ ଅଫ୍ ୧୬ ପାଇଁ ଯୋଗ୍ୟତା ଅର୍ଜନ କରିଛି। ରବିବାର ମ୍ୟାଚରେ ଆଲାନ୍ ଭିର୍ଜିନିଅସ୍(୪୧ ଓ ୬୦ ମିନିଟ) ଡବଲ୍ ଗୋଲ ସ୍କୋର କରିଥିଲେ। ମ୍ୟାଚର ୧୩ତମ ମିନିଟରେ ଫ୍ରାନ୍ସର ଓସୁମାନେ କାମାରାଙ୍କୁ ରେଡ୍ କାର୍ଡ ମିଳିଥିଲା। ମ୍ୟାଚ୍‌ର ଅବଶିଷ୍ଟ ସମୟ ଫ୍ରାନ୍ସ ୧୦ ଜଣରେ ଖେଳିଥିଲା। ୧୫ ତମ ମିନିଟରେ ହଣ୍ଡୁରାସ ପକ୍ଷରୁ ଓଡ଼ିନ୍ ଜାଫେଥ୍ ରାମୋସ ପେନା ସ୍କୋର କରିବା ସହିତ ଦଳକୁ ୧-୦ରେ ଆଗୁଆ କରିଥିଲେ। ୪୧ ତମ ମିନିଟରେ ଭିର୍ଜିନିଅସ୍ ପ୍ରଥମ ଗୋଲ ଦେଇ ମ୍ୟାଚକୁ ୧-୧କୁ ଆଣିଥିଲେ। ପରେ ୬୦ ତମ ମିନିଟରେ ବ୍ୟକ୍ତିଗତ ଡବଲ ଗୋଲ ସ୍କୋର କରିବା ସହ ସେ ଦଳକୁ ୨-୧ରେ ଆଗୁଆ କରିଥିଲେ।

## ଆଇପିଏଲ୍ ସ୍କୋର ବୋର୍ଡ

**ଗୁଜରାଟ ଟାଇଟନ୍ସ ଇନିଂସ**

ରିଦ୍ଧିମାନ ଶାହା-କ-ଧୋନୀ-ବୋ-ଚହର-୫୪

ଶୁବମନ ଗିଲ୍-ଷ୍ଟମ୍ପ୍-ଧୋନୀ-ବୋ-ଜାଡେଜା-୩୯

ସାଇ ସୁଦର୍ଶନ-ଏଲ୍‌ବିଡବ୍ଲ୍ୟୁ-ମାଥିଶା ପରିଥାନା-୯୬

ହାର୍ଦ୍ଦିକ ପାଣ୍ଡ୍ୟା-ନଟଆଉଟ-୨୧

ରସିଦ ଖାନ୍ -କ- ରତୁରାଜ -ବୋ- ବୋ ମାଥିଶା ପରିଥାନା-୦

ଅତିରିକ୍ତ:୪, ମୋଟ: (୨୦ଓଭର, ୪ଉଇକେଟ)୨୧୪।

ଉଇକେଟ ପତନ:୧/ ୬୭, ୨/ ୧୩୧, ୩/ ୨୧୨, ୪/ ୨୧୪।

**ବୋଲିଂ (ଚେନ୍ନାଇ ସୁପର କିଙ୍ଗ୍ସ)**

ଦୀପକ ଚହର ୪-୦-୩୮-୧

ତୁଷାର ଦେଶପାଣ୍ଡେ ୪-୦-୫୬-୦

ମହେଶ ଥିକ୍‌ସାନା ୪-୦-୩୬-୦

ରବୀନ୍ଦ୍ର ଜାଡେଜା ୪-୦-୩୮-୧

ମାଥିଶା ପଥିରାନା ୪-୦-୪୪-୨

## କିଙ୍ଗ, ନ୍ୟୁକ୍ଲେୟା, ଜୋନିତା, ଡିଭାଇନଙ୍କ ସହ ଝୁମିଲେ ଦର୍ଶକ

**ଅହମଦାବାଦ,୨୯।୫**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୬ତମ ସଂସ୍କରଣର ଫାଇନାଲ ଇଭେଣ୍ଟ ପାଇଁ ବିସିସିଆଇ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବର୍ଷା ପାଇଁ ରିଜର୍ଭ ଡେ'ରେ ଖେଳାଯାଇଥିବା ଫାଇନାଲ୍ ଲାଗି ଦୁଇଟି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଥିଲା। ସନ୍ଧ୍ୟାରେ ଭାରତୀୟ ରାପର୍ କିଙ୍ଗ ଓ ଡିଜେ ନ୍ୟୁକ୍ଲେୟା ପ୍ରଦର୍ଶନ କରିଥିଲେ। ସେହିପରି ପ୍ରଥମ ଇନିଂସ ଶେଷ ହେବା ପରେ ଆଉ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲିଉଡ୍ ରାପର୍ ଡିଭାଇନ୍ ଓ ପ୍ଲେ ବ୍ୟାକ୍ ସିଙ୍ଗର ଜୋନିତା ଗାନ୍ଧୀ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

## ଅଷ୍ଟ୍ରେଲିଆ ଦଳରେ ହାଜେଲଉଡ୍

**ଲଣ୍ଡନ, ୨୯।୫ (ପି.ଟି.):** ଜୁନ୍ ୭ରୁ ଦି ଓଭାଲଠାରେ ଖେଳାଯିବାକୁଥିବା ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ୧୫ ଜଣିଆ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ପେସ୍ ବୋଲର ଜୋସ୍ ହାଜେଲଉଡ୍‌ଙ୍କୁ ସାମିଲ କରାଯାଇଛି। **ଅଷ୍ଟ୍ରେଲିଆର ଡବ୍ଲ୍ୟୁଟିସି ଫାଇନାଲ ଦଳ:** ପ୍ୟାଟ୍ କମିନ୍ସ (ଅଧିନାୟକ), ସ୍କଟ ବୋଲାଣ୍ଡ, ଆଲେକ୍ସ କାରେ, କାମେରନ ଗ୍ରୀନ୍, ମାର୍କସ ହାରିସ, ଜୋସ୍ ହାଜ୍‌ଲେଉଡ୍, ଟ୍ରାଭିସ୍ ହେଡ୍, ଜୋସ୍ ଇଙ୍ଗ୍ଲିସ, ଉସ୍‌ମାନ ଖ୍ୱାଜା, ମାର୍ନସ ଲାବୁସେନ, ନାଥାନ ଲିଅନ, ଟଡ୍ ମର୍ଫି, ଷ୍ଟିଭ ସ୍ମିଥ୍ ଓ ଡେଭିଡ୍ ୱାର୍ନର।


# Classified Everyday
0674-2580101, 2549949



AUTOMOBILE

SALE

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact- 9827516256. 7504690838. D-74869



REAL ESTATE

SALE

Plot for Sale- 5200sqft. Mouza- Basuaghai infront of Sai Temple. Contact- Rakesh Jena. Mob- 9337203932. D-0446

Land for sale at Sundarpada 12050sqft. private land. Contact: 9437075283. D-0463

**4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact- 9438362399.** D-0410

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର- 1200sqft. 3,00,000/-, ନଖରା-300/- 6371569855. D-74863

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ଫ୍ଲାଟ୍, ବାଲିଅନ୍ତାରେ ଘରବାରି ଫ୍ଲାଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ଫ୍ଲାଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ: **9438620034.** D-0346

PURCHASE

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309




My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74690




Newly open health benefits Spa special offer @799, Jaydev Vihar, 8018429809. D-75108

Newly open health benefits SPA special offer @ 799, Master Centeen. 9124527173. D-75109

Newly open SPA positively health benefits with expert therapist. 8114322659. D-75111

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74688

Full body massage in homely atmosphere in all therapy. Mob: 8114881641. D-73433

LOST

By virtue of an affidavit before the Notary, Jharsuguda, I, Prashanta Kumar Patel, S/o- Late Pabitra Mohan Patel, R/o-Tangarpali, PO-Talpatia, PS/ Dist.- Jharsuguda, hereby affirm that the Sale Deed No. 11651300231 in respect of lands measuring Ac 0.25 Dec. purchased in favour of myself has been lost somewhere and not traceable. This affidavit is sworn to be submitted before the concerned authority. D-0460

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT

I, Aurobinda Parida, S/o- Madhusudan Parida, At- Friends Club Lane, P.O- Puri-2, P.S.- Kumbharapada, Dist.- Puri, Pin- 752002 declare by this affidavit No- 19, dated 29 May 2023 that I shall be known as Adidev Shashwat Parida for all further purposes. D-0464

Before the Executive Magistrate, Khordha Affidavit No.1784 dated on 29.05.23 I Pratyusha Kar, D/o Arun Kumar Rajguru, Plot No. 411/1447, PO Pallahat, P.S/ District: Khordha, Odisha-752056 Aadhaar No.XXXX XXXX 7187 do hereby declare that both names Pratyusha Rajguru and Pratyusha Kar is one and same person i.e. myself and now I am identified as Pratyusha Rajguru for all purposes. D-73543

CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
For Booking Contact: 0674-2580385

OFFTC ENTERPRISE BHUBANESWAR

ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍

Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଦା ଚା' ପିଉଥିଲେ....



**ଅନେକଙ୍କର ଚା' ପିଇବା ଏକ ଅଭ୍ୟାସ। ବିଶେଷକରି ଥକ୍କା ଲାଗୁଥିଲେ, ମୁଣ୍ଡବିନ୍ଧା ହେଉଥିଲେ କିମ୍ବା ଥଣ୍ଡା ହୋଇଥିଲେ କେତେଜଣ ଅଦା ଚା ପିଇବାକୁ ବେଶି ଭଲ ପାଆନ୍ତି। ହେଲେ ବାରମ୍ବାର ଏହାକୁ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ...**

❖ଅଦା ଶରୀରରେ ଶର୍କରାର ମାତ୍ରାକୁ କମାଇ ଦେଇଥାଏ। ତେଣୁ ଏହାକୁ ଅନେକେ ପସନ୍ଦ କରନ୍ତି। ହେଲେ ଏହାକୁ ବାରମ୍ବାର ପିଇବା ଦ୍ୱାରା ଲୋ ସୁଗାରରେ ପୀଡ଼ିତ ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇପାରନ୍ତି।

❖ଆବଶ୍ୟକରୁ ଅଧିକ ଅଦା ଚା ପିଇବା ଦ୍ୱାରା ବି ପେଟ ସମସ୍ୟା ଦେଖାଦେଇପାରେ। ଅଦା ଖାଦ୍ୟ ହଜମ କରିବାରେ ସାହାଯ୍ୟକରେ। ହେଲେ ଅଦାରେ ଥିବା ଜିଞ୍ଜୋରୋଲସ୍ ନାମକ ଉପାଦାନ ଅଧିକ ହେଲେ ପେଟରେ ଏସିଡ୍ ସୃଷ୍ଟିକରେ। ତେଣୁ ଅଧିକ ଅଦା ଚା ପିଇବା ଦ୍ୱାରା ପେଟ ଜଳାପୋଡ଼ା ହୋଇଥାଏ।

❖ହାଇ ବ୍ଲଡ଼ପ୍ରେସର ରୋଗୀମାନଙ୍କ ପାଇଁ ଅଦା ଚା ପିଇବା ଭଲ। ଏହା ବ୍ଲଡ୍ ପ୍ରେସରକୁ କମ୍ କରିଥାଏ। ହେଲେ ଆବଶ୍ୟକରୁ ଅଧିକ କ୍ଷତିକାରକ ହୋଇପାରେ। କିନ୍ତୁ ଲୋ ବ୍ଲଡ୍ ପ୍ରେସର ରୋଗୀ ଏହାକୁ ପିଇବା ଦ୍ୱାରା ମୁଣ୍ଡ ବୁଲାଇବା ଏବଂ ଦୁର୍ବଳ ଲାଗିବା ପରି ସମସ୍ୟା ଦେଖାଯାଏ।



❖ଗର୍ଭବତୀ ମହିଳା ଅଧକପ୍‌ରୁ ଅଧିକ ଚା ପିଇବା ଅନୁଚିତ। ଏହାଯୋଗୁ ପେଟରେ ଯନ୍ତ୍ରଣା ହେବା ସହ ଗର୍ଭସ୍ଥ ଶିଶୁକୁ ହାନି ପହଞ୍ଚାଇପାରେ।

❖ଅଧିକାଂଶ ମହିଳା କାମ ଯୋଗୁ ଅନିଦ୍ରା ରହିବା ପାଇଁ ଚା ପିଇଥାନ୍ତି। କିନ୍ତୁ ଅଧିକ ଚା, ତା' ପୁଣି ଅଦା ଚା ପିଇବା ଦ୍ୱାରା ଆପଣ ନିଦ୍ରାହୀନତାର ଶିକାର ହୋଇପାରନ୍ତି। ଏହାଛଡ଼ା ଶୋଇବାକୁ ଯିବା ସମୟରେ ମଧ୍ୟ ଏହାକୁ ପିଇବା ଠିକ୍ ନୁହେଁ।

# ମୋବାଇଲ ନିଶା









**ପିଲାଠୁ ବୁଢ଼ା ସଭିଙ୍କ ପାଇଁ ବର୍ତ୍ତମାନ ମୋବାଇଲ ଫୋନ୍ ଯେମିତି ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ସକାଳୁ ଉଠିବାଠାରୁ ଆରମ୍ଭକରି ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଏହା ରହୁଛି ପାଖରେ। ତେବେ ଏହାର ଅତ୍ୟଧିକ ବ୍ୟବହାର ସଭିଙ୍କଠାରେ ବିଶେଷକରି ପିଲାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସାଜୁଛି କାରଣ...**

ଦିନ ଥିଲା ଗାଈ, କୁକୁର, ଚଢ଼େଇ ଦେଖେଇ ଅବା ଗୀତ ଗାଇ ମା'ଟିଏ ନିଜ ପିଲାକୁ ଖୁଆଉଥିଲା। ବର୍ତ୍ତମାନ ଏହାର ସ୍ଥାନ ନେଇଛି ମୋବାଇଲ ଫୋନ୍। ଏମିତିକି ସ୍କୁଲ ଛୁଟି ପରେ ପାଖ ପଡ଼ିଆ କିମ୍ବା ପାର୍କରେ ଖେଳିବା ବଦଳରେ ପିଲାଏ ଏବେ ଅଧିକ ସମୟ ବିତାଉଛନ୍ତି ମୋବାଇଲ ଦେଖିବାରେ। ତେବେ ଏହି ମୋବାଇଲ ମାୟାଜାଲ ସେମାନଙ୍କୁ ଏମିତି ଛନ୍ଦି ରଖିଛି ଯେ, ଏହାଦ୍ୱାରା କେହି କେହି ବିପଥଗାମୀ ହେଉଥିବା ବେଳେ ଆଉ କେହି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେଉଛନ୍ତି। ମହିଳାମାନେ କାମରୁ ସାମାନ୍ୟ ଫୁର୍‌ସତ ପାଇବା ମାତ୍ରେ ନିଜେ ମଧ୍ୟ ମୋବାଇଲ ଧରି ବସୁଥିବା ବେଳେ ପିଲା ଡିଷ୍ଟର୍ବ ନ କରିବା କିମ୍ବା ନିଜ କାମରେ ସୁବିଧା ହେବା ଲାଗି ସେମାନଙ୍କ ହାତରେ ମୋବାଇଲ ଦେଇଦେବାକୁ ସବୁଠୁ ସହଜ ଉପାୟ ବୋଲି ଭାବୁଛନ୍ତି। ହେଲେ ଏହାଦ୍ୱାରା ଯେ ପିଲାର ଉଭୟ ଶାରୀରିକ ଓ ମାନସିକ ସ୍ତରରେ ନକାରତ୍ମକ ପ୍ରଭାବ ପଡୁଛି ସେ ଦିଗରେ ଅନେକେ ସଚେତନ ହେଉନାହାନ୍ତି।

ଏକ ଗବେଷଣା ରିପୋର୍ଟ ମୁତାବକ ବର୍ତ୍ତମାନ ପିତାମାତାଙ୍କର ବାରଣ ସତ୍ତ୍ୱେ ପିଲାମାନେ ଦିନରେ ୫-୬ ଘଣ୍ଟା ସମୟ ମୋବାଇଲ ଦେଖିବାରେ ବିତାଉଛନ୍ତି। ଏହାଦ୍ୱାରା ବିଭିନ୍ନ ଉପାୟରେ ଶରୀର ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଯଥା...

**କ୍ଷତିକାରକ ବିପଜ୍ଜନକ ରଶ୍ମି ବିକିରଣ:** ସାଧାରଣତଃ ବିକିରଣ ବା ରେଡିଏଶନ୍ ୨ ପ୍ରକାରର ଯଥା- ଆୟୋନାଇଜିଂ ଓ ନନ୍ ଆୟୋନାଇଜିଂ। ଶିଶୁଙ୍କ ମୁଣ୍ଡ ହାଡ଼ ଖୁବ୍ ପତଳା ଓ ନରମ ହୋଇଥିବାରୁ ବିକିରଣକୁ ସହଜରେ ଗ୍ରହଣକରି ନେଇଥାଏ। ଏମିତିକି ଏହା ଗର୍ଭସ୍ଥ ଶିଶୁ ପାଇଁ ମଧ୍ୟ ଅତ୍ୟନ୍ତ ବିପଜ୍ଜନକ। ଗର୍ଭସ୍ଥ ଶିଶୁମାନଙ୍କୁ ବିକଳାଙ୍ଗ ମଧ୍ୟ କରିପାରେ। ତେଣୁ ଗର୍ଭବତୀ ମହିଳା ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଉଚିତ ନୁହେଁ।

**ପ୍ରଭାବିତ ହୁଏ ମାନସିକ ବିକାଶ:** ୭ ବର୍ଷରୁ କମ୍ ଶିଶୁ ମୋବାଇଲ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଅଧିକ ସମୟ ବ୍ୟବହାରକଲେ ମେଧା ଶକ୍ତି ହ୍ରାସ ପାଇବା ସହ ମାନସିକ ରୋଗର ଶିକାର ହେବା ଆଶଙ୍କା ରହିଛି। ଏହା ବ୍ୟତୀତ ସେମାନଙ୍କଠାରେ ଅତ୍ୟଧିକ ମୋବାଇଲ ବ୍ୟବହାର ଦ୍ୱାରା ଆକ୍ୱୋଷ୍ଟିକ୍ ନ୍ୟୁରୋମା, ଗ୍ଲାଓମା ଭଳି ବ୍ରେନ୍ ଟ୍ୟୁମର ହେବା ଆଶଙ୍କା ରହିଛି।

**ବ୍ୟବହାରରେ ପରିବର୍ତ୍ତନ:** ବର୍ତ୍ତମାନ ଅଧିକାଂଶ ପିଲା ଏତେମାତ୍ରାରେ ମୋବାଇଲରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ଯେ, ଅନେକେ ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି । ହଠାତ୍ ସେମାନଙ୍କୁ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। ଏମିତିକି କାହା କାହା ଠାରେ ଛାନିଆ ଲାଗିବା, ଭୟ, ଆତ୍ମହତ୍ୟା ପ୍ରବଣତା ପ୍ରଭୃତି ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି।

**ନିଦ୍ରାହୀନତା:** ପିଲାମାନେ ରାତିରେ ଦୀର୍ଘ ସମୟ ମୋବାଇଲ ଦେଖିବା ଦ୍ୱାରା ମେଲାଟୋନିନ୍ ହର୍‌ମୋନ କ୍ଷରଣ କମ୍ ହେଉଥିବାରୁ ନିଦ୍ରାହୀନତା ଦେଖାଦିଏ। ଫଳରେ ମସ୍ତିଷ୍କକୁ ଆରାମ ନ ମିଳିବା କାରଣରୁ ଚିଡ଼ିଚିଡ଼ା ଲାଗିବା ସହ କାର୍ଯ୍ୟଦକ୍ଷତା ଓ ସ୍ମରଣ ଶକ୍ତି ହ୍ରାସପାଏ।

**ପ୍ରଭାବିତ ହେଉଛି ପାଠପଢ଼ା:** ମୋବାଇଲରେ ଅଧିକ ସମୟ ବିତାଇବା ଦ୍ୱାରା ପିଲାଙ୍କର ପାଠପଢ଼ା ବ୍ୟାହତ ହୁଏ। ପଢା ସମୟରେ ବାରମ୍ବାର ମୋବାଇଲ୍ ଦେଖିବା ଦ୍ୱାରା ଧ୍ୟାନ ପଢାରୁ ହଟିଯାଏ, ଫଳରେ ପରୀକ୍ଷାରେ ନମ୍ବର ମଧ କମ୍ ଆସେ।

**ଚକ୍ଷୁ ଏବଂ କାନ ସମସ୍ୟାର ବଡ କାରଣ:** ବର୍ତ୍ତମାନ ଅଧିକାଂଶ ପିଲା ଚଷମା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତେବେ ଏହାର ସବୁଠୁ ବଡ କାରଣ ହେଉଛି ଅଧିକ ସମୟ ମୋବାଇଲ ବ୍ୟବହାର କରିବା। ସେହିପରି କାନରେ ଇୟର ଫୋନ ଲାଗି ଅଧିକ ସମୟ ଶୁଣିବା ଦ୍ୱାରା ଶ୍ରବଣଶକ୍ତି ହ୍ରାସ ପାଉଛି। କାହା କାହା ଠାରେ ଶୁଣିବାରେ ସାହାଯ୍ୟ କରୁଥିବା ସ୍ନାୟୁତନ୍ତ୍ର ବା ଅଡିଓ ସେନ୍ସୋରୀ ନର୍ଭସ ସିଷ୍ଟମ ନଷ୍ଟ ହୋଇଯିବା କାରଣରୁ ସମ୍ପୂର୍ଣ୍ଣ ଶ୍ରବଣଶକ୍ତି ନଷ୍ଟ ହୋଇଯିବାର ବି ନଜିର ରହିଛି।

**ଉପୁଜୁଛି ସ୍ୱାସ୍ଥ୍ୟ ସମସ୍ୟା:** ଦୀର୍ଘ ସମୟ ମୋବାଇଲ ବ୍ୟବହାର ସମୟରେ କିଏ ଜାକି ହୋଇ ବସେ ତ କିଏ ଖଟରେ ଶୋଇ ଦେଖେ। ଫଳରେ ଶରୀରର ପୋଜିଶନ ବହୁ ସମୟ ପର୍ଯ୍ୟନ୍ତ ଠିକ୍ ନ ରହୁଥିବାରୁ ହାତ, ବେକ, ଅଣ୍ଟା ଆଦିରେ ଚାପ ପଡ଼ିବା ଦ୍ୱାରା ଅଳ୍ପ ବୟସରୁ ସ୍ପଣ୍ଡିଲାଟିସ୍ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇ ଥାଏ। ତା'ଛଡା ମୋବାଇଲ୍‌ରେ ଖେଳିବା ନିଶାରେ ପିଲାମନେ ଆଉଟ୍‌ଡୋର୍ ଗେମ୍ ଠାରୁ ଦୂରେଇ ଯାଉଛନ୍ତି ଏମିତିକି ପାର୍କ ଗଲେ ବି ସେଠାରେ ଅନ୍ୟ ପିଲାଙ୍କ ସହ ନ ଖେଳି ସାଙ୍ଗରେ ନେଇ ଖେଳୁଛନ୍ତି। ଏହାଦ୍ୱାରା ଶାରୀରିକ ବ୍ୟାୟାମ ଆଦୌ ନ ହେବା ଦ୍ୱାରା ମେଦବହୁଳତା ସହ ଅଳ୍ପ ବୟସରୁ ଅନ୍ୟାନ୍ୟ ସମସ୍ୟା ଦେଖା ଦେଉଛି।

– ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ,
ଶିଶୁରୋଗ ବିଶେଷଜ୍ଞ,
ଜାତୀୟ ସ୍ୱାସ୍ଥ୍ୟ ମିଶନ, ଭୁବନେଶ୍ୱର

## ଧ୍ୟାନ ଦିଅନ୍ତୁ

**ଫୋ**ନ୍‌ରେ ବିଭିନ୍ନ ଭିଡିଓ ଗେମ୍ ତଥା ଅନ୍‌ଲାଇନ ଗେମ୍ ଖେଳିବା, ବିଭିନ୍ନ ଆପତ୍ତିଜନକ ଫଟୋ, ଭିଡିଓ ଆଦି ଦେଖିବା ଦ୍ୱାରା କେତେଜଣ ପିଲା ବିପଥଗାମୀ ହୋଇଥାନ୍ତି। ଏମିତିକି କେବେ କେବେ ଅନ୍‌ଲାଇନ ଠକେଇ, ବ୍ଲାକ୍‌ମେଲିଂ ଆଦିର ଶିକାର ହୋଇ ଆତ୍ମହତ୍ୟା ଭଳି ଭୁଲ୍ ପଦକ୍ଷେପ ନେବାକୁ ବି ପଛାନ୍ତି ନାହିଁ। ଏହା ବ୍ୟତୀତ ବିପଜ୍ଜନକ ସ୍ଥାନରେ ସେଲ୍ଫି ନେବା, ଭିଡିଓ କରିବା ଯୋଗୁ ହେଉ କିମ୍ବା ବିଜୁଳି ଘଡ଼ଘଡ଼ି ସମୟରେ ମୋବାଇଲ ବ୍ୟବହାର ଯୋଗୁ ବିସ୍ଫୋରଣ ଘଟି ଜୀବନହାନି ହେବାର ବି ନଜିର ରହିଛି। ଏସବୁ ଦିଗ ପ୍ରତି ଅଭିଭାବକମାନେ ବିଶେଷ ଯତ୍ନଶୀଳ ହେବା ଆବଶ୍ୟକ।

– ୨ ବର୍ଷରୁ କମ୍ ଶିଶୁଙ୍କୁ ଆଦୌ ମୋବାଇଲ ଫୋନ୍ ଦେବା ଉଚିତ ନୁହେଁ। ଏହାଠୁ ବଡ଼ ଶିଶୁଙ୍କୁ ଦିନ ଭିତରେ ୧ରୁ ୨ ଘଣ୍ଟା ପର୍ଯ୍ୟନ୍ତ ମୋବାଇଲ ଦେଇପାରିବେ। ସେହିପରି ୧୬ ବର୍ଷରୁ କମ୍ ପିଲାମାନଙ୍କୁ ମୋବାଇଲ ଦେଉଥିଲେ ସେମାନେ ଏହାକୁ କିପରି ବ୍ୟବହାର କରୁଛନ୍ତି ଦେଖନ୍ତୁ। ସେମାନଙ୍କୁ ମଧ ଆବଶ୍ୟକରୁ ଅଧିକ ସମୟ ବ୍ୟବହାର କରିବାକୁ ମନାକରନ୍ତୁ।

ପିଲାର ବ୍ୟବହାର କୌଣସି ପ୍ରକାର ସନ୍ଦେହଜନକ ମନେହେଲେ ପ୍ୟାରେଣ୍ଟାଲ୍ କଣ୍ଟ୍ରୋଲ ଆପ୍ ଜରିଆରେ ତଦାରଖ କରନ୍ତୁ। ଯଦି ପିଲା ସାଙ୍ଗସାଥୀଙ୍କ ମେଳରେ ମୋବାଇଲର ଅପବ୍ୟବହାର କରୁଥିବା ଜାଣିବାକୁ ପାଆନ୍ତି ତେବେ ଗାଳିମାଡ଼ ଦେବା ପରିବର୍ତ୍ତେ ଏହାର ନକାରାତ୍ମକ ଦିଗ ସମ୍ପର୍କରେ ବୁଝାନ୍ତୁ। ଶିଶୁଟି ପରିବାରର ସମସ୍ତଙ୍କୁ ଯଦି ମୋବାଇଲରେ ମସ୍‌ଗୁଲ୍ ରହିବାର ଦେଖେ ତେବେ ସେ ମଧ ଏହି ମାୟାଜାଲରେ ପ୍ରବେଶକରେ। ବିଜ୍ଞାନର ଦାନକୁ ଦାୟିତ୍ୱର ସହ ବ୍ୟବହାରକଲେ ତାହା ସଭିଙ୍କ ଉନ୍ନତିରେ ସହାୟକ ହେବ।



# ତ୍ୱଚା ପାଇଁ ଉପକାରୀ ପାନମଧୁରୀ





**ନିଜ ସୌନ୍ଦର୍ଯ୍ୟକୁ ନେଇ ମହିଳାମାନେ ବେଶ୍ ସଜାଗ। ସେଥିପାଇଁ ସେମାନେ ତ୍ୱଚାର ବିଭିନ୍ନ ଉପାୟରେ ଯତ୍ନ ନେଇଥାନ୍ତି । ହେଲେ ଆପଣ ଜାଣନ୍ତିକି ପାନମଧୁରୀରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ତତ୍ତ୍ୱ। ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ ...**

**ଟୋନର:** ଖରାଦିନେ ତ୍ୱଚାର ଗ୍ଲୋ କମିଯାଏ ଏବଂ ଟ୍ୟାନ୍ ସମସ୍ୟା ଦେଖାଦିଏ। ଏହାକୁ ଦୂରକରିବା ଲାଗି ପାନମଧୁରୀକୁ ଟୋନର ଭାବେ ବ୍ୟବହାର କରନ୍ତୁ। ୧ କପ୍ ପାଣିରେ ୨ ଚାମଚ ପାନମଧୁରୀ ପକାଇ ଭଲ ଭାବେ ଫୁଟେଇ ଦିଅନ୍ତୁ। ଭଲଭାବେ ଫୁଟିବା ପରେ ଏହାକୁ ଛାଣି ସେଥିରେ ପାନମଧୁରୀ ତେଲ ଅଧାଚାମଚ ମିଶାନ୍ତୁ। ଏହାକୁ ଥଣ୍ଡାକରି ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରନ୍ତୁ, ଅଳ୍ପଦିନ ମଧ୍ୟରେ ଫରକ ଜାଣିପାରିବେ।

**ନେଇପାରିବେ ଷ୍ଟିମ୍:** ଏକ ବଡ଼ ପାତ୍ରରେ ପାନମଧୁରୀ ନେଇ ଭଲ ଭାବେ ଫୁଟାନ୍ତୁ। ଭଲ ଭାବେ ଗରମହୋଇ ବାମ୍ଫ ବାହାରବା ଆରମ୍ଭ ହେଲେ ମୁଣ୍ଡ ଉପରେ ଟାୱେଲ ରଖି ମୁହଁରେ ଏହାର ଷ୍ଟିମ୍ ନିଅନ୍ତୁ। ଏହା ପରେ ସଫା କପଡ଼ାରେ ମୁହଁ ପୋଛିଦିଅନ୍ତୁ। ଏହା ତ୍ୱଚାରେ ଥିବା ଧୂଳି ଏବଂ ଅପରିଷ୍କାର ପଦାର୍ଥ ବାହାରକରି ତ୍ୱଚାକୁ ସଫା ଏବଂ ଦାଗମୁକ୍ତ କରିବାରେ ସାହାଯ୍ୟକରେ। ସପ୍ତାହରେ ଥରେ କିମ୍ବା ୨ଥର ଏପରି କଲେ ଉପକୃତ ହେବେ।

**ଫେସ୍‌ପ୍ୟାକ୍:** ତ୍ୱଚାରେ ଫେସ୍‌ପ୍ୟାକ୍ ଭାବେ ବ୍ୟବହାରକଲେ ସ୍କିନ୍ ଟୋନ୍ ସହ ଗ୍ଲୋ ବଢ଼ିଥାଏ। ଏଥିପାଇଁ ୨ ଚାମଚ ଓଟ୍‌ମିଲ୍ ସହିତ ୧ ଚାମଚ ପାନମଧୁରୀ ପାଉଡର ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁନ୍ଦର କରିବ।



# କାକୁଡ଼ି ଆଚାର

**ଆବଶ୍ୟକ ସାମଗ୍ରୀ:** ୩ କପ୍ ଗୋଲ କଟା ହୋଇଥିବା କାକୁଡ଼ି, ୩/୪ କପ୍ ଭିନେଗାର, ୧/୨ କପ୍ ଚିନି, ୧/୨ କପ୍ ଲମ୍ବା ଲମ୍ବା କଟାହୋଇଥିବା ପିଆଜ, ଗୋଟିଏ ଲେଖାଏଁ ଗ୍ରୀନ୍ ଏବଂ ରେଡ୍ କ୍ୟାପ୍ସିକମ୍ ଲମ୍ବା ଲମ୍ବା କଟାହୋଇଥିବା, ୧ ଚା'ଚାମଚ ସୋରିଷ ଗୁଣ୍ଡ, ୧/୪ ଚା'ଚାମଚ ଗୋଲମରିଚ ଗୁଣ୍ଡ, ଲୁଣ ସ୍ୱାଦନାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ସସ୍‌ପ୍ୟାନ୍‌ରେ ଭିନେଗାର, ଲୁଣ, ଚିନି ପକାଇ ଫୁଟାନ୍ତୁ। ଫୁଟିବା ପରେ ଚୁଲା ସିମ୍‌ରେ ରଖି ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ୧ କାଚପାତ୍ରରେ କଟା କାକୁଡ଼ି ଏବଂ ଅନ୍ୟ ସମସ୍ତ ସାମଗ୍ରୀ ଏକାଠି କରନ୍ତୁ । ସେଥିରେ ପୂର୍ବ ପ୍ରସ୍ତୁତ ଭିନେଗାର ମିଶ୍ରଣକୁ ପକାଇ ଚାମଚ ସାହାଯ୍ୟରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାକୁ କାଚ ଜାର୍‌ରେ ଭର୍ତ୍ତି କରି ଫ୍ରିଜ୍‌ରେ ରଖି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କାକୁଡ଼ି ଆଚାର। ଏହାକୁ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୩୦/୨୦୨୩ Bhubaneswar, Tuesday, May 30/ 2023

# ଭାରତୀୟ ଦଳର ଟ୍ରେନିଂ ଆରମ୍ଭ

ଆରୁଣ୍ଡେଲ (ସସେକ୍ସ), ୨୯।୫ (ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଇଂଲଣ୍ଡରେ ପହଞ୍ଚିଥିବା ଭାରତୀୟ କ୍ରିକେଟର ଦଳର ସଦସ୍ୟମାନେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ସୌନ୍ଦର୍ଯ୍ୟଭରା ଆରୁଣ୍ଡେଲ କ୍ୟାସେଲ କ୍ରିକେଟ କ୍ଲବରେ ସୋମବାର ଅନୁଷ୍ଠିତ ଟ୍ରେନିଂ ସେସନରେ ବ୍ୟାଟିଂ ମାଷ୍ଟର ବିରାଟ କୋହଲି ନେଟ୍ସରେ ଯୋଗ ଦେଇଛନ୍ତି। ତାଙ୍କ ସହିତ ବାମହାତୀ ସିମ୍ ବୋଲର ଜୟଦେବ ଉନାଡ୍‌କଟ୍‌ଙ୍କୁ ଦେଖିବାକୁ ମିଳିଥିଲା।

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**



ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ସୋମବାର ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଏହି ଟେଷ୍ଟ ମ୍ୟାଚ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କୋହଲିଙ୍କ ସମେତ ଦୁଇ ପେସ୍ ବୋଲର ଉମେଶ ଯାଦବ ଓ ମହମ୍ମଦ ସିରାଜଙ୍କ ଫଟୋ ଏହାର ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛି। ଡବ୍ଲ୍ୟୁଟିସି ପାଇଁ ଟିମ୍ ଇଣ୍ଡିଆ ଏହାର ଅଭ୍ୟାସ ଆରମ୍ଭ କରିଥିବା ବିସିସିଆଇ ଟୁଇଟ୍ କରିଛି। କୋହଲି, ଉମେଶ ଓ ସିରାଜ ସେମାନଙ୍କ ନୂଆ କିଟ୍ ସହ ଜଗିଙ୍ଗ କରିଥିଲେ। ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ନେଟ୍ସରେ ବୋଲିଂ ଅଭ୍ୟାସ କରିଥିଲେ। ଉନାଡକଟ୍ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଓ ବୋଲିଂ କୋଚ୍ ପାରସ ମାହାମ୍ବ୍ରେ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଇଂଲିଶ କାଉଣ୍ଟିରେ ସସେକ୍ସ ପାଇଁ ଖେଳୁଥିବା ଚେତେଶ୍ୱର ପୂଜାରା ଫାଇନାଲ ଲାଗି ପ୍ରସ୍ତୁତି ସକାଶେ ଟ୍ରେନିଂ ଗ୍ରାଉଣ୍ଡରେ ପହଞ୍ଚିଥିଲେ। ଡବ୍ଲ୍ୟୁଟିସି ଫାଇନାଲ ପାଇଁ ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଥିବା ଖେଳାଳିଙ୍କ ମଧ୍ୟରେ ଉମେଶ ଓ ଶାର୍ଦ୍ଦୁଳ ଠାକୁର ରହିଛନ୍ତି। ଅଧିନାୟକ ରୋହିତ ଶର୍ମା ଏବଂ ମୁମ୍ବାଇର ଯୁବ ଓପନର ଯଶସ୍ୱୀ ଜୈସ୍ୱାଲ ମଧ୍ୟ ପହଞ୍ଚିସାରିଛନ୍ତି। ରୋହିତ ମଙ୍ଗଳବାର ନେଟ୍ସ କରିବେ। ରବୀନ୍ଦ୍ର ଜାଡେଜା, ଶୁବମନ ଗିଲ୍, ମହମ୍ମଦ ଶାମି, କେ.ଏସ୍. ଭରତ ଏବଂ ଅଜିଙ୍କ୍ୟ ରାହାନେ ପ୍ରମୁଖ ଶେଷ ପର୍ଯ୍ୟାୟରେ ଅହମ୍ମଦାବାଦରେ ମଙ୍ଗଳବାର ଆଇପିଏଲ୍ ଫାଇନାଲ ଶେଷ ହେବା ପରେ ପ୍ରସ୍ଥାନ କରିବେ। ଜୁନ୍ ୩-୪ରେ ଋତୁରାଜ ଗାଏକ୍ୱାଡ ବିବାହ କରୁଥିବା ବିସିସିଆଇକୁ ଅବଗତ କରାଇବା ପରେ ଜୈସ୍ୱାଲଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ଦଳରେ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ଡବ୍ଲ୍ୟୁଟିସି ଫାଇନାଲ ଏକ ଆଇସିସି ଇଭେଣ୍ଟ ହୋଇଥିବା ବେଳେ ବର୍ତ୍ତମାନ ଇଂଲିଶ କାଉଣ୍ଟି ଚାମ୍ପିୟନଶିପ୍ ଚାଲିଥିବା ଦୃଷ୍ଟିରୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଭ୍ରମଣକାରୀ ଦଳ ପାଇଁ ଅଭ୍ୟାସ ମ୍ୟାଚ ଆୟୋଜନ କରାଯାଇପାରି ନାହିଁ।

## ଇଲିଙ୍ଗୱର୍ଥ, ଗାଫାନୀ ଫିଲ୍ଡ ଅମ୍ପାୟର

**ଦୁବାଇ, ୨୯।୫ (ପି.ଟି.):** ଲଣ୍ଡନରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁଥିବା ଆସନ୍ତା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମ୍ୟାଚ ଅଫିସିଆଲଙ୍କ ନାମ ଘୋଷଣା କରିଛି। ଇଂଲଣ୍ଡର ରିଚାର୍ଡ ଇଲିଙ୍ଗୱର୍ଥ ଓ ନ୍ୟୁଜିଲାଣ୍ଡର କ୍ରିସ୍ ଗାଫାନୀ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ। ବିଶ୍ୱ କ୍ରିକେଟର ଦୁଇ ହେଭିୱେଟଙ୍କ ମଧ୍ୟରେ ମ୍ୟାଚ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଦି ଓଭାଲଠାରେ ହେବ। ଇଂଲଣ୍ଡର ଅନ୍ୟ ଜଣେ ଅମ୍ପାୟର ରିଚାର୍ଡ କେଟଲବୋରୋ କ୍ରମାଗତ ଦ୍ୱିତୀୟ ଥର ଡବ୍ଲ୍ୟୁଟିସି ଫାଇନାଲରେ ମ୍ୟାଚ ଅଫିସିଆଲ ଭାବେ କାର୍ଯ୍ୟକରିବେ। ସେ ପୁଣି ଟିଭି ଅମ୍ପାୟର ଭାବେ ନିଯୁକ୍ତି ପାଇଛନ୍ତି। ଶ୍ରୀଲଙ୍କାର କୁମାର ଧର୍ମସେନା ଚତୁର୍ଥ ଅମ୍ପାୟର ଏବଂ ୱେଷ୍ଟଇଣ୍ଡିଜର ରିଚି ରିଚାର୍ଡସନ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇବେ। ଭାରତ ପୂର୍ବରୁ ଥରେ ଡବ୍ଲ୍ୟୁଟିସି ଫାଇନାଲ ଖେଳିସାରିଛି। ଅଷ୍ଟ୍ରେଲିଆ କିନ୍ତୁ ପ୍ରଥମ ଥର ଫାଇନାଲ ଖେଳିବ।

## ସେମିରେ ରାଇଜିଂ ଷ୍ଟୁଡେଣ୍ଟ୍ସ

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି):** ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର (୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟରଫାଇନାଲ ଜିତି କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଭୁବନେଶ୍ୱରର ଶେଖର ସ୍ପୋର୍ଟିଂକୁ ୬୮ ରନରେ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଇଜିଂ ଷ୍ଟୁଡେଣ୍ଟ୍ସ ୩୦ ଓଭରରେ ୫ ଉଇକେଟ ହରାଇ ୧୫୧ ରନ କରିଥିଲା। ଦଳ ପକ୍ଷରୁ ସମ୍ବିତ କେ. ବେଜା ସର୍ବାଧିକ ୪୮ ରନ କରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ଜି. କାର୍ତ୍ତିକ ରେଡ୍ଡୀ ଓ ସୂର୍ଯ୍ୟାଂଶୁ ଶୁଭଧା କମ୍ ରନ ଦେଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶେଖର ସ୍ପୋର୍ଟିଂ ୧୯ ଓଭରରେ ମାତ୍ର ୮୩ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ସାହିଲ ସତ୍ୟବ୍ରତ ନାଏକ ୪୧ ରନ କରିଥିଲେ ମଧ୍ୟ ଅନ୍ୟ ଖେଳାଳିଙ୍କ ବିଫଳତା ଯୋଗୁ ଦଳ ପୂରା ଓଭର ଖେଳିପାରି ନ ଥିଲା। ବିଜୟୀ ଦଳର ସମ୍ବିତ ବେଜା ୧୫ ରନରେ ୩ଟି ଏବଂ ବିବେକ ଆର. ନଡିଆ ୧୨ ରନରେ ୪ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସମ୍ବିତ କେ. ବେଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରଣଜୀ ଟ୍ରଫି ଖେଳାଳି ଅନୁରାଗ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ।

# କିଟ୍ ମହିଳା ରୋଇଂ ଦଳକୁ ରୌପ୍ୟ

**ଲାଲୁ ପ୍ରସାଦଙ୍କୁ ରୌପ୍ୟ, ଅଭିଷେକଙ୍କୁ ବ୍ରୋଞ୍ଜ**

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି)**

ଉତ୍ତର ପ୍ରଦେଶର ବିଭିନ୍ନ ସହରରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ର ମହିଳା ରୋଇଂ ଦଳ ରୌପ୍ୟ ପଦକ ହାସଲ କରିଛି। ମହିଳା ୨୦୦୦ ମିଟର (ଡବ୍ଲ୍ୟୁ୨ଏକ୍ସ) ଇଭେଣ୍ଟରେ ଅବିନାଶ କୌର ଓ ଅରୁନ୍‌ପ୍ରୀତ କୌର ଏହି ସଫଳତା ପାଇଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଅଭିଷେକ ଦଳବେହେରା ପୁରୁଷ ୧୦୦ ମିଟରରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଲାଲୁ ପ୍ରସାଦ ୧୦.୬୦ ଓ ଅଭିଷେକ ୧୦.୭୨ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପୁରୁଷ ଟେନିସ ସେମିଫାଇନାଲରେ କିଟ୍ ଦଳ ୧-୨ରେ ଆନ୍ନା ବିଶ୍ୱବିଦ୍ୟାଳୟଠାରୁ ହାରି ଯାଇଛି। ମଙ୍ଗଳବାର ବ୍ରୋଞ୍ଜ ପଦକ ମ୍ୟାଚରେ ଏହି ଦଳ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ଭେଟିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ହକି ଦଳ ୪-୩ ଗୋଲରେ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।



ପଦକ ପ୍ରଦର୍ଶନ କରୁଛନ୍ତି ଅବିନାଶ କୌର ଓ ଅରୁନ୍‌ପ୍ରୀତ୍ କୌର।

# ପ୍ରତ୍ୟାଶାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**




ପଦକ ସହ ପ୍ରତ୍ୟାଶା ରାୟ।

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି):** ଉତ୍ତର ପ୍ରଦେଶର ଗ୍ରେଟର୍ ନଏଡାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସୁଇମିଂ ଇଭେଣ୍ଟରେ ଓଡ଼ିଶାର ପ୍ରତ୍ୟାଶା ରାୟ ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ସୋମବାର ଅନୁଷ୍ଠିତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ୩୧.୯୯ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଚଳିତ ପ୍ରତିଯୋଗିତାରେ ଏହାକୁ ମିଶାଇ ପ୍ରତ୍ୟାଶା ୨ ସ୍ୱର୍ଣ୍ଣ ଏବଂ ୩ ରୌପ୍ୟ ପଦକ ପାଇଛନ୍ତି। ପୂର୍ବରୁ ସେ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୪୦୦ ମିଟର ଫ୍ରିଷ୍ଟାଇଲ, ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଓ ୨୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ରୌପ୍ୟ ପଦକ ପାଇଥିଲେ।

## ରେସ୍‌ଲରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହୃଦୟ ବିଦାରକ

**ନୂଆଦିଲ୍ଲୀ, ୨୯।୫ (ପି.ଟି.):** ସଂସଦ ଭବନ ଉଦ୍‌ଘାଟନ ସମୟରେ ରେସ୍‌ଲରମାନଙ୍କ ପ୍ରତି ଦିଲ୍ଲୀ ପୋଲିସ୍ ବ୍ୟବହାରକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଶୁଟର ଅଭିନବ ବିନ୍ଦ୍ରା। ପୋଲିସ ଓ ରେସଲରଙ୍କ ମଧ୍ୟରେ ଘଟିଥିବା ଘଟଣା ହୃଦୟ ବିଦାରକ ରହିଥିଲା। ଏହାର ଭିଡିଓ ଦେଖିବା ପରେ ସେ ରାତିରେ ଶୋଇ ପାରି ନ ଥିବା କହିଛନ୍ତି ବିନ୍ଦ୍ରା। ଅଲିମ୍ପିକ୍ସ ପଦକ ବିଜେତା ଆଥଲେଟମାନଙ୍କୁ ପୋଲିସ୍ ଯେଉଁଭଳି ବ୍ୟବହାର କଲା ତାହା ଅତ୍ୟନ୍ତ ନିନ୍ଦାଜନକ। ଯୌନ ଶୋଷଣ ମାମଲାରେ ରେସଲିଂ ଫେଡେରେଶନ ମୁଖ୍ୟ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଗିରଫ ଦାବିରେ ମହିଳା ମହାପଞ୍ଚାୟତ ସହିତ ରେସ୍‌ଲରମାନେ ନବନିର୍ମିତ ସଂସଦ ଭବନକୁ ଯାଉଥିଲେ। ଭାରତୀୟ ଖେଳାଳିଙ୍କ ପ୍ରତି ହୋଇଥିବା ନିର୍ଯାତନାର ଛବି ସାରା ରାତି ମୋ ମୁଣ୍ଡରେ ଘୂରି ବୁଲୁଥିଲା। ଏହି ଘଟଣାରେ ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ଓ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଲରାଉଣ୍ଡର ଇର୍ଫାନ୍ ପଠାନ ମଧ୍ୟ ଏହି ଘଟଣାକୁ ସମାଲୋଚନା କରିଛନ୍ତି। ରେସ୍‌ଲରମାନଙ୍କୁ ପୋଲିସ ବଳ ପ୍ରୟୋଗ କରି ଉଠାଇବା ସହିତ ଅଲଗା ଅଲଗା ଥାନାରେ ଅଟକ ରଖିଥିଲା।

## 'ଦକ୍ଷତାର ୭୦ ପ୍ରତିଶତ ଉପଯୋଗ କରିଛି ଭାରତ'

**ସାଲାଲାହ (ଓମାନ), ୨୯।୫ (ପି.ଟି.)**

ଓମାନରେ ଅନୁଷ୍ଠିତ ପୁରୁଷ ଜୁନିୟର ଏସିଆ କପ୍ ହକିର ସେମିଫାଇନାଲରେ ପ୍ରବେଶ କରିଛି ଡିଫେଣ୍ଡିଂ ଚାମ୍ପିୟନ ଭାରତ। ରବିବାର ପୁଲ୍ ଏର ଏକ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୧୭-୦ରେ ପରାସ୍ତ କରିଥିଲା ଦଳ। ୪ ମ୍ୟାଚରୁ ୧୦ ପଏଣ୍ଟ ସହିତ ଭାରତ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଭାରତର ଏହି ବିଜୟରେ ଦଳ ନିଜ ଦକ୍ଷତାର ୭୦ ପ୍ରତିଶତ ଉପଯୋଗ କରିଥିଲା ବୋଲି କହିଛନ୍ତି କୋଚ୍ ସି ଆର. କୁମାର। ସେମି ଫାଇନାଲ ଓ ଫାଇନାଲ ପୂର୍ବରୁ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଦଳର ମନୋବଳ ଦୃଢ଼ କରିଥାଏ ବୋଲି ମଧ୍ୟ କୋଚ୍ କହିଛନ୍ତି। ଏହା ସହ ନକ୍‌ଆଉଟ ମ୍ୟାଚରେ ଭାରତୀୟ ଦଳ ନିଜ ଅବଶିଷ୍ଟ ଦକ୍ଷତା ପ୍ରଦର୍ଶନ କରିବ ବୋଲି କହିଛନ୍ତି କୁମାର। ଭାରତ ପକ୍ଷରୁ ଅଙ୍ଗଦ ବୀର ସିଂ (୧୩, ୩୩, ୪୭ ଓ ୫୫ ମିନିଟ) ସର୍ବାଧିକ ୪ ଗୋଲ ସ୍କୋର କରିଥିଲେ। ଜୁନିୟର ଦଳର ପ୍ରଦର୍ଶନକୁ ନେଇ ସେ ସନ୍ତୋଷ ପ୍ରକାଶ କରିବା ସହିତ ସମସ୍ତ ଖେଳାଳିଙ୍କ ଉପରେ ତାଙ୍କର ଆତ୍ମବିଶ୍ୱାସ ରହିଥିବା ସେ ପ୍ରକାଶ କରିଛନ୍ତି। ଭାରତ ବର୍ତ୍ତମାନ ପଏଣ୍ଟ ଟେବୁଲର ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ଜାପାନକୁ ୧୪ ଗୋଲ ବ୍ୟବଧାନରେ ପରାସ୍ତ କଲେ ପାକିସ୍ତାନ ପ୍ରଥମ ସ୍ଥାନ ହାସଲ କରି ପାରିବ। ଅଙ୍ଗଦଙ୍କ ବ୍ୟତିତ ଯୋଗେମ୍ବର ରାୱତ (୧୭ ମିନିଟ), ଉତ୍ତମ ସିଂ (୨୪ ଓ ୩୧ ମିନିଟ), ଅମନଦୀପ୍ ଲାକ୍ରା (୨୬ ଓ ୨୯ ମିନିଟ), ଅରିଜିତ୍ ସିଂ ହୁଣ୍ଡାଲ (୩୬ ମିନିଟ), ବିଷ୍ଣୁ କାନ୍ତ ସିଂ (୩୮ ମିନିଟ), ବବି ସିଂ ଧାମି (୪୫ ମିନିଟ), ଶାରଦା ନନ୍ଦ ତିୱାରୀ (୪୬ ମିନିଟ), ଅମନଦୀପ୍ (୪୭ମିନିଟ), ରୋହିତ (୪୯ ମିନିଟ୍), ସୁନୀତ ଲାକ୍ରା (୫୪ ମିନିଟ୍) ଓ ରାଜିନ୍ଦର ସିଂ (୫୬ ମିନିଟ୍)ରେ ଗୋଲ ଦେଇଥିଲେ।

**ଜୁନିୟର ଏସିଆ କପ୍ ହକି**




ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୨୯।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଦୁଇ ଦିନିଆ ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନପ ଜିମ୍ ଓ କ୍ଲବରୁ ବିଭିନ୍ନ ବିଭାଗରେ ମୋଟ ୧୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଉତ୍କଳ କରାଟେ ଜିମ୍ ୩୪ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୨ ବ୍ରୋଞ୍ଜ ପଦକ ସହ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ସେଣ୍ଟର ସିଟି ଜିମ୍ ୫ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ଦ୍ୱିତୀୟ ଏବଂ ୟୁନିକ୍ ଫିଟ୍‌ନେସ ଜିମ୍ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ରାଜ୍ୟ ସଂଘ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ଉପସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲା ସଂଘର ସମ୍ପାଦକ ସମରେନ୍ଦ୍ର ରାଉତରାୟ, କୋଷାଧ୍ୟକ୍ଷ ପ୍ରଦୀପ ପାତ୍ର, କୃଷ୍ଣ ଚନ୍ଦ୍ର ସାହୁ, ରାକେଶ ଶତପଥୀ, ଶକ୍ତିରଞ୍ଜନ ବାରିକ, ଅନୁପମା ସ୍ୱାଇଁ, ଗୌରି ମହାନ୍ତି, ହିମାଂଶୁ ଶେଖର ଦାସ, ଜାଭେଦ ଅର୍ସଦ ଓ ଦେବାଶିଷ ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।




ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାର ଉଦ୍‌ଯାପନୀ ପରେ କର୍ମକର୍ତ୍ତାଙ୍କ ସହ କୃତୀ ପ୍ରତିଯୋଗୀ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ